
ODIA DAILY EDITION
08.09.2026
କଟକ, ମଙ୍ଗଳବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦
ସେପ୍ଟେମ୍ବର-୦୮, ୨୦୨୬
ବର୍ଷ-୩୮, ସଂଖ୍ୟା-୬୪
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA
37 Years of publication SINCE 1989
Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews




## ପୁଣି ଘୁଞ୍ଚିଲା ଡିଜିପି ଚୟନ ଶୁଣାଣି

### ଆସନ୍ତା ୧୬ରେ ହେବ ପରବର୍ତ୍ତୀ ଶୁଣାଣି

**ନୂଆଦିଲ୍ଲୀ/ଭୁବନେଶ୍ୱର, ୭।୯:** ଓଡ଼ିଶାର ନୂଆ ଡିଜିପି ନିଯୁକ୍ତିକୁ ନେଇ ସୁପ୍ରିମକୋର୍ଟରେ ଚାଲିଥିବା ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି ପୁଣିଥରେ ଘୁଞ୍ଚିଯାଇଛି। ଏବେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ୧୬ ତାରିଖରେ ହେବ।



ଶୁଣାଣି ସମୟରେ ଜେଲ ଡିଜି ସୁଶାନ୍ତ ନାଥ ମାମଲାରେ ହସ୍ତକ୍ଷେପ କରିଥିବା ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଧିକ ସମୟ ପାଇଁ ଅଦାଲତଙ୍କୁ ଅନୁରୋଧ କରିଥିଲେ। ଏହା ପରେ ସୁପ୍ରିମକୋର୍ଟ ମାମଲାର ଶୁଣାଣିକୁ ୧୬ ତାରିଖକୁ ସ୍ଥଗିତ ରଖିଛନ୍ତି।

ତେବେ ଆଇନଜୀବୀଙ୍କ ମତରେ, ଏହି ମାମଲାକୁ ଆଉ ବେଶୀ ଦିନ ପର୍ଯ୍ୟନ୍ତ ଟାଳି ରଖାଯିବ ନାହିଁ। ନିୟମ ଅନୁଯାୟୀ ଡିଜିପି ପଦବୀରେ ଆଡହକ୍ ବ୍ୟବସ୍ଥା ଦୀର୍ଘ ସମୟ ଚାଲିପାରିବ ନାହିଁ। ସେଥିପାଇଁ ସୁପ୍ରିମକୋର୍ଟ ଖୁବଶୀଘ୍ର ଚୂଡ଼ାନ୍ତ ନିଷ୍ପତ୍ତି ଦେଇପାରନ୍ତି ବୋଲି ଆଶା କରାଯାଉଛି। ଡିଜିପି ଚୟନ ପ୍ରକ୍ରିୟାକୁ ନେଇ ଏହି ମାମଲା ଓଡ଼ିଶା ପ୍ରଶାସନିକ ମହଲରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଏବେ ସମସ୍ତଙ୍କ ନଜର ସେପ୍ଟେମ୍ବର ୧୬ର ଶୁଣାଣି ଉପରେ ରହିଛି।

# ୧୮ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ

- ଓଡ଼ିଶା ଜନବିଶ୍ୱାସ ବିଲ୍-୨୦୨୬ ଅନୁମୋଦିତ
- ବେସାମରିକ ସେବା (ପେନସନ) ନିୟମାବଳୀ ଲାଗୁ
- ଶ୍ରୀଜଗନ୍ନାଥ ମନ୍ଦିର ଜମି ପାଇଁ ନୂଆ ନିୟମ
- ସରକାରୀ ସ୍କୁଲ ପାଇଁ 'ପଞ୍ଚସଖା ଶିକ୍ଷା ସେତୁ'
- ବିଦ୍ୟୁତ କ୍ଷେତ୍ରରେ ହେବ ବଡ଼ ନିବେଶ



**ଭୁବନେଶ୍ୱର, ୭।୯:** ରାଜ୍ୟ କ୍ୟାବିନେଟ୍‌ର ୪୭ତମ ବୈଠକରେ ସୋମବାର ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମିଳିଛି ଅନୁମୋଦନ । ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ୧୨ଟି ବିଭାଗର ୧୮ଟି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି । ବିଦ୍ୟୁତ, ଶିକ୍ଷା, ନିଯୁକ୍ତି ଓ ଶ୍ରୀଜଗନ୍ନାଥ ମନ୍ଦିର ଜମି ପରିଚାଳନା କ୍ଷେତ୍ରରେ ନିଆଯାଇଥିବା ନିଷ୍ପତ୍ତିକୁ ବିଶେଷ ଗୁରୁତ୍ୱ ଦିଆଯାଇଛି ।

ରାଜ୍ୟ ଇତିହାସରେ ବିଦ୍ୟୁତ କ୍ଷେତ୍ର ପାଇଁ ସବୁଠାରୁ ବଡ଼ ନିବେଶ ଭାବେ ୧୫,୯୪୮.୭୦ କୋଟି ଟଙ୍କାର ନିବେଶକୁ ଅନୁମୋଦନ ମିଳିଛି । ପ୍ରଥମ ଥର ପାଇଁ ଓଡ଼ିଶାରେ ୭୬୫ କେଭି ନେଟୱାର୍କ ବିକଶିତ କରାଯିବ । ଏହାସହ ଖୁର୍ଦ୍ଧୁଣୀ, ଡୁବୁରୀ ଓ କୋଲାବିରାରେ ୩ଟି ନୂଆ ଗ୍ରିଡ୍ ସବ୍‌ଷ୍ଟେସନ୍ ନିର୍ମାଣ ହେବ । ରାଜ୍ୟରେ ୪୦୦ କେଭି ନେଟୱାର୍କ ୫ଟିରୁ ବୃଦ୍ଧି ପାଇ ୧୩ଟି ହେବାକୁ ଥିବାବେଳେ ୨୨୦ କେଭି ନେଟୱାର୍କ ୪୮ରୁ ୭୫କୁ ବୃଦ୍ଧି କରାଯିବ। ହୀରାକୁଦ ଓ ଇନ୍ଦ୍ରାବତୀରେ ଫ୍ଲୋଟିଂ ସୋଲାର ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ନେଟୱାର୍କ ସହିତ ଇଓ ଆଧାରିତ ରକ୍ଷଣାବେକ୍ଷଣ ବ୍ୟବସ୍ଥା କରାଯିବ।

ଶ୍ରୀଜଗନ୍ନାଥ ମନ୍ଦିର ଜମି ପରିଚାଳନାକୁ ନେଇ ମଧ୍ୟ କ୍ୟାବିନେଟ୍ ବଡ ନିଷ୍ପତ୍ତି ନେଇଛି। ଶ୍ରୀଜଗନ୍ନାଥ ମନ୍ଦିର ଜମି ପାଇଁ ନୂଆ ନିୟମ, ୨୦୨୬ ଲାଗୁ କରିବାକୁ ଅନୁମୋଦନ ମିଳିଛି। ଏହା ସହ ୨୦୦୩ ଓ ୨୦୧୯ର ୟୁନିଫର୍ମ ପଲିସିକୁ ବାତିଲ କରାଯାଇଛି।

ଶିକ୍ଷା କ୍ଷେତ୍ରରେ ମଧ୍ୟ ଆସିଛି ନୂଆ ଯୋଜନା। 'ପଞ୍ଚସଖା ଶିକ୍ଷା ସେତୁ' ଯୋଜନାକୁ ଅନୁମୋଦନ ଦିଆଯାଇଛି। ଏହି ଯୋଜନା ଅଧୀନରେ ସରକାରୀ ସ୍କୁଲଗୁଡ଼ିକ ପାଇଁ ଦାନ କରାଗଲେ ସରକାର ତାହାର ଦୁଇଗୁଣା ଅର୍ଥ ମ୍ୟାଚିଂ ଗ୍ରାଣ୍ଟ ଭାବେ ଦେବେ। ଅର୍ଥାତ୍, ଦାତା ୧ ଟଙ୍କା ଦାନ କଲେ ସରକାର ୨ ଟଙ୍କା ଦେବ। ତେବେ ସରକାରୀ ମ୍ୟାଚିଂ ଗ୍ରାଣ୍ଟର ସର୍ବାଧିକ ସୀମା ୫୦ ଲକ୍ଷ ଟଙ୍କା ରହିବ। ଏହି ଯୋଜନାରେ ୫ ବର୍ଷରେ ୩୧୨.୯୬ କୋଟି ଟଙ୍କା ଖର୍ଚ୍ଚ ହେବ।

ୟୁନିଫର୍ମ ନିଯୁକ୍ତି ବ୍ୟବସ୍ଥାରେ ମଧ୍ୟ ସଂସ୍କାର ଅଣାଯାଇଛି।

(୨ୟ ପୃଷ୍ଠାରେ ଅବଶିଷ୍ଟାଂଶ)

## ଆଇଏଏସ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୭।୯:** ରାଜ୍ୟ ସରକାର ଆଇଏଏସ ସ୍ତରରେ ଅଦଳବଦଳ କରି ବରିଷ୍ଠ ଅଧିକାରୀମାନଙ୍କୁ ନୂଆ ଦାୟିତ୍ୱ ପ୍ରଦାନ କରିଛନ୍ତି। ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ଦକ୍ଷ କରିବା ଲକ୍ଷ୍ୟରେ

### ସୁରେଶ ବଶିଷ୍ଠ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ

ଏହି ପରିବର୍ତ୍ତନ କରାଯାଇଛି। ବରିଷ୍ଠ ଆଇଏଏସ ଅଧିକାରୀ ସୁରେଶ ବଶିଷ୍ଠଙ୍କୁ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ନିଯୁକ୍ତ କରାଯାଇଛି। ଏଥିସହ ସେ ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ। ସେହିପରି ସୁଧାଂଶୁ ମୋହନ ସାମଲଙ୍କୁ ଓଡ଼ିଶା ଖଣି ନିଗମର ଅଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଡା. ବୃନ୍ଦା ଡି. ଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବ୍ୟକ୍ତି ସଶକ୍ତୀକରଣ ବିଭାଗର କମିଶନର ତଥା ଶାସନ ସଚିବ ଦାୟିତ୍ୱ ଦିଆଯାଇଛି।


| | |
|---|---|
| ସେନ୍‌ସେକ୍ସ | ୭୬,୧୩୨ |
| ନିଫ୍ଟି | ୨୩,୭୭୯ |
| ସୁନା/୧୦ଗ୍ରା | ୧,୪୭,୨୫୫ |
| ରୂପା/କିଗ୍ରା | ୨,୫୦,୦୦୦ |
| ଡଲାର | ୯୪.୪୯ |

### ପାଣିପାଗ

**ସର୍ବାଧିକ**
ଭୁବନେଶ୍ୱର: ୩୫.୬°
କଟକ: ୩୫.୪°

**ସର୍ବନିମ୍ନ**
ଭୁବନେଶ୍ୱର: ୨୫.୪°
କଟକ: ୨୨.୮°

### ହାଲ୍‌ଚାଲ୍



ଦିଲ୍ଲୀରେ ବଡ଼ ଅଘଟଣ ପରେ
ଓଡ଼ିଶାରେ କମ୍ପନ ଉଠିଲା
ଭଙ୍ଗାଯିବ ପୁରୁଣା କୋଠା
ସ୍କୁଲ-ଅଙ୍ଗନବାଡ଼ି ନୋଟିସ ହୋଇଲା
ବିଲ୍ଡିଂ ମାଲିକଙ୍କ ସହ ପୁଅ ଓ ପତ୍ନୀଙ୍କୁ
ଗିରଫ କରାଗଲା ।

### ଦିଲ୍ଲୀ ଘଟଣା ପରେ ଓଡ଼ିଶାରେ କମ୍ପନ

## ଭଙ୍ଗାଯିବ ଦୁର୍ବଳ କୋଠା ସ୍କୁଲ-ଅଙ୍ଗନବାଡ଼ିକୁ ନୋଟିସ

**ଭୁବନେଶ୍ୱର, ୭।୯:** ଦିଲ୍ଲୀର ସତ୍ୟ ନିକେତନରେ ନିକଟରେ ଘଟିଥିବା ଭୟାବହ କୋଠା ଭୁଶୁଡ଼ିବା ଘଟଣା ପରେ ଏବେ ତତ୍ପର ହୋଇଛି ଓଡ଼ିଶା

### ବିଲ୍ଡିଂ ମାଲିକଙ୍କ ସହ ପୁଅ ଓ ପତ୍ନୀ ଗିରଫ

ସରକାର। ଦୁର୍ବଳ ଓ ବିପଦସଙ୍କୁଳ କୋଠାଗୁଡ଼ିକୁ ଚିହ୍ନଟ କରି ଭାଙ୍ଗିବା ପାଇଁ ପଦକ୍ଷେପ ଆରମ୍ଭ ହୋଇଛି। ଏନେଇ ସହରାଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ସରକାର କଡ଼ା ନଜର ରଖିଥିବା ଜଣାପଡ଼ିଛି।

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ସହରାଞ୍ଚଳରେ ଥିବା ଦୁର୍ବଳ ସରକାରୀ କୋଠାଗୁଡ଼ିକୁ ଭଙ୍ଗାଯାଉଛି। ଏହାସହ ଅସୁରକ୍ଷିତ ଘରୋଇ କୋଠାଗୁଡ଼ିକୁ ମଧ୍ୟ ଭାଙ୍ଗିବା ପାଇଁ ନୋଟିସ୍ ଜାରି କରାଯିବ। କେବଳ ସରକାରୀ କାର୍ଯ୍ୟାଳୟ ନୁହେଁ, ଦୁର୍ବଳ ସ୍କୁଲ କୋଠା ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ନେଇ ମଧ୍ୟ



ପ୍ରଶାସନ ପଦକ୍ଷେପ ନେଉଛି। ଏଭଳି ଅନେକ ଦୁର୍ବଳ କୋଠାକୁ ଭାଙ୍ଗିବା ପାଇଁ ଇତିମଧ୍ୟରେ ନୋଟିସ୍ ଦିଆଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

ସହର ସୀମା ଭିତରେ ଥିବା ବିପଦସଙ୍କୁଳ କୋଠାଗୁଡ଼ିକୁ ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଲୋକଙ୍କ ଜୀବନ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ସରକାର ଏହି ପ୍ରସଙ୍ଗରେ କଡ଼ା ନଜର ରଖିଛି ବୋଲି ମନ୍ତ୍ରୀ କହିଛନ୍ତି। ଦିଲ୍ଲୀ ଘଟଣାରେ ସାତଜଣଙ୍କ ଜୀବନ ଯାଇଥିବା ପରେ ଓଡ଼ିଶା ସରକାରଙ୍କ ଏହି ପଦକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି।

## ଏଲପିଜି ବୁକିଂ ଅବଧିରେ ପରିବର୍ତ୍ତନ

**ନୂଆଦିଲ୍ଲୀ, ୭।୯:** ପୁଣିଥରେ ଘରୋଇ ଏଲପିଜି ବୁକିଂ ଅବଧିରେ ବଡ଼ ପରିବର୍ତ୍ତନ। ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁ ସରକାର ଜାରି କରିଥିବା ୪୫ ଦିନିକିଆ ବୁକିଂ ଅବଧିକୁ ପ୍ରତ୍ୟାହାର କରି ନେଇଛନ୍ତି। ପୂର୍ବରୁ ସହାରାଞ୍ଚଳ ପାଇଁ ୨୫ ଦିନ ଓ ଗ୍ରାମାଞ୍ଚଳ ପାଇଁ ବୁକିଂ ଅବଧି ୪୫ ଦିନ ରହିଥିଲା। ହେଲେ ଏବେ ଠାରୁ ଉଭୟ ସହାରାଞ୍ଚଳ ଓ ଗ୍ରାମାଞ୍ଚଳ ପାଇଁ ବୁକିଂ ଅବଧିକୁ ୨୫ ଦିନ କରି ଦିଆଯାଇଛି। ଅର୍ଥାତ ୨୫ ଦିନ ଅନ୍ତରାଳେ ଗ୍ରାହକମାନେ ଏଣିକି ଏଲପିଜି ସିଲିଣ୍ଡର ବୁକିଂ କରିପାରିବେ। ଏନେଇ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ନିର୍ଦ୍ଦେଶନାମା ଜାରି କରିଛି।

## ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତ



**ଭୁବନେଶ୍ୱର, ୭।୯:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ମଧ୍ୟ ପ୍ରାଚ୍ୟ ରାଷ୍ଟ୍ର ସଂଯୁକ୍ତ ଆରବ ଏମିରେଟ୍ସକୁ ପାଞ୍ଚ ଦିନିଆ ଗସ୍ତରେ ଯାଉଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ପୁଞ୍ଜି ଆକର୍ଷଣ ପାଇଁ ବିଭିନ୍ନ ନିବେଶକ ଓ ଶିଳ୍ପପତିଙ୍କ ସହିତ ଆଲୋଚନା କରିବେ । ଏହାସହିତ ପ୍ରବାସୀ ଓଡ଼ିଆଙ୍କୁ ସମ୍ବୋଧନ କରି ଓଡ଼ିଶାର ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିବା ସହିତ ଓଡ଼ିଶା ଏବଂ ଟଇର ମଧ୍ୟରେ ବାଣିଜ୍ୟିକ ଓ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେବାର କାର୍ଯ୍ୟକ୍ରମ ରହିଛି ।

ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ପ୍ରଥମେ ନୂଆଦିଲ୍ଲୀ ଯାଇ ସେଠାରୁ ଆବୁଧାବି ଯିବେ । ୯ ତାରିଖ ଦିନ ଇଣ୍ଟରନ୍ୟାସନାଲ ହୋଲ୍ଡିଂ କମ୍ପାନୀ, ଇଣ୍ଡିଆନ ବିଜନେସ ଆଣ୍ଡ ପ୍ରଫେସନାଲ ଗ୍ରୁପ୍, ପେଟ୍ରୋ କେମିକାଲ କ୍ଷେତ୍ରର ବୋରଗ୍ କମ୍ପାନୀ ଆଦି ବିଶ୍ୱସ୍ତରୀୟ କମ୍ପାନୀର ପ୍ରମୁଖ ନେତୃତ୍ୱ ଏବଂ ଅଧିକାରୀମାନଙ୍କ ସହିତ ଆଲୋଚନା କରିବେ । ସେଦିନ ସନ୍ଧ୍ୟାରେ ଦୁବାଇରେ 'One District One Product' କାର୍ଯ୍ୟକ୍ରମ ଅଧୀନରେ ଉତ୍ପାଦିତ ଓଡ଼ିଶାର ବିଭିନ୍ନ ଦ୍ରବ୍ୟର ଏକ ପ୍ରଦର୍ଶନୀ ଉଦ୍ଘାଟିତ ହେବାର କାର୍ଯ୍ୟକ୍ରମ ରହିଛି ।

## ଭିଜିଲାନ୍ସ ଜାଲରେ ଆରଆଇ ଓ ଏଆରଆଇ

**ପୁରୀ, ୭।୯:** ଜମିକୁ ଚାଷ ଜମିରୁ ବାସଗୃହ ଜମିରେ ପରିବର୍ତ୍ତନ କରିବା ପାଇଁ ୩୫ ହଜାର ଟଙ୍କା ଲାଞ୍ଚ ଦାବି ଓ ଗ୍ରହଣ କରୁଥିବା ବେଳେ ପୁରୀ ଜିଲ୍ଲାର ଦୁଇ ରାଜସ୍ୱ ଅଧିକାରୀଙ୍କୁ ସୋମବାର ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ରଙ୍ଗେହାତ ଗିରଫ କରିଛି। ଗିରଫ ଅଧିକାରୀମାନେ ହେଲେ ପିପିଲି ତହସିଲ ଅଧୀନ ସିଉଳା ଜଓ ସର୍କଲର ରେଭେନ୍ୟୁ ଇନ୍ସପେକ୍ଟର କଲ୍ୟାଣୀ ଜେନା ଓ ଆସିଷ୍ଟାଣ୍ଟ ରେଭେନ୍ୟୁ ଇନ୍ସପେକ୍ଟର ପୂର୍ଣ୍ଣଚନ୍ଦ୍ର ବେହେରା। ଭିଜିଲାନ୍ସ ସୂତ୍ରରୁ ପ୍ରକାଶ, ଅଭିଯୋଗକାରୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନିୟମ ଅନୁଯାୟୀ ନିଜ ଚାଷ ଜମିକୁ ବାସଗୃହ ଜମିରେ ପରିବର୍ତ୍ତନ ପାଇଁ ଆବେଦନ କରିଥିଲେ। ତେବେ ଫାଇଲର ତଦନ୍ତ ରିପୋର୍ଟ ପ୍ରସ୍ତୁତ କରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପଠାଇବା ବଦଳରେ ଉଭୟ ଅଧିକାରୀ ୩୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ।



ଅଭିଯୋଗକାରୀ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ଲାଞ୍ଚ ନ ଦେଲେ କାମ ହେବ ନାହିଁ ବୋଲି ଅଧିକାରୀମାନେ ସ୍ପଷ୍ଟ କରିଦେଇଥିଲେ। ଏହାପରେ ସେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ।

ଅଭିଯୋଗକୁ ଆଧାର କରି ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ସୋମବାର ଏକ ସୁଚିନ୍ତିତ ଟ୍ରାପ୍ ଅପରେସନ କରିଥିଲା। ଯୋଜନା ଅନୁଯାୟୀ ଅଭିଯୋଗକାରୀ ୩୫ ହଜାର ଟଙ୍କା ଦେବା ସମୟରେ ଉଭୟ ଅଧିକାରୀଙ୍କୁ ରଙ୍ଗେହାତ କାବୁ କରାଯାଇଥିଲା। ଲାଞ୍ଚର ସମସ୍ତ ଟଙ୍କା ଜବତ କରି ପ୍ରମାଣ ଭାବେ ସିଜ୍ କରାଯାଇଛି।

ଗିରଫ ପରେ ଭିଜିଲାନ୍ସ ଅସଙ୍ଗତ ସମ୍ପତ୍ତି ଦିଗରୁ ମଧ୍ୟ ତଦନ୍ତ ଆରମ୍ଭ କରିଛି। ଏନେଇ ପୁରୀର ବ୍ରହ୍ମକୁଣ୍ଡି (ଚାରିଛକ), ଅଚ୍ୟୁତପୁର (ଚନ୍ଦନପୁର) ଏବଂ ଭୁବନେଶ୍ୱରର ରସୁଲଗଡ଼ ସ୍ଥିତ ତିନୋଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି। ଏହି ଘଟଣାରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ-୨୦୧୮ର ଧାରା ୭ ଅନୁଯାୟୀ ମାମଲା ରୁଜୁ ହୋଇଥିବା ବେଳେ ଉଭୟ ଅଭିଯୁକ୍ତଙ୍କ ବିରୋଧରେ ଅଧିକ ତଦନ୍ତ ଚାଲିଛି।

## ଦଶମ ଓ ଦ୍ୱାଦଶ ପାଇଁ ଏଣିକି କାର୍ଯ୍ୟ କରିବ ଗୋଟିଏ ବୋର୍ଡ

**ଭୁବନେଶ୍ୱର, ୭।୯:** ରାଜ୍ୟରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଏଣିକି ଗୋଟିଏ ବୋର୍ଡ ହେବ । ଦଶମ ଓ ଦ୍ୱାଦଶ ପରୀକ୍ଷା ପାଇଁ ବର୍ତ୍ତମାନ ଥିବା ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ ଏବଂ କାଉନସିଲ୍ ଅଫ୍ ହାୟର ସେକେଣ୍ଡାରୀ ଏଜୁକେସନ୍ ବଦଳରେ ଗୋଟିଏ ବୋର୍ଡ ବ୍ୟବସ୍ଥା ଲାଗୁ କରିବାକୁ ସରକାର ଯୋଜନା କରୁଛନ୍ତି । ଏନେଇ ଗଣଶିକ୍ଷା ସଚିବ ଏନ୍ ତିରୁମାଲା ନାୟକ ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ ଦଶମ ଓ ଦ୍ୱାଦଶ ପାଇଁ ଗୋଟିଏ ବୋର୍ଡ ଗଠନ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି।

### ମଝି ଆକାଶରେ ବିମାନ ଇଞ୍ଜିନରେ ତ୍ରୁଟି

## ଚେନ୍ନାଇରେ ଜରୁରୀକାଳୀନ ଅବତରଣ

**ଚେନ୍ନାଇ, ୭।୯:** କୁଆଲାଲମ୍ପୁରରୁ ଚେନ୍ନାଇ ଅଭିମୁଖେ ଆସୁଥିବା ମାଲେସିଆ ଏୟାରଲାଇନ୍ସର ବିମାନ MH ୦୧୫୬ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି। ମଝି ଆକାଶରେ ବିମାନର ଦ୍ୱିତୀୟ ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ବିମାନଟିକୁ ଜରୁରୀକାଳୀନ ଅବତରଣ କରାଯାଇଛି। ଏହି ବିମାନରେ ମୋଟ ୧୮୬ ଜଣ ଯାତ୍ରୀ ଥିଲେ।

ସୂଚନା ଅନୁଯାୟୀ, ବିମାନଟି ଆକାଶରେ ଥିବା ସମୟରେ ହଠାତ୍ ଏହାର ଦ୍ୱିତୀୟ ଇଞ୍ଜିନରେ ବୈଷୟିକ ତ୍ରୁଟି ଦେଖାଦେଇଥିଲା। ପାଇଲଟ୍ ବିପଦକୁ ଅନୁଭବ କରି ତୁରନ୍ତ ଚେନ୍ନାଇ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ବିମାନବନ୍ଦରରେ ହାଇ-ଆଲର୍ଟ ଜାରି କରାଯାଇଥିଲା। ରନୱେ ନିକଟରେ ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀ ଏବଂ ସିଆଇଏସଏଫ ଟିମକୁ ପ୍ରସ୍ତୁତ ରଖାଯାଇଥିଲା। ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିଥିଲା। ଅବତରଣ ପରେ ସମସ୍ତ ୧୮୬ ଯାତ୍ରୀ ଏବଂ ସେମାନଙ୍କ ସାମଗ୍ରୀକୁ ସୁରକ୍ଷିତ ଭାବେ ବାହାରକୁ ଅଣାଯାଇଛି। ପାଇଲଟଙ୍କ ଠିକ୍ ସମୟରେ ସୂଚନା ପ୍ରଦାନ ଏବଂ ସତର୍କତା ଯୋଗୁଁ ଏକ ବଡ଼ ଧରଣର ବିପତ୍ତି ଟଳିଯାଇଛି। ଏହି ଘଟଣାକୁ ନେଇ ବର୍ତ୍ତମାନ ଦିଲ୍ଲୀ ଏବଂ ଚେନ୍ନାଇର ବିମାନ ଚଳାଚଳ ବିଭାଗର ଅଧିକାରୀମାନେ ତଦନ୍ତ ଆରମ୍ଭ କରିଛନ୍ତି। ସୌଭାଗ୍ୟବଶତଃ ବିମାନରେ ଥିବା ସମସ୍ତ ଯାତ୍ରୀ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି।

## ପାରିବାରିକ ବିବାଦରୁ ପତ୍ନୀକୁ ଗୁଳି କରି ହତ୍ୟା

**ସମ୍ବଲପୁର, ୭।୯:** ପାରିବାରିକ ବିବାଦକୁ କେନ୍ଦ୍ର କରି ନିଜର ବିବାହିତା ପତ୍ନୀଙ୍କୁ ଗୁଳି କରି ହତ୍ୟା କରିଥିବା ଅଭିଯୋଗରେ ରେଢାଖୋଲ ଥାନା ପୋଲିସ ଅଭିଯୁକ୍ତ ପତ୍ନୀହନ୍ତାକୁ ଗିରଫ କରିଛି। ଏହି ଘଟଣା ରେଢାଖୋଲ ଥାନା ଅନ୍ତର୍ଗତ ଲଣ୍ଡିମାଳ ଗ୍ରାମରେ ଘଟିଥିବା ଜଣାପଡିଛି । ସୂଚନାନୁଯାୟୀ ଲଣ୍ଡିମାଳ ଗ୍ରାମର ୪୦ ବର୍ଷୀୟ ଚରଣ ମିର୍ଦ୍ଧା ପାରିବାରିକ ବିବାଦକୁ କେନ୍ଦ୍ର କରି ନିଜ ପତ୍ନୀକୁ ଗୁଳି କରିବା ଫଳରେ ଘଟଣାସ୍ଥଳରେ ହିଁ ପତ୍ନୀର ମୃତ୍ୟୁ ଘଟିଥିଲା । ଏହି ଦମ୍ପତି ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଦାମ୍ପତ୍ୟ ଜୀବନ ଅତିବାହିତ କରି ଆସୁଥିବା ବେଳେ ହଠାତ୍ ଏପରି କେଉଁ କାରଣ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ ।

## ଆଉ ବଢ଼ିବନି ଧାନ କିଣା ଅବଧି

**ଭୁବନେଶ୍ୱର, ୭।୯:** ଓଡ଼ିଶାରେ ଚଳିତ ଖରିଫ ଋତୁରେ ସରକାରୀ ସ୍ତରରେ ଧାନ ବିକ୍ରି କରିବା ପାଇଁ ରେକର୍ଡ ସଂଖ୍ୟକ ୨୧,୪୨,୭୨୩ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସୋମବାର ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ଧାନ ବିକ୍ରି ପାଇଁ ଚାଷୀଙ୍କ ପଞ୍ଜୀକରଣର ସମୟସୀମା ଆଉ ବଢ଼ାଯିବ ନାହିଁ। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ପୂର୍ବରୁ ପଞ୍ଜୀକରଣ ପାଇଁ ଅତିରିକ୍ତ ୭ ଦିନ ସମୟ ଦେଇଥିଲେ।

ସେ କହିଛନ୍ତି ଯେ, ଯେଉଁ ଚାଷୀମାନେ ଏପର୍ଯ୍ୟନ୍ତ ପଞ୍ଜୀକରଣ ସମ୍ପୂର୍ଣ୍ଣ କରିନାହାନ୍ତି, ସେମାନେ ସୋମବାର ରାତି ୧୧ଟା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ପୂରା କରିପାରିବେ। ଏହାପରେ ପଞ୍ଜୀକରଣର ସମୟସୀମା ସ୍ଥାୟୀ ଭାବେ ଶେଷ ହୋଇଯିବ।

ସାମନ୍ତ କହିଛନ୍ତି ଯେ, ଗତବର୍ଷ ଧାନ ବିକ୍ରି ପାଇଁ ପ୍ରାୟ ୧୯.୬୭ ଲକ୍ଷ ଚାଷୀ ପଞ୍ଜୀକରଣ କରିଥିଲେ। ଚଳିତ ବର୍ଷ ଏହି ସଂଖ୍ୟା ୨୧ ଲକ୍ଷ ଅତିକ୍ରମ କରିଛି, ଯାହା ରାଜ୍ୟରେ ଏପର୍ଯ୍ୟନ୍ତର ସର୍ବାଧିକ ପଞ୍ଜୀକରଣ।

ସେ କହିଛନ୍ତି ଯେ, ରାଜ୍ୟ ସରକାର ଚାଷୀଙ୍କ ସ୍ୱାର୍ଥରେ ନିରନ୍ତର

### ରେକର୍ଡ ୨୧.୪୨ ଲକ୍ଷ ଚାଷୀଙ୍କ ପଞ୍ଜୀକରଣ

କାର୍ଯ୍ୟ କରୁଛନ୍ତି। ଏଥିସହ ପଞ୍ଜୀକରଣ ପ୍ରସଙ୍ଗରେ ବିରୋଧୀ ଦଳ ପକ୍ଷରୁ ଆନ୍ଦୋଳନର ଚେତାବନୀ ଦିଆଯାଇଥିବା ନେଇ ମଧ୍ୟ ମନ୍ତ୍ରୀ ପ୍ରଶ୍ନ ଉଠାଇଛନ୍ତି। ସମବାୟ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ସାରର ଉପଲବ୍ଧତା ଓ ବଂଟନ ବ୍ୟବସ୍ଥା ଉପରେ ସରକାର ନିରନ୍ତର ନଜର ରଖିଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନ ଓଡ଼ିଶାରେ ପ୍ରାୟ ୨୪,୪୦୦ ଟନ୍ ସାର ମହଜୁଦ ରହିଛି।

## ଭୂଦାନ ଜମି ଜାଲିଆତିର ହେବ ତଦନ୍ତ, ବାସହୀନଙ୍କୁ ମିଳିବ ଜମି

**ଭୁବନେଶ୍ୱର, ୭।୯:** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବିଭାଗର ବିଭିନ୍ନ ପ୍ରମୁଖ ଯୋଜନା ଏବଂ ନାଗରିକ କୈନ୍ଦ୍ରିକ ସେବାଗୁଡ଼ିକର କାର୍ଯ୍ୟକାରିତା ସଂକ୍ରାନ୍ତରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ରାଜ୍ୟର ଜନସାଧାରଣଙ୍କୁ ସ୍ୱଚ୍ଛ, ଦ୍ରୁତ ଓ ସୁଗମ ରାଜସ୍ୱ ସେବା ଯୋଗାଇଦେବା ସହ ଜମିଜମା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସଂସ୍କାରମୂଳକ ପଦକ୍ଷେପର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଛି।

ବୈଠକର ଆଲୋଚନା ଅନୁଯାୟୀ, ରାଜ୍ୟରେ ଥିବା ପ୍ରାୟ ସମସ୍ତ ଭୂଦାନ ଜମିର ପୁରାତନ ରେକର୍ଡଗୁଡ଼ିକର ସ୍କାନିଂ, ଡିଜିଟାଲାଇଜେସନ୍ ଏବଂ 'ଭୂଦାନ ଏଲଆରଏମଏସ ପୋର୍ଟାଲ'

### ● ରାଜସ୍ୱ ବିଭାଗର ବିଭିନ୍ନ ଯୋଜନା ସଂକ୍ରାନ୍ତରେ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା

ମାଧ୍ୟମରେ ଭୂଲେଖ (ଭୂଲେଖ ) ସହ ଯୋଡ଼ାଯିବାର ବ୍ୟବସ୍ଥା କରାଯିବ ।

ଡିଜିଟାଲ ରେକର୍ଡ ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ଭୂଦାନ ଜମିର ଅବୈଧ ହସ୍ତାନ୍ତର ଓ ମ୍ୟୁଟେସନ୍ ଉପରେ କଟକଣା ଲଗାଯିବ । ଭୂଦାନ ଜମି ସମ୍ପର୍କିତ ଜାଲିଆତିର ଦୃଢ଼ ତଦନ୍ତ ହେବା ସହ ବେଆଇନ



ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବ ।

ବୈଠକର ସୂଚନା ଅନୁଯାୟୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂସମ୍ପତ୍ତିର ସୁରକ୍ଷାକୁ ପ୍ରାଥମିକତା ଦେଇ ରାଜ୍ୟର ପ୍ରାଥମିକ ପର୍ଯ୍ୟାୟରେ ୧୭ଟି ଜିଲ୍ଲାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ମୋଟ ୩୧,୯୦୬.୫୨ ଏକର (ଖୋର୍ଦ୍ଧା ଜିଲ୍ଲାରେ ୨୦,୫୦୭.୩୬ ଏକର) ଜମି ହାଲ୍ ରେକର୍ଡ ହୋଇଛି। ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ ଏସଜେଟିଏ ଜମିରୁ ବେଆଇନ ଜବରଦଖଲ ଉଚ୍ଛେଦ (ବିଶେଷକରି ଜାତୀୟ/ରାଜ୍ୟ ରାଜପଥ କଡ଼ରେ) ଏବଂ ରାଜସ୍ୱ ମାମଲାର ଦ୍ରୁତ ସମାଧାନ ପାଇଁ କଡ଼ା ପଦକ୍ଷେପ ନିଆଯାଉଛି।

ଏହି ପରିପ୍ରେକ୍ଷୀରେ ବିଭିନ୍ନ ଜିଲ୍ଲା ତଥା ଅନ୍ୟ ରାଜ୍ୟମାନଙ୍କରେ ଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂସମ୍ପତ୍ତିର ସୁରକ୍ଷା ଏବଂ ପୁନରୁଦ୍ଧାରକୁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟକାରୀ କରିବା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟ ରାଜ୍ୟମାନଙ୍କୁ ପର୍ଯ୍ୟାୟକ୍ରମେ ଚିଠି ଲେଖାଯାଇ ସେସବୁ ରାଜ୍ୟରେ ଥିବା ମହାପ୍ରଭୁଙ୍କ ଭୂସମ୍ପତ୍ତି ସମ୍ବନ୍ଧୀୟ ସମସ୍ତ ତଥ୍ୟ ସଂଗ୍ରହ ସହ ସେସବୁର ପୁନରୁଦ୍ଧାର କରାଯାଇ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀ, ମାର୍ଫତ୍ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ସପକ୍ଷରେ ସମ୍ପୂର୍ଣ୍ଣ ପଞ୍ଜୀକରଣ ନିମନ୍ତେ ପଦକ୍ଷେପ ନିଆଯିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା ।

## ହାଲୋ ବଲିଉଡ୍





### ସମୟ ରୈନାଙ୍କ ଶୋକୁ ନେଇ ତାତିଲେ କୈଳାସ ଖେର

କମେଡିଆନ୍ ସମୟ ରୈନାଙ୍କ ଚର୍ଚ୍ଚିତ ଶୋ' ଇଣ୍ଡିଆଜ୍ ଗଟ୍ ଲେଟେଣ୍ଟ ୨'କୁ ନେଇ ପୁଣିଥରେ ବିବାଦ ଦେଖାଦେଇଛି। ଶୋ'ର ଗତ ସପ୍ତାହର ଏପିସୋଡରେ ବିହାର ଓ କଶ୍ମୀରକୁ ନେଇ ହୋଇଥିବା ଟିପ୍ପଣୀକୁ ନେଇ ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ଆସୁଛି। ଏହି ପ୍ରସଙ୍ଗରେ ଏବେ ବଲିଉଡ ଗାୟକ ତଥା କଳାକାର କୈଳାସ ଖେର ମଧ୍ୟ ନିଜ ମତ ରଖିଛନ୍ତି। ଏଏନ୍ଆଇ ସହ ଏକ ସତନ୍ତ୍ର ଆଲୋଚନା ସମୟରେ କୈଳାସ ଖେରଙ୍କୁ ସମୟ ରୈନା ଓ କମେଡିଆନ୍ ଶେରନ୍ ବର୍ମାଙ୍କ ମଧ୍ୟରେ ହୋଇଥିବା ବିବାଦୀୟ କଥାବାର୍ତ୍ତା ସମ୍ପର୍କରେ ପଚରାଯାଇଥିଲା। ଏହାର ଉତ୍ତରରେ ସେ ସଙ୍ଗୀତର ଉଦାହରଣ ଦେଇ କହିଛନ୍ତି ଯେ ସୃଜନଶୀଳତାର ଅର୍ଥ ନିୟମ କିମ୍ବା ମର୍ଯ୍ୟାଦାକୁ ଭାଙ୍ଗିଦେବା ନୁହେଁ। କୈଳାସ ଖେର କହିଛନ୍ତି, ସଙ୍ଗୀତ କେବଳ ଗୋଟିଏ ସୁର କିମ୍ବା ଧୁନ୍ ନୁହେଁ। ଏହା ଲୋକଙ୍କୁ ହସାଇପାରେ, ଆନନ୍ଦ ଦେଇପାରେ, କିନ୍ତୁ ଏହା ଏକ ପ୍ରକାର ଅନୁଶାସନ ମଧ୍ୟ। ମୌଳିକ କଥାରେ ଭୁଲ୍ ହେଲେ ଅଜାଣତରେ କଳା ଅନ୍ୟ ଜଣଙ୍କୁ ଉପହାସ କରିବାର ମାଧ୍ୟମରେ ପରିଣତ ହୋଇପାରେ ବୋଲି ସେ କହିଛନ୍ତି। କୈଳାସ ଖେର ଆହୁରି କହିଥିଲେ ଯେ ପ୍ରତ୍ୟେକ ମଣିଷ ନିଜ କଥାବାର୍ତ୍ତା ସମୟରେ ସଚେତନ ଓ ସମ୍ବେଦନଶୀଳ ରହିବା ଆବଶ୍ୟକ। ତାଙ୍କ ମତରେ, ମର୍ଯ୍ୟାଦା ରକ୍ଷା କରି ମଧ୍ୟ ଲୋକଙ୍କୁ ହସାଇହେବ ଏବଂ ସେମାନଙ୍କ ହୃଦୟ ଜିତିହେବ। କୈଳାଶ ଆହୁରି କହିଥିଲେ ଯେ ପରସ୍ପରର ଭାବନାକୁ ଆଘାତ ନଦେଇ ହସାଇବା ଓ ମନୋରଞ୍ଜନ କରିବା ସମ୍ଭବ।

## ଆରାବଳୀ ପାହାଡ଼ ମାମଲା

# ନଭେମ୍ବର ୩୦ ସୁଦ୍ଧା ରିପୋର୍ଟ ଦେବାକୁ କମିଟିକୁ ନିର୍ଦ୍ଦେଶ ଦେଲେ ସିଜେଆଇ

*ସୋମବାର ଏହି ମାମଲାର ଶୁଣାଣି ସମୟରେ ସିଜେଆଇ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଭି. ମୋହନାଙ୍କ ବେଞ୍ଚ କମିଟିକୁ ଦିନରାତି କାମ କରି ଦୁଇ ମାସ ଅର୍ଥାତ ୨୦୨୬ ନଭେମ୍ବର ୩୦ ସୁଦ୍ଧା ଅନ୍ତିମ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।*



**ନୂଆଦିଲ୍ଲୀ:** ଆରାବଳୀ ପାହାଡ଼ର ସଂଜ୍ଞା ନିରୂପଣ ନେଇ ଗଠିତ ହାଇ ପାୱାର୍ଡ କମିଟି ଉପରେ ଖପ୍ପା ସିଜେଆଇ ସୂର୍ଯ୍ୟକାନ୍ତ । ସମୟସୀମା ବୃଦ୍ଧି ଆବେଦନକୁ ସୁପ୍ରିମକୋର୍ଟଙ୍କ ସିଜେଆଇ ସୂର୍ଯ୍ୟକାନ୍ତ ସିଧାସଳଖ ପ୍ରତ୍ୟାଖ୍ୟାନ କରିବା ସହ ନିରାଶା ପ୍ରକାଶ କରିଛନ୍ତି । କମିଟି ଆଗାମୀ ୨୦୨୭ ଫେବୃଆରୀ ୨୮ ତାରିଖ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି ପାଇଁ ନିବେଦନ କରିଥିଲା, ଯାହାକୁ ଖାରଜ କରି ସିଜେଆଇ କହିଛନ୍ତି ଯେ ଏହା ତ ସିଧାସଳଖ ମୋ ଅବସର ପରର ତାରିଖ ମାଗିବା ଭଳି କଥା। ଯଦି କମିଟି କାର୍ଯ୍ୟ କରିବାକୁ ସକ୍ଷମ ନୁହେଁ, ତେବେ କୋର୍ଟ ଏକ ନୂଆ କମିଟି ଗଠନ କରିବେ ବୋଲି ସେ କଡ଼ା ଚେତାବନୀ ଦେଇଛନ୍ତି ।

ସୋମବାର ଏହି ମାମଲାର ଶୁଣାଣି ସମୟରେ ସିଜେଆଇ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଭି. ମୋହନାଙ୍କ ବେଞ୍ଚ କମିଟିକୁ ଦିନରାତି କାମ କରି ଦୁଇ ମାସ ଅର୍ଥାତ ୨୦୨୬ ନଭେମ୍ବର ୩୦ ସୁଦ୍ଧା ଅନ୍ତିମ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ଏହି ପ୍ୟାନେଲର ରିପୋର୍ଟ ଅଗଷ୍ଟ ୩୧ ସୁଦ୍ଧା ଦାଖଲ ହେବାର ଥିଲା। ଅରାବଳୀ ପାହାଡ଼ ଏବଂ ପର୍ବତମାଳାର ସଂଜ୍ଞା ନିରୂପଣ ଏବଂ ସୁରକ୍ଷା ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ କୋର୍ଟଙ୍କ ନିର୍ଦ୍ଦେଶରେ ଏହି ବିଶେଷଜ୍ଞ ପ୍ୟାନେଲ ଗଠନ କରାଯାଇଥିଲା ।

ବେଞ୍ଚ୍ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସେମାନେ ରାଜସ୍ଥାନ ଓ ଗୁଜରାଟର ଆଦିବାସୀ ସମ୍ପ୍ରଦାୟ ସମେତ ସମସ୍ତ ପକ୍ଷଙ୍କ ସହ ଆଲୋଚନା କରନ୍ତୁ ଏବଂ ଆବଶ୍ୟକ ସ୍ଥଳେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଅନ୍ତରୀଣ ରିପୋର୍ଟ ଦାଖଲ କରନ୍ତୁ, ଯାହାଦ୍ୱାରା କୋର୍ଟ ନିର୍ଦ୍ଦିଷ୍ଟ ପ୍ରଶ୍ନଗୁଡ଼ିକର ପୃଥକ ଭାବେ ସମାଧାନ କରିପାରିବେ। ମାମଲାର ପରବର୍ତ୍ତୀ ଶୁଣାଣି ୨୦୨୬ ଡିସେମ୍ବର ୨ ତାରିଖରେ ହେବ। ପ୍ରକାଶଯୋଗ୍ୟ ଯେ, ସିଜେଆଇ ସୂର୍ଯ୍ୟକାନ୍ତ ୨୦୨୫ ନଭେମ୍ବର ୨୪ରେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ୨୦୨୭ ଫେବୃଆରୀ ୯ରେ ଅବସର ଗ୍ରହଣ କରିବେ। ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଅବସର ପରେ ଜଷ୍ଟିସ ବିକ୍ରମ ନାଥ ପରବର୍ତ୍ତୀ ପ୍ରଧାନ ବିଚାରପତି ହେବାର ସମ୍ଭାବନା ରହିଛି ।

## ୧.୧୦ ଲକ୍ଷ କୋଟି ଟଙ୍କାର ପ୍ରତିରକ୍ଷା କ୍ରୟ ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କ ମଞ୍ଜୁରି

**ନୂଆଦିଲ୍ଲୀ:** ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ୍ ସିଂହଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ର ବୈଠକରେ ତିନି ସେନା ପାଇଁ ପ୍ରାୟ ୧ ଲକ୍ଷ ୧୦ ହଜାର କୋଟି ଟଙ୍କାର କ୍ରୟ ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ଏହାଦ୍ୱାରା ଭାରତୀୟ ସେନା ପାଇଁ ରାସାୟନିକ ଜୈବିକ ରେଡିଓଲୋଜିକାଲ୍ ଏବଂ ନ୍ୟୁକ୍ଲିୟର୍ ରେକି ଯାନ, ଉଚ୍ଚ ଗତିଶୀଳତା ଯାନ, ସ୍ୱୟଂଚାଳିତ ଯାନ୍ତ୍ରିକ ଖଣି ସ୍ତର, ଉନ୍ନତ ହାଲୁକା ହେଲିକପ୍ଟର, ଟ୍ରଲ୍ ଟ୍ୟାଙ୍କ୍ ଏବଂ ସର୍ବତ୍ରା ବ୍ରିଜ୍ ସିଷ୍ଟମ୍ କ୍ରୟ ହୋଇପାରିବ। ଅନୁମୋଦନ କରାଯାଇଥିବା ପ୍ରସ୍ତାବଗୁଡ଼ିକ ମଧ୍ୟରୁ ପ୍ରାୟ ୯୮ ପ୍ରତିଶତ ଭାରତୀୟ ଉଦ୍ୟୋଗରୁ କ୍ରୟ କରାଯିବ। ପ୍ରତିରକ୍ଷା ବାହିନୀର ବିଭିନ୍ନ ଅଧିଗ୍ରହଣ ପ୍ରସ୍ତାବକୁ ନୀତିଗତ ପ୍ରଶାସନିକ ଅନୁମୋଦନ (ଏ. ଓ. ଏନ୍.) ତିନୋଟି ସେବାକୁ ନୂତନ ଅସ୍ତ୍ରଶସ୍ତ୍ର ପ୍ରଦାନ କରି ଯୁଦ୍ଧ କ୍ଷମତାକୁ ମଜବୁତ କରିବ।

## ମଧ୍ୟପ୍ରଦେଶ ମଦ ମୃତ୍ୟୁ ଘଟଣା ୨୨କୁ ବୃଦ୍ଧି

**ଭୋପାଳ:** ମଧ୍ୟପ୍ରଦେଶର ସାଗର ଜିଲ୍ଲାର ବାନ୍ଦା ତହସିଲରେ ରବିବାର ବିଳମ୍ବିତ ରାତିଠାରୁ ସୋମବାର ଅପରାହ୍ନ ପର୍ଯ୍ୟନ୍ତ ଆଉ ୪ ଜଣ ଗ୍ରାମବାସୀ ହକ୍ ଯୋଗୁଁ ମୃତ୍ୟୁବରଣ କରିଥିଲେ। ମୃତ୍ୟୁ ସଂଖ୍ୟା ୨୨ରେ ପହଂଚିଛି। ଏହି ମାମଲାରେ ମଦ ବିକ୍ରି କରୁଥିବା ଠିକାଦାରଙ୍କ ସମେତ ପ୍ରାୟ ୩୦ ଜଣଙ୍କ ବିରୋଧରେ ଏଫ୍ଆଇଆର୍ ପଞ୍ଜୀକୃତ ହୋଇଛି। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ଗିରଫ କରାଯାଇଛି। ଉଲ୍ଲେଖନୀୟ କଥା ହେଉଛି, ଶନିବାର ରାତିରେ ଘୁଘର, ନୌରାଜ, ଗୁଗରା ଖୁର୍ଦ୍ଦ, ବାରାଜ ଏବଂ ବାନ୍ଦା ତହସିଲର ଆଖପାଖ ଅଂଚଳର କିଛି ଲୋକ ମଦ୍ୟପାନ କରିଥିଲେ। ଏହାପରେ ଅନେକ ଲୋକଙ୍କ ସ୍ୱାସ୍ଥ୍ୟ ହଠାତ୍ ଖରାପ ହୋଇଯାଇଥିଲା। ରବିବାର ସନ୍ଧ୍ୟା ସୁଦ୍ଧା ମୋଟ ୧୮ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୦୦ରୁ ଅଧିକ ଲୋକଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

## ସ୍ୱତନ୍ତ୍ର ଭରଦ୍ୱାଜଙ୍କୁ ଆଶ୍ୱସ୍ତି

# ତୁରନ୍ତ ଶୁଣାଣି କରିବାକୁ ରାଜି ହାଇକୋର୍ଟ

**ନୂଆଦିଲ୍ଲୀ:** ଜନ୍ତର ମନ୍ତରରେ କକରୋଚ ଜନତା ପାର୍ଟିର ଆନ୍ଦୋଳନ ସମୟରେ ମାରପିଟ୍ ଅଭିଯୋଗରେ ଗିରଫ ସ୍ୱତନ୍ତ୍ର ଭରଦ୍ୱାଜ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନିଜ ବିରୋଧରେ ହୋଇଥିବା ଆଇନଗତ

### ଗିରଫଦାରୀକୁ କରାଯାଇଛି ଚ୍ୟାଲେଞ୍ଜ

କାର୍ଯ୍ୟାନୁଷ୍ଠାନକୁ ଚ୍ୟାଲେଞ୍ଜ କରି ସେ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ, କୋର୍ଟ ତାଙ୍କ ଆବେଦନର ଜରୁରୀ ଶୁଣାଣି ପାଇଁ ସମ୍ମତି ପ୍ରକାଶ କରିଛନ୍ତି।

ପୋଲିସ୍ ଦ୍ୱାରା ଗିରଫଦାରୀକୁ ସମ୍ପୂର୍ଣ୍ଣ ବେଆଇନ ଦର୍ଶାଇ ଭାରଦ୍ୱାଜ ହାଇକୋର୍ଟରେ ଏକ 'ହେବିୟସ୍ କର୍ପସ୍' ପିଟିସନ୍ ଦାୟର କରିଛନ୍ତି। ନିଜର ଗିରଫ ପ୍ରକ୍ରିୟା ଆଇନଗତ ନିୟମାନୁସାରେ ହୋଇନଥିବା ଦାବି କରି, ତୁରନ୍ତ ଏହାର ଶୁଣାଣି କରିବାକୁ ସେ କୋର୍ଟଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ହାଇକୋର୍ଟ ଏହାକୁ ଶୀଘ୍ର ବିଚାରକୁ ନେବାକୁ ନିଷ୍ପତ୍ତି ନେଇଛନ୍ତି।

ସ୍ୱତନ୍ତ୍ରଙ୍କ ତରଫରୁ ଆଇନଜୀବୀ ଉମେଶ ଶର୍ମା ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ ଓ ବିଚାରପତି କରିଆଙ୍କ ପୀଠରେ ପିଟିସନ ଦାୟର କରିଛନ୍ତି। ଭରଦ୍ୱାଜଙ୍କୁ ସେପ୍ଟେମ୍ବର ୫ରେ ଉତ୍ତର ପ୍ରଦେଶରୁ ଗିରଫ କରାଯାଇଥିଲା। ଏହା ପରେ କୋର୍ଟ ତାଙ୍କୁ




ଦିନିକିଆ ପୋଲିସ ରିମାଣ୍ଡରେ ପଠାଇଥିଲେ। ଜଣେ ନାବାଳିକା ୟୁଟ୍ୟୁବରଙ୍କ ପିତାଙ୍କୁ ସିଜେପିର ଆନ୍ଦୋଳନ ସମୟରେ ସ୍ୱତନ୍ତ୍ର ଭରଦ୍ୱାଜ ମାଡ଼ ମାରିଥିବା ଅଭିଯୋଗ ରହିଛି।

ନିକଟରେ ଏକ ପଡକାଷ୍ଟରେ ଖୋଦ୍ ସ୍ୱତନ୍ତ୍ର ଭରଦ୍ୱାଜ ସ୍ୱୀକାର କରିଥିଲେ ଯେ, ସେ ସଞ୍ଜୟ ଆଜାଦ ନାମକ ଜଣେ ବ୍ୟକ୍ତିଙ୍କୁ ମାଡ଼ ମାରିଥିଲେ। ରାଜନୈତିକ ଲିଙ୍କ୍ କାରଣରୁ ତାଙ୍କୁ ପୋଲିସ ସେ ସମୟରେ ଗିରଫ କରି ପାରି ନ ଥିଲା। ଏପରିକି ସେ ଦୃଢ଼ତାର ସହ କହିଥିଲେ ଯେ, ମୋର ରାଜନେତାଙ୍କ ସହ ଏମିତି ସଂପର୍କ ରହିଛି, କେହି ମୋର କିଛି କରି ପାରିବେ ନାହିଁ। ତାଙ୍କର ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ୍ ହୋଇଥିଲା, ଯାହା ଦିଲ୍ଲୀ ପୋଲିସର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠିଥିଲା। ଏପରିକି ସ୍ୱତନ୍ତ୍ର ଉକ୍ତ ପଡକାଷ୍ଟରେ ଅନେକ ବିଜେପି ନେତାଙ୍କ ନାଁ ନେଇଥିଲେ।

ସଂପ୍ରତି ସ୍ୱତନ୍ତ୍ର ଭରଦ୍ୱାଜ ନିଜର ଗିରଫଦାରୀକୁ ଅସାମ୍ବିଧାନିକ ଓ ଅସଙ୍ଗତ ବୋଲି ଦର୍ଶାଇ ଭାରଦ୍ୱାଜ ଅଦାଲତର ଆଶ୍ରୟ ନେଇଛନ୍ତି। ହାଇକୋର୍ଟଙ୍କ ଏହି ଆଶୁ ଶୁଣାଣି ନିଷ୍ପତ୍ତି ପରେ ତାଙ୍କୁ କୋର୍ଟରୁ କୌଣସି ଆଶ୍ୱାସନା କିମ୍ବା ଜାମିନ୍ ମିଳୁଛି କି ନାହିଁ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ରକ୍ଷରୁ ମୋଦୀ ଓ ଯୋଗୀଙ୍କୁ ଭାରତୀୟ ଯୁବତୀଙ୍କ ନିବେଦନ

# ପୁଲିସ ମୋ ସ୍ୱାମୀଙ୍କୁ ଗିରଫ କରି ସେନାରେ ଭର୍ତ୍ତି କରିବାକୁ ଚାହୁଁଛି




**କିଭ୍:** ଭାରତରୁ କାର୍ଯ୍ୟ ଭିସାରେ ରୁଷ ଯାଇଥିବା ଜଣେ ଇଞ୍ଜିନିୟର ଚନ୍ଦନ ଗୁପ୍ତାଙ୍କ ପତ୍ନୀ ସ୍ନେହା ଗୁପ୍ତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ସାହାଯ୍ୟ ପାଇଁ ଆକୁଳ ନିବେଦନ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ରୁଷ ପ୍ରଶାସନ ତାଙ୍କ ସ୍ୱାମୀଙ୍କୁ କୌଣସି କାରଣ ବିନା ଗିରଫ କରିଛି ଏବଂ ତାଙ୍କୁ ବଳପୂର୍ବକ ସେନାରେ ଭର୍ତ୍ତି କରିବାକୁ ଯୋଜନା କରୁଛନ୍ତି। ସ୍ନେହା ମଧ୍ୟ ଅଭିଯୋଗ କରିଛନ୍ତି ଯେ, ରୁଷରେ ଥିବା ଭାରତୀୟ ଦୂତାବାସ କୌଣସି ଆଖିଦୃଶିଆ ସହାୟତା ଯୋଗାଇ ଦେଉନାହିଁ। ସେ ଭାରତୀୟ ଦୂତାବାସ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି। ତାଙ୍କ କହିବା ଅନୁଯାୟୀ, ଦୂତାବାସ ତାଙ୍କୁ ପ୍ରତିଶ୍ରୁତି ଦେଉଛି ଯେ, ତାଙ୍କ ସ୍ୱାମୀଙ୍କୁ ଶୀଘ୍ର ମୁକ୍ତ କରାଯିବ, କିନ୍ତୁ ତାଙ୍କୁ ଏପର୍ଯ୍ୟନ୍ତ କୌଣସି ଠୋସ୍ ସୂଚନା ମିଳିନାହିଁ।

ସ୍ନେହା ଅଭିଯୋଗ କରିଛନ୍ତି, ପୁଲିସ ତାଙ୍କ ସ୍ୱାମୀଙ୍କୁ ରାତି ପ୍ରାୟ ସାଢ଼େ ୧୨ଟା ସମୟରେ କୌଣସି କାରଣ ବିନା ଉଠାଇ ନେଇଯାଇଥିଲା ଏବଂ ସେବେଠାରୁ ତାଙ୍କୁ ଅଟକ ରଖିଛି। ସ୍ନେହା ତାଙ୍କ ସ୍ୱାମୀଙ୍କୁ ସାହାଯ୍ୟ କରିବା ପାଇଁ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ ସେ ତାଙ୍କ ୧୦ ବର୍ଷର ପୁଅ ସହିତ ମସ୍କୋରେ ରୁହନ୍ତି ଏବଂ ରୁଷିଆନ୍ ଭାଷା ଜାଣି ନାହାନ୍ତି, ଯାହା ତାଙ୍କ ଅସୁବିଧାକୁ ଆହୁରି ବଢ଼ାଇ ଦେଇଛି। ସେ ନିବେଦନ କରିଛନ୍ତି, ଦୟାକରି ମୋ ସ୍ୱାମୀଙ୍କୁ ସାହାଯ୍ୟ କରନ୍ତୁ ଏବଂ ତାଙ୍କୁ ବାହାର କରନ୍ତୁ କାରଣ ଏଠାକାର ଲୋକଙ୍କୁ ବଳପୂର୍ବକ ରୁଷ ସେନାକୁ ପଠାଯାଉଛି। ସେ ଦାବି କରିଛନ୍ତି ଯେ ରୁଷ ସେନାରେ କର୍ମଚାରୀଙ୍କ ଅଭାବ ଅଛି। ଭିଡିଓରେ ସେ କହିଛନ୍ତି, ମୁଁ ଅନୁରୋଧ କରୁଛି ଯେ ମୋର ଭିଡିଓକୁ ଯଥାସମ୍ଭବ ଅଧିକ ଲୋକଙ୍କ ସହିତ ସେୟାର କରନ୍ତୁ। କାରଣ ଏଠାରେ ଲୋକମାନେ ଏହିପରି ଫସି ରହିଛନ୍ତି ଏବଂ ତାଙ୍କୁ ଯେକୌଣସି ସ୍ଥାନକୁ ପଠାଇ ଦିଆଯାଉଛି। ତାହାର କୌଣସି ସୂଚନା ମଧ୍ୟ ମିଳୁନି।

ସେ କହିଛନ୍ତି, ମୁଁ ମାନନୀୟ ଯୋଗୀ ଏବଂ ମୋଦୀଙ୍କୁ ପଚାରିବାକୁ ଚାହୁଁଛି, ଆପଣ କେଉଁ ଆଧାରରେ ଅନ୍ୟ ଦେଶରେ କାମ କରିବାକୁ ଭାରତୀୟମାନଙ୍କୁ ପଠାନ୍ତି ? ଏଠାରେ ସମସ୍ତେ ସେମାନଙ୍କ ପିଲାମାନଙ୍କ ସହିତ କଷ୍ଟ ପାଉଛନ୍ତି। ଏଠାରେ କ'ଣ ଚାଲିଛି ? ଦୂତାବାସରେ ଆପଣମାନେ କ'ଣ କରୁଛନ୍ତି ?

ରୁଷର ରାଜଧାନୀ ମସ୍କୋରେ ରହୁଥିବା ସ୍ନେହା ଗୁପ୍ତା ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏକ ଭିଡିଓ ସେୟାର କରିଛନ୍ତି ଯେଉଁଥିରେ ଦାବି କରାଯାଇଛି ଯେ ତାଙ୍କ ସ୍ୱାମୀ ଚନ୍ଦନ ଗୁପ୍ତାଙ୍କୁ ପୁଲିସ ଅଟକ ରଖିଛି। ସ୍ନେହାଙ୍କ ଅନୁଯାୟୀ, ତାଙ୍କ ସ୍ୱାମୀ ଜଣେ ଇଞ୍ଜିନିୟର ଏବଂ ନୋଏଡା ସେକ୍ଟର ୬୨ ସ୍ଥିତ ଏକ କମ୍ପାନି ପଲିଫିଲ୍ସ୍ ମାଧ୍ୟମରେ ଉଚ୍ଚ ଯୋଗ୍ୟତା ସମ୍ପନ୍ନ ଭିସାରେ ମସ୍କୋରେ ରହୁଛନ୍ତି। ସେ ଉତ୍ତର ପ୍ରଦେଶର କାନପୁର ଜିଲ୍ଲାର ବାସିନ୍ଦା।

# ରାହୁଲ ହେବେ ଇଣ୍ଡିଆ ମେଣ୍ଟର ମୁଖିଆ

## ଭ୍ରମ ସୃଷ୍ଟି ନ କରିବାକୁ ବିଜୟଙ୍କ ପାର୍ଟିକୁ ସତର୍କ କରାଇଲେ ବେଣୁଗୋପାଳ



*ବେଣୁଗୋପାଳ କହିଛନ୍ତି ଯେ ଟିଭିକେ ପକ୍ଷରୁ ଏପରି କୌଣସି ଦାବି କରାଯାଇ ନାହିଁ । ସେ କହିଛନ୍ତି, 'କାହାରିକୁ ବି ଏପରି କୌଣସି ଭ୍ରମ ସୃଷ୍ଟି କରିବା ଉଚିତ ନୁହେଁ । ରାହୁଲ ଗାନ୍ଧୀ ହିଁ ଇଣ୍ଡିଆ ମେଣ୍ଟର ଚେହେରା ହେବେ ।'*

**ନୂଆଦିଲ୍ଲୀ:** କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ୨୦୨୯ ଲୋକସଭା ନିର୍ବାଚନରେ ଇଣ୍ଡି ମେଣ୍ଟର ନେତୃତ୍ୱ ନେବେ । କଂଗ୍ରେସ ସାଧାରଣ ସମ୍ପାଦକ କେ.ସି.ବେଣୁଗୋପାଳ ଏହି କଥା କହିଛନ୍ତି । ସେ ସେହି ଦାବିଗୁଡ଼ିକୁ ଖଣ୍ଡନ କରିଛନ୍ତି, ଯେଉଁଥିରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ସି.ଜୋସେଫ୍ ବିଜୟଙ୍କୁ ୨୦୨୯ ଲୋକସଭା ନିର୍ବାଚନରେ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପିତ କରାଯାଉଥିବା ନେଇ ଦାବି କରାଯାଉଥିଲା ।

ବେଣୁଗୋପାଳ କହିଛନ୍ତି ଯେ ଟିଭିକେ ପକ୍ଷରୁ ଏପରି କୌଣସି ଦାବି କରାଯାଇ ନାହିଁ । ସେ କହିଛନ୍ତି, 'କାହାରିକୁ ବି ଏପରି କୌଣସି ଭ୍ରମ ସୃଷ୍ଟି କରିବା ଉଚିତ ନୁହେଁ । ରାହୁଲ ଗାନ୍ଧୀ ହିଁ ଇଣ୍ଡିଆ ମେଣ୍ଟର ଚେହେରା ହେବେ ।' ବେଣୁଗୋପାଳ କହିଛନ୍ତି ଯେ ଛାତ୍ର, କୃଷକ ଏବଂ ଯୁବକମାନଙ୍କ ସହ ଜଡ଼ିତ ସମସ୍ୟାଗୁଡ଼ିକୁ ନେଇ ରାହୁଲଙ୍କ ଗାନ୍ଧୀଙ୍କ ରାଜନୈତିକ ଅଭିଯାନ ସାରା ଦେଶରେ ବେଶ୍ ଚର୍ଚ୍ଚା ସାଉଣ୍ଟିଛି ।

କଂଗ୍ରେସ ନେତା କହିଛନ୍ତି, 'ଆଜି ଭାରତରେ ସେ ଯେଉଁ ଲଢ଼େଇର ନେତୃତ୍ୱ ନେଉଛନ୍ତି, ତାହାର ସବୁଠାରୁ ଅଧିକ ଚର୍ଚ୍ଚା ହେଉଛି, ତାହା ଛାତ୍ର, କୃଷକ କିମ୍ବା ଯୁବକମାନଙ୍କ ପାଇଁ ହେଉ । ସମସ୍ତେ ଏହାକୁ ଗ୍ରହଣ କରିଛନ୍ତି ।' ୨୦୨୯ ନିର୍ବାଚନରେ ଗାନ୍ଧୀ ଇଣ୍ଡିଆ ମେଣ୍ଟର ନେତୃତ୍ୱ ନେବେ କି ନାହିଁ ବୋଲି ପଚରାଯିବାରୁ ଭେଣୁଗୋପାଳ କହିଥିଲେ, 'ନିଶ୍ଚିତ ଭାବରେ । ରାହୁଲ ଗାନ୍ଧୀ ଆଜି ଭାରତର ଜନସାଧାରଣଙ୍କ ସବୁଠାରୁ ପ୍ରମୁଖ ଏବଂ ଲୋକପ୍ରିୟ ନେତା । ପ୍ରତ୍ୟେକ ବ୍ୟକ୍ତି ରାହୁଲ ଗାନ୍ଧୀଙ୍କ ନିଷ୍ପତ୍ତି ଏବଂ କାର୍ଯ୍ୟକଳାପକୁ ଅତ୍ୟନ୍ତ ଧ୍ୟାନର ସହ ଦେଖୁଛନ୍ତି ।'

ତେବେ ଇଣ୍ଡି ମେଣ୍ଟରେ ସାମିଲ ସିପିଆଇ-ଏମ୍ ବିଷୟରେ ଉଲ୍ଲେଖ କରି ବେଣୁଗୋପାଳ ଅଭିଯୋଗ କରିଛନ୍ତି ଯେ କେରଳରେ ଦଳ ନିଜ ଭୁଲରୁ ଶିକ୍ଷା ନନେଇ ଆଗକୁ ବଢୁଛି । ସେ କହିଛନ୍ତି, 'କେରଳରେ ସିପିଆଇ(ଏମ୍) କୌଣସି ଶିକ୍ଷା ନନେଇ ଆଗକୁ ବଢୁଛି । ଯଦି ସେମାନେ ଶିକ୍ଷା ନେବାକୁ ନିଷ୍ପତ୍ତି ବି ନିଅନ୍ତି, ତେବେ ବିରୋଧୀ ଦଳ ନେତା ପିନାରାଇ ବିଜୟନ ସେମାନଙ୍କୁ ଏପରି କରିବାକୁ ଅନୁମତି ଦେଉନାହାନ୍ତି ।'

# ଆମେରିକାର ମିଆମି ବିମାନବନ୍ଦରରେ ବୋଇଂ ୭୬୭ ଜେଟ୍ ଦୁର୍ଘଟଣାଗ୍ରସ୍ତ, ୫ ମୃତ



**ଫ୍ଲୋରିଡା:** ମିଆମି ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ଆମାଜନ କାର୍ଗୋ ବୋଇଂ ୭୬୭-୩୦୦ ବିମାନ ରନୱେକୁ ଓଲଟାଇ ଯାନବାହନ ସହିତ ଧକ୍କା ହୋଇଛି, ଯେଉଁଥିରେ ପାଞ୍ଚ ଜଣଙ୍କର ମୃତ୍ୟୁ ହେଲା।

ମିଆମି-ଡେଡ୍ କାଉଣ୍ଟି ଅଧିକାରୀମାନେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ସାନ ଜୁଆନ, ପୁଏର୍ଟୋ ରିକୋରୁ ଆସିଥିବା ବିମାନଟି ରବିବାର ଅପରାହ୍ନ ପ୍ରାୟ ୨ଟା ସମୟରେ ରନୱେକୁ ଓଲଟାଇ ଦେଇଥିଲା, ଯେଉଁଥିରେ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଥିଲା, ଅନ୍ୟ ତିନି ଜଣ ଗୁରୁତର ଆହତ ହୋଇଥିଲେ ଏବଂ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଥିଲେ।

ମିଆମି-ଡେଡ୍ ଉଦ୍ଧାରକାରୀ ଦଳ ମୁଖ୍ୟ ରେ ଜାଦାଲ୍ଲା କହିଛନ୍ତି ଯେ ଦୁର୍ଘଟଣା ପରେ ଅନେକ ଲୋକ ଯାନ ଭିତରେ ଫସି ରହିଥିଲେ, ଯେତେବେଳେ ପାଇଲଟ୍ ଏବଂ ସହ-ପାଇଲଟ୍ ମଧ୍ୟ ବିମାନ ଭିତରେ ଫସି ରହିଥିଲେ। ସେ ଏପି ନ୍ୟୁଜ୍ ଏଜେନ୍ସିକୁ କହିଛନ୍ତି ଯେ ଦୁର୍ଘଟଣାର କିଛି ଘଣ୍ଟା ପରେ ମଧ୍ୟ ଅଗ୍ନିଶମ କର୍ମଚାରୀମାନେ ଇନ୍ଧନ ଲିକ୍ ବନ୍ଦ କରିବାକୁ ଚେଷ୍ଟା କରୁଛନ୍ତି।

ବିମାନର ଶରୀରର ଏକ ଅଂଶରୁ ନିଆଁ ମଧ୍ୟ ଉଠିଥିବା ଦେଖାଯାଇଥିଲା, ଯେତେବେଳେ ଘଟଣାସ୍ଥଳ ନିକଟରେ କାର ଏବଂ ବଡ଼ ଟ୍ରକ୍ ଠିଆ ହୋଇଥିଲା। ଘଟଣାଟି କ'ଣ ଘଟିଲା କିମ୍ବା ପ୍ରକୃତରେ କ'ଣ ଘଟିଥିଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ସୋସିଆଲ ମିଡିଆରେ ପ୍ରସାରିତ ଅନ୍ୟ ଏକ ଭିଡିଓ କ୍ଲିପ୍‌ରେ ଦେଖାଯାଉଛି ଯେ ବିମାନଟି ମିଆମି ରନୱେରୁ ଠିକ୍ ତଳେ ପଡ଼ିଛି, ଯାହା ସୂଚାଇ ଦେଉଛି ଯେ ଏହା ଅବତରଣ ସମୟରେ ଦିଗ ପରିବର୍ତ୍ତନ କରିଦେଇପାରେ।

ଏକ ରିପୋର୍ଟ ଅନୁଯାୟୀ, ଦୁର୍ଘଟଣା ପରେ ସମଗ୍ର ବିମାନବନ୍ଦରରେ ଗ୍ରାଉଣ୍ଡ ଷ୍ଟପ୍ ନିର୍ଦ୍ଦେଶ ଦିଆଯାଇଥିଲା, ବିମାନବନ୍ଦରରେ ସମସ୍ତ ବିମାନ ଉଡ଼ାଣ ବନ୍ଦ କରାଯାଇଥିଲା।

## ରାଶିଫଳ

**ମେଷ:** କର୍ମକ୍ଷେତ୍ରରେ ସଫଳତା ମିଳିବ । ଅଟକିଥିବା କାମ ଆଗକୁ ବଢ଼ିବ । ଧନଲାଭର ଯୋଗ ଅଛି । ପରିବାରର ସହଯୋଗ ପାଇବେ । ନୂଆ ପରିଚୟ ଲାଭଦାୟକ ହେବ । ଯାତ୍ରା ଶୁଭ ରହିବ । ଆତ୍ମବିଶ୍ୱାସ ବଢ଼ିବ । ପ୍ରତିଯୋଗିତାରେ ଅଗ୍ରଗତି ହେବ ।

**ବୃଷ:** ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ । ଚାକିରିରେ ଦାୟିତ୍ୱ ବଢ଼ିବ । ବନ୍ଧୁଙ୍କ ସହ ଭଲ ସମ୍ପର୍କ ରହିବ । ପୁରୁଣା ଧନ ଫେରି ମିଳିପାରେ । ସ୍ୱାସ୍ଥ୍ୟରେ ସତର୍କ ରୁହନ୍ତୁ । ପରିବାରରେ ଶାନ୍ତି ରହିବ।

**ମିଥୁନ:** ବ୍ୟବସାୟରେ ଲାଭ ବଢ଼ିବ । ଅଧିକାରୀଙ୍କ ପ୍ରଶଂସା ପାଇବେ । ସରକାରୀ କାମ ସଫଳ ହେବ । ଆୟର ନୂଆ ପଥ ଖୋଲିବ । ଛାତ୍ରଛାତ୍ରୀଙ୍କ ପାଇଁ ଦିନ ଭଲ । ମନ ପ୍ରଫୁଲ୍ଲ ରହିବ । ଶୁଭ ସମ୍ବାଦ ମିଳିପାରେ । ନୂଆ ଚୁକ୍ତିର ସମ୍ଭାବନା ଅଛି ।

**କର୍କଟ:** କର୍ମରେ ଉନ୍ନତିର ସୁଯୋଗ ଅଛି । ପରିବାରର ସମର୍ଥନ ମିଳିବ । ଜମି ସମ୍ବନ୍ଧୀୟ କାମରେ ସୁଫଳ ମିଳିବ । ଧନ ସଞ୍ଚୟ କରିପାରିବେ । ବୟସ୍କଙ୍କ ଆଶୀର୍ବାଦ ମିଳିବ। ଯାନ ସୁଖ ମିଳିପାରେ । ସନ୍ଧ୍ୟା ସମୟ ଶୁଭ । ଅଟକିଥିବା ଟଙ୍କା ମିଳିପାରେ । ଧୈର୍ଯ୍ୟ ଲାଭ ଦେବ । ବଡ଼ଙ୍କ ପରାମର୍ଶ ଉପକାରୀ ହେବ ।

**ସିଂହ:** ସମ୍ମାନ ଓ ପ୍ରତିଷ୍ଠା ବଢ଼ିବ । ନୂଆ କାର୍ଯ୍ୟରେ ସଫଳତା ମିଳିବ । ବ୍ୟବସାୟରେ ଭଲ ଲାଭ ହେବ । ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ଭେଟ ହେବ । ଘରେ ଖୁସିର ପରିବେଶ ରହିବ । ଧନ ପ୍ରାପ୍ତିର ଯୋଗ ଅଛି । ଆତ୍ମବଳ ବଢ଼ିବ । ନୂଆ ବିନିଯୋଗ ଶୁଭ ହେବ ।

**କନ୍ୟା:** ଅଧୂରା କାମ ପୂରଣ ହେବ । ସହକର୍ମୀଙ୍କ ସହଯୋଗ ମିଳିବ । ପାଠପଢ଼ାରେ ସଫଳତା ଆସିବ । ଧାର୍ମିକ କାର୍ଯ୍ୟରେ ରୁଚି ବଢ଼ିବ । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ । ଶୁଭ ଖବର ପାଇବେ । ମାନସିକ ଶାନ୍ତି ରହିବ । ଘରୋଇ କାର୍ଯ୍ୟ ସଫଳ ହେବ ।

**ତୁଳା:** କଥାବାର୍ତ୍ତାରେ ସଂଯମ ରଖନ୍ତୁ । ଅନାବଶ୍ୟକ ବିବାଦରୁ ଦୂରେ ରୁହନ୍ତୁ । କାର୍ଯ୍ୟରେ ଧୀରେ ଧୀରେ ସଫଳତା ମିଳିବ । ପରିବାରରେ ଦାୟିତ୍ୱ ବଢ଼ିବ । ଧନ ଲେଣଦେଣ ଭାବିଚିନ୍ତି କରନ୍ତୁ । ସନ୍ଧ୍ୟାରେ ଶୁଭ ସମ୍ବାଦ ମିଳିପାରେ ।

**ବିଛା:** ଚନ୍ଦ୍ର ପ୍ରଭାବରେ ଭାଗ୍ୟ ସାଥି ଦେବ । ଆୟ ବୃଦ୍ଧିର ସୁଯୋଗ ଅଛି । ବ୍ୟବସାୟରେ ବଡ଼ ଲାଭ ମିଳିପାରେ । ଦାମ୍ପତ୍ୟ ଜୀବନ ମଧୁର ରହିବ । ମାନସିକ ଶକ୍ତି ବଢ଼ିବ। ନୂଆ ଯୋଜନା ସଫଳ ହେବ । ସମ୍ମାନ ପ୍ରାପ୍ତି ହେବ । ଇଚ୍ଛିତ କାର୍ଯ୍ୟ ସିଦ୍ଧି ହେବ । ବନ୍ଧୁ ସହାୟକ ହେବେ। ଭ୍ରମଣରୁ ଲାଭ ମିଳିବ ।

**ଧନୁ:** ଯୋଜନା ଅନୁସାରେ କାମ ସମ୍ପୂର୍ଣ୍ଣ ହେବ । ଗୁରୁଜନଙ୍କ ପରାମର୍ଶ ଲାଭ ଦେବ । ଚାକିରିରେ ଉନ୍ନତିର ସମ୍ଭାବନା ଅଛି । ଦୂରଯାତ୍ରା ଲାଭଦାୟକ ହେବ । ଆର୍ଥିକ ସ୍ଥିତି ସୁଧୁରିବ । ଘରେ ଆନନ୍ଦ ରହିବ ।

**ମକର:** ବକେୟା ଧନ ପ୍ରାପ୍ତ ହୋଇପାରେ । କର୍ମକ୍ଷେତ୍ରରେ ପ୍ରଶଂସା ମିଳିବ । ବ୍ୟବସାୟରେ ସ୍ଥିର ଲାଭ ରହିବ । ପରିବାରରେ ଶୁଭ କାର୍ଯ୍ୟର ଯୋଗ ଅଛି । ସ୍ୱାସ୍ଥ୍ୟ ଭଲ ରହିବ । ସମୟର ସଦୁପଯୋଗ କରନ୍ତୁ । ନୂଆ ବସ୍ତୁ କ୍ରୟ କରିପାରନ୍ତି ।

**କୁମ୍ଭ:** ଅନାବଶ୍ୟକ ଖର୍ଚ୍ଚ ଏଡ଼ାନ୍ତୁ । କାର୍ଯ୍ୟରେ ପରିଶ୍ରମର ଫଳ ମିଳିବ । ବନ୍ଧୁଙ୍କ ସହଯୋଗ ପାଇବେ । ପରିବାରରେ ଭଲ ବୁଝାପଡ଼ା ରହିବ । ଛୋଟ ଯାତ୍ରା ହୋଇପାରେ । ଆତ୍ମବିଶ୍ୱାସ ରଖନ୍ତୁ । ସନ୍ଧ୍ୟା ଶୁଭ ରହିବ । ନୂଆ ଦକ୍ଷତା ଶିଖିବାର ସୁଯୋଗ ମିଳିବ ।ୟ

**ମୀନ:** ଦିନଟି ଆନନ୍ଦମୟ ରହିବ । ବ୍ୟବସାୟରେ ଆୟ ବଢ଼ିବ । ଶିକ୍ଷାରେ ସଫଳତା ମିଳିବ । ପରିବାର ସହ ଭଲ ସମୟ କଟିବ । ପ୍ରେମ ସମ୍ପର୍କ ମଧୁର ରହିବ । ଧନଲାଭର ସୁଯୋଗ ଅଛି । ନୂଆ କାମ ଆରମ୍ଭ କରିପାରନ୍ତି । ଆଧ୍ୟାତ୍ମିକ କାର୍ଯ୍ୟରେ ମନ ଲାଗିବ । ନୂଆ ସୁଯୋଗ ମିଳିବ । ମନୋକାମନା ପୂରଣର ଯୋଗ ଅଛି ।

# ମାତୃଭାଷା

କଟକ, ମଙ୍ଗଳବାର, ସେପ୍ଟେମ୍ବର -୮, ୨୦୨୬ ପୃଷ୍ଠା: ୪


## ଅନ୍ତରୀକ୍ଷ ମହାଶକ୍ତି ବନିବ ଭାରତ - ଉତକ୍ଷେପଣ କରିବ ୪୫୦ ଅତ୍ୟାଧୁନିକ ରକେଟ

ଭାରତ ବୈଶ୍ୱିକ ଅନ୍ତରୀକ୍ଷ ଅର୍ଥବ୍ୟବସ୍ଥାରେ ମହାଶକ୍ତି ହେବା ଦିଗରେ ଐତିହାସିକ ଲମ୍ଫ ପ୍ରଦାନ କରିବାକୁ ପ୍ରସ୍ତୁତ ହେଉଛି। ଭାରତୀୟ ଜାତୀୟ ଅନ୍ତରୀକ୍ଷ ପ୍ରୋତ୍ସାହନ ଏବଂ ପ୍ରାଧିକରଣ କେନ୍ଦ୍ରର ଅଧକ୍ଷ ପବନ କେ ଗୋୟନକା ରବିବାର ଘୋଷଣା କରିଛନ୍ତି ଯେ ଭାରତ ୨୦୩୦ ସୁଦ୍ଧା ପ୍ରତିବର୍ଷ ୫୦ଟି ଅନ୍ତରୀକ୍ଷ ଉତକ୍ଷେପଣ (ଲଞ୍ଚ୍) କରିବାର ଏକ ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ଧାର୍ଯ୍ୟ କରିଛି। ସେ ସ୍ପଷ୍ଟ କରିଛନ୍ତି ଯେ ଭାରତୀୟ ମହାକାଶ ଗବେଷଣା ସଂସ୍ଥାର ଅତ୍ୟାଧୁନିକ ବୈଷୟିକ ଦକ୍ଷତା ଏବଂ ଦ୍ରୁତ ଗତିରେ ଉଭା ହେଉଥିବା ଘରୋଇ ସ୍ପେସ୍ ଷ୍ଟାର୍ଟଅପ୍‌ଗୁଡ଼ିକର ସହଭାଗିତା ମାଧ୍ୟମରେ ଭାରତ ସମଗ୍ର ବିଶ୍ୱର ଅନ୍ତରୀକ୍ଷ ବଜାରରେ ନିଜର ପ୍ରଭାବ ବିସ୍ତାର କରିବ।

ପବନ ଗୋୟନକା କହିଛନ୍ତି ଯେ ପାଞ୍ଚ ବର୍ଷ ପୂର୍ବେ ଯେତେବେଳେ ଭାରତ ମହାକାଶ କ୍ଷେତ୍ରକୁ ଘରୋଇ କମ୍ପାନୀଗୁଡ଼ିକ ପାଇଁ ଉନ୍ମୁକ୍ତ କରିବାର ଐତିହାସିକ ନିଷ୍ପତ୍ତି ନେଇଥିଲା, ସେତେବେଳେ ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଇସ୍ରୋକୁ ଗଭୀର ବୈଜ୍ଞାନିକ ଅନୁସନ୍ଧାନ ତଥା ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବାକୁ ସୁଯୋଗ ଦେବା ଏବଂ ଘରୋଇ କ୍ଷେତ୍ରକୁ ବ୍ୟାବସାୟିକ ସମ୍ପ୍ରସାରଣର ସୁଯୋଗ ପ୍ରଦାନ କରିବା। ସେ କହିଛନ୍ତି ଯେ ୨୦୧୪ ମସିହାରେ ଦେଶରେ ଯେଉଁଠି ମାତ୍ର ଗୋଟିଏ ସ୍ପେସ୍ ଷ୍ଟାର୍ଟଅପ୍ ଥିଲା, ଆଜି ସେହି ସଂଖ୍ୟା ୪୫୦ ପାର୍ କରିସାରିଛି। ଭାରତୀୟ ଘରୋଇ କମ୍ପାନୀଗୁଡ଼ିକ ଏବେ କେବଳ ପ୍ରୋଟୋଟାଇପ୍ ମଧ୍ୟରେ ସୀମିତ ନାହାନ୍ତି, ବରଂ ସଫଳତାର ସହ ରକେଟକୁ ପୃଥିବୀର କକ୍ଷପଥକୁ ପଠାଇ ବ୍ୟାବସାୟିକ ସ୍ତରରେ ନିଜର ବୈଷୟିକ ଦକ୍ଷତା ପ୍ରମାଣିତ କରିସାରିଛନ୍ତି।

ବର୍ତ୍ତମାନ ଭାରତର ମହାକାଶ ଅର୍ଥବ୍ୟବସ୍ଥାର ଆକାର ପ୍ରାୟ ୯ ବିଲିୟନ ଡଲାର ଆକଳନ କରାଯାଇଛି, ଯାହା ଆଗାମୀ ଏକ ଦଶନ୍ଧି ମଧ୍ୟରେ ବୃଦ୍ଧି ପାଇ ୪୦ ରୁ ୪୫ ବିଲିୟନ ଡଲାର (ପ୍ରାୟ ୩.୭୫ ଲକ୍ଷ କୋଟି ଟଙ୍କା) ରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ଏହି କ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶ ମଧ୍ୟ ଅଭୂତପୂର୍ବ ଗତିରେ ବୃଦ୍ଧି ପାଇଛି; ୨୦୨୧-୨୨ ରେ ଯେଉଁଠି ମାତ୍ର ୧୦୦.୫ ମିଲିୟନ ଡଲାରର ନିବେଶ ଆସିଥିଲା, ସେଠାରେ ମାର୍ଚ୍ଚ ୨୦୨୬ ସୁଦ୍ଧା ଏହା ଛଅ ଗୁଣରୁ ଅଧିକ ବୃଦ୍ଧି ପାଇ ୬୧୮.୫ ମିଲିୟନ ଡଲାର ସ୍ତର ଅତିକ୍ରମ କରିସାରିଛି। ସ୍କାଏରୁଟ୍ ଏରୋସ୍ପେସ୍, ଅଗ୍ନିକୁଲ୍ କସମସ୍, ପିକ୍ସେଲ୍ ଏବଂ ଦିଗନ୍ତରା ଭଳି ଘରୋଇ କମ୍ପାନୀଗୁଡ଼ିକ ଲଞ୍ଚ୍ ଭେଇକିଲ୍, ସାଟେଲାଇଟ୍ ମାନୁଫ୍ୟାକଚରିଂ ଏବଂ ଆର୍ଥ ଅବଜରଭେସନ୍ କ୍ଷେତ୍ରରେ ନୂଆ କୀର୍ତ୍ତିମାନ ସ୍ଥାପନ କରୁଛନ୍ତି।

ଗୋୟନକା ଗୁରୁତ୍ୱାରୋପ କରି କହିଛନ୍ତି ଯେ ବାର୍ଷିକ ୫୦ଟି ଲଞ୍ଚର ଏହି ବିଶାଳ ଲକ୍ଷ୍ୟ ହାସଲ କରିବା ପାଇଁ ଏବେ ଘରୋଇ ଉଦ୍ୟୋଗଗୁଡ଼ିକୁ ବଡ଼ ପରିମାଣରେ ଉତ୍ପାଦନ କ୍ଷମତା (ମାସ୍ ମାନୁଫ୍ୟାକଚରିଂ) ବିକଶିତ କରିବାକୁ ପଡ଼ିବ। ଯେଉଁଠି ଇସ୍ରୋ ନୂତନ ବୈଜ୍ଞାନିକ ସୀମାଗୁଡ଼ିକୁ ଅତିକ୍ରମ କରିବ, ସେହିଠାରେ ଘରୋଇ ଉଦ୍ୟୋଗ ସେହି ପ୍ରଯୁକ୍ତିବିଦ୍ୟାର ବ୍ୟାବସାୟିକରଣ କରିବେ। ଏହି ବିବୃତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ନିକଟରେ ଇସ୍ରୋ ଜିଏସଏଲଭି-ଏଫ୧୭ ମାଧ୍ୟମରେ ଭାରତର ସବୁଠାରୁ ଓଜନିଆ (୨,୩୬୭ କିଲୋଗ୍ରାମ) ଏବଂ ଭୂ-ସମକାଳୀନ କକ୍ଷପଥରେ ସ୍ଥାପିତ ହୋଇଥିବା ପ୍ରଥମ ଅତ୍ୟାଧୁନିକ ଆର୍ଥ ଅବଜରଭେସନ୍ ସାଟେଲାଇଟ୍ ଇଓଏସ-୦୫ ର ସଫଳ ଉତକ୍ଷେପଣ କରିଛି। ଗୋୟନକା ଦେଶର ସ୍ପେସ୍ ଭିଜନକୁ ରେଖାଙ୍କିତ କରି କହିଛନ୍ତି, "ଭାରତରେ ନିର୍ମାଣ କର, ଭାରତରୁ ଲଞ୍ଚ୍ କର ଏବଂ ଏହିଠାରୁ ହିଁ ସମଗ୍ର ବିଶ୍ୱକୁ ସେବା ପ୍ରଦାନ କର।"

'ଭାରତ ବୈଶ୍ୱିକ ଅନ୍ତରୀକ୍ଷ ଅର୍ଥବ୍ୟବସ୍ଥାରେ ମହାଶକ୍ତି ହେବା ଦିଗରେ ଐତିହାସିକ ଲମ୍ଫ ପ୍ରଦାନ କରିବାକୁ ପ୍ରସ୍ତୁତ ହେଉଛି। ଭାରତୀୟ ଜାତୀୟ ଅନ୍ତରୀକ୍ଷ ପ୍ରୋତ୍ସାହନ ଏବଂ ପ୍ରାଧିକରଣ କେନ୍ଦ୍ରର ଅଧକ୍ଷ ପବନ କେ ଗୋୟନକା ରବିବାର ଘୋଷଣା କରିଛନ୍ତି ଯେ ଭାରତ ୨୦୩୦ ସୁଦ୍ଧା ପ୍ରତିବର୍ଷ ୫୦ଟି ଅନ୍ତରୀକ୍ଷ ଉତକ୍ଷେପଣ (ଲଞ୍ଚ୍) କରିବାର ଏକ ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ଧାର୍ଯ୍ୟ କରିଛି। ସେ ସ୍ପଷ୍ଟ କରିଛନ୍ତି ଯେ ଭାରତୀୟ ମହାକାଶ ଗବେଷଣା ସଂସ୍ଥାର ଅତ୍ୟାଧୁନିକ ବୈଷୟିକ ଦକ୍ଷତା ଏବଂ ଦ୍ରୁତ ଗତିରେ ଉଭା ହେଉଥିବା ଘରୋଇ ସ୍ପେସ୍ ଷ୍ଟାର୍ଟଅପ୍‌ଗୁଡ଼ିକର ସହଭାଗୀତା ମାଧ୍ୟମରେ ଭାରତ ସମଗ୍ର ବିଶ୍ୱର ଅନ୍ତରୀକ୍ଷ ବଜାରରେ ନିଜର ପ୍ରଭାବ ବିସ୍ତାର କରିବ।'

ମହାକାଶ କ୍ଷେତ୍ରକୁ ଘରୋଇକରଣ କରିବା ଦ୍ୱାରା ଇସ୍ରୋ କେବଳ ବାଣିଜ୍ୟିକ ଲଞ୍ଚ ମଧ୍ୟରେ ସୀମିତ ନ ରହି ଗଗନଯାନ, ଚନ୍ଦ୍ର ଅନୁସନ୍ଧାନ ଓ ଗଭୀର ମହାକାଶ ମିଶନ ଉପରେ ଅଧିକ ଧ୍ୟାନ ଦେଇପାରିବ।

୯ ବିଲିୟନ ଡଲାରରୁ ୪୫ ବିଲିୟନ ଡଲାର ଅର୍ଥବ୍ୟବସ୍ଥାର ଲକ୍ଷ୍ୟ ଦର୍ଶାଉଛି ଯେ ଭାରତ ବୈଶ୍ୱିକ ସ୍ପେସ୍ ଇକୋନୋମିରେ ନିଜର ଅଂଶଧନ ପ୍ରାୟ ୨% ରୁ ବୃଦ୍ଧି କରି ୮ ରୁ ୧୦% ପର୍ଯ୍ୟନ୍ତ ନେବାକୁ ଚାହୁଁଛି। ସ୍କାଏରୁଟ୍, ଅଗ୍ନିକୁଲ୍ ଭଳି ଷ୍ଟାର୍ଟଅପ୍‌ଗୁଡ଼ିକ ସ୍ୱଳ୍ପ ଖର୍ଚ୍ଚରେ ଉପଗ୍ରହ ଉତକ୍ଷେପଣ କରୁଥିବାରୁ ଭାରତ ଏକ 'ଗ୍ଲୋବାଲ୍ ଲଞ୍ଚ୍ ହବ୍' ଭାବେ ବିକଶିତ ହେବାର ପୂର୍ଣ୍ଣ ସମ୍ଭାବନା ରହିଛି।

ବାର୍ଷିକ ୫୦ଟି ଲଞ୍ଚ୍ ଲକ୍ଷ୍ୟ ହାସଲ କରିବାକୁ ହେଲେ ଭାରତକୁ ତୃତୀୟ ଲଞ୍ଚ୍ ପ୍ୟାଡ୍, ଦ୍ରୁତ ଉପଗ୍ରହ ଉତ୍ପାଦନ ୟୁନିଟ୍ ଏବଂ ଘରୋଇ କମ୍ପାନୀଗୁଡ଼ିକ ପାଇଁ ନିରବଛିନ୍ନ ଯୋଗାଣ ଶୃଙ୍ଖଳ (ସପ୍ଲାଇ ଚେନ୍) ପ୍ରତିଷ୍ଠା କରିବାକୁ ପଡ଼ିବ।

# ଉପଗ୍ରହ (ସାଟେଲାଇଟ୍)ର ବହୁଳତା ଓ ତତ୍‌ଜନିତ ସମସ୍ୟା

**ଡା. ରାଜକିଶୋର ପଣ୍ଡା**

ପୃଥିବୀର କକ୍ଷପଥରେ ଭିଡ଼ କ୍ରମଶଃ ବଢ଼ିବାରେ ଲାଗିଛି। ଏବେ ଆମ ଗ୍ରହ ଚାରିପଟେ, ପାଖାପାଖି ଷୋହଳହଜାର କୃତ୍ରିମ ଉପଗ୍ରହ (Satellite) ଘୂରୁଛନ୍ତି, ଯେଉଁମାନେ କି ଜିପିଏସ୍ ନାଭିଗେସନ୍, ଜଳବାୟୁର ଭବିଷ୍ୟବାଣୀଠାରୁ ଆରମ୍ଭ କରି ବ୍ୟାଙ୍କିଙ୍ଗ୍, ଜରୁରୀକାଳୀନ ସେବା ଓ ଇଣ୍ଟରନେଟ୍ ସଞ୍ଚାର ଭଳି ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରି ଆସୁଛନ୍ତି। ବର୍ତ୍ତମାନ ସମୟରେ ପ୍ରତି ସପ୍ତାହରେ ଭୂପୃଷ୍ଠରୁ ମହାକାଶକୁ ସାଟେଲାଇଟ୍ ମାନ ଲଞ୍ଚ କରାଯାଉଛି। ଜାନୁୟାରୀ ତିରିଶ ୨୦୨୬ ରେ ଏଲନ୍ ମସ୍କଙ୍କର କମ୍ପାନୀ "ସ୍ପେସ୍‌ଏକ୍ସ" (Spacex) ଆମେରିକାର ଫେଡେରାଲ୍ କମ୍ୟୁନିକେସନ୍ କମିସନ୍ ନିକଟରେ ଏକ ଦରଖାସ୍ତ ଦାଖଲ କରିଛି ସାଟେଲାଇଟ୍ ସମ୍ପର୍କିତ। ଏହି ଦରଖାସ୍ତ ଅନୁଯାୟୀ କମ୍ପାନୀ ମହାକାଶରେ ଥିବା ଡାଟା ସେଣ୍ଟରମାନଙ୍କୁ ଶକ୍ତି ଯୋଗାଇବା ପାଇଁ ସେଠାକୁ ଏକ ମିଲିଅନ୍ ସାଟେଲାଇଟ୍ ପଠାଇବ। ଏହି ସାଟେଲାଇଟ୍ ଗୁଡ଼ିକ ପୃଥିବୀର ନିମ୍ନ କକ୍ଷପଥ (ପାଞ୍ଚଶହରୁ ଦୁଇହଜାର କି.ମି. ମଧ୍ୟରେ) ସ୍ଥାପନ କରାଯିବ। ବିଶ୍ୱବ୍ୟାପୀ ଦ୍ରୁତଗତିରେ ବୃଦ୍ଧି ପାଉଥିବା ସାଟେଲାଇଟ୍ ଉତ୍କ୍ଷେପଣ ପ୍ରକ୍ରିୟା ମଧ୍ୟରେ ସ୍ପେସ୍‌ଏକ୍ସର ପ୍ରକଳ୍ପ ସାମ୍ପ୍ରତିକ ସମୟରେ ବୃହତ୍ତମ। ଏହି ସାଟେଲାଇଟ୍ ଗୁଡ଼ିକ, କେବଳ ଗୋଟିଏ କମ୍ପାନୀ ନେଇ ସେମାନଙ୍କର କାର୍ଯ୍ୟ କରିଥାନ୍ତି ଓ ସେମାନଙ୍କର ଜୀବନଚକ୍ର ପାଖାପାଖି ପାଞ୍ଚବର୍ଷ ହୋଇଥାଏ। ଅନୁମାନ କରାଯାଉଛି କି, ୨୦୩୦ ସୁଦ୍ଧା ସାଟେଲାଇଟ୍ ଗୁଡ଼ିକର ସମୁଦାୟ ସଂଖ୍ୟା ପୃଥିବୀ ଚାରିପାଖରେ ଏକଲକ୍ଷରୁ ଅଧିକ ହୋଇଯିବ। ଆହୁରି ମଧ୍ୟ ବିଭିନ୍ନ ଦେଶ ଓ ବେସରକାରୀ କମ୍ପାନୀ ତରଫରୁ ପ୍ରାୟ ୧.୨୩ ମିଲିଅନ୍ ସାଟେଲାଇଟ୍ ପ୍ରକଳ୍ପ ସ୍ଥିରୀକୃତ କରାଯାଇଛି ଓ ଏଗୁଡ଼ିକ ବର୍ତ୍ତମାନ ବିଭିନ୍ନ ପର୍ଯ୍ୟାୟରେ ନିର୍ମିତ ହେଉଛନ୍ତି। ଉପଗ୍ରହ ଗୁଡ଼ିକର ମଞ୍ଜୁରୀ ପାଇଁ କମ୍ପାନୀ ବା ଦେଶଗୁଡ଼ିକ ସୀମିତ ବୈଷୟିକ ତଥ୍ୟକୁ ନିୟନ୍ତ୍ରକମାନଙ୍କୁ ପ୍ରଦାନ କରିଥାନ୍ତି। ଏହି ତଥ୍ୟରେ ସାଂସ୍କୃତିକ, ଧାର୍ମିକ ଓ ପାରିବେଶିକ ପରିଣତିକୁ ହିସାବରେ ନିଆଯାଇନଥାଏ ଯାହାକି ଭବିଷ୍ୟତ ପାଇଁ ବିପଜ୍ଜନକ। ସାଟେଲାଇଟ୍‌ର ସଂଖ୍ୟାରେ ହେଉଥିବା ଅହେତୁକ ବୃଦ୍ଧି ହେତୁ ଗମ୍ଭୀର ସମସ୍ୟାମାନ ସୃଷ୍ଟି ହେଉଛି। ଏଠାରେ ପ୍ରଶ୍ନ ଉଠୁଛି କି ଆମେମାନେ କିପରି ପୃଥିବୀର କକ୍ଷୀୟ ବାତାବରଣକୁ ସୁରକ୍ଷିତ ଭାବରେ ପରିଚାଳିତ କରିପାରିବା ଏବଂ ଏହା ମଧ୍ୟ ସୁନିଶ୍ଚିତ କରିବା, ଯେଉଁ ସାଟେଲାଇଟ୍ ଗୁଡ଼ିକ ଉପରେ ଆମେମାନେ ବ୍ୟାପକ ଭାବରେ ନିର୍ଭରଶୀଳ, ସେଗୁଡ଼ିକ ଯେପରି ଠିକ୍ ଭାବରେ କାର୍ଯ୍ୟ ସମ୍ପାଦନ କରନ୍ତି।

ଆକାଶରେ ଅଧିକ ମାତ୍ରାରେ ସାଟେଲାଇଟ୍ ରହିବା, ଆଲୋକ ପ୍ରଦୂଷଣକୁ ବୃଦ୍ଧି କରିଥାଏ, ଯାହାଦ୍ୱାରା ଜ୍ୟୋତିର୍ବିଜ୍ଞାନ ଓ ରାତ୍ରିକାଳୀନ ଆକାଶ ସହିତ ଜଡ଼ିତ ବିଭିନ୍ନ ଗତିବିଧିରେ ବାଧା ଆସିଥାଏ। ପରବର୍ତ୍ତୀ ସମୟରେ ନୈଶ ଆକାଶ ଆଗାମୀ ପିଢ଼ିମାନଙ୍କ ପାଇଁ ସ୍ଥାୟୀ ଭାବରେ ପରିବର୍ତ୍ତିତ ହୋଇଥାଏ। ନିକଟରେ ଏହି ଲେଖକ ସାମାଜିକ ଗଣମାଧ୍ୟମରେ ଗୋଟିଏ ଭିଡିଓ ଦେଖିଥିଲା। ଭିଡିଓ ଅନୁଯାୟୀ ଆମମାନଙ୍କ ତୁଳନାରେ ଡାଇନୋସରମାନେ ଏକ ନିର୍ମଳତର ଆକାଶ ଦେଖିଥିଲେ, କାରଣ ସେମାନଙ୍କ ସମୟରେ କୃତ୍ରିମ ଉପଗ୍ରହ, କଳକାରଖାନା ଓ ଯାନବାହନର ନିର୍ଗତ ଧୂଆଁ ଆଦି ନଥିଲା।

ପୃଥିବୀର ନିମ୍ନକକ୍ଷରେ ଥିବା ସାଟେଲାଇଟ୍ ଗୁଡ଼ିକ ସୂର୍ଯ୍ୟାଲୋକକୁ ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟୋଦୟର ଯଥାକ୍ରମେ ଦୁଇଘଣ୍ଟା ପରବର୍ତ୍ତୀ ଓ ପୂର୍ବବର୍ତ୍ତୀ ସମୟ ପର୍ଯ୍ୟନ୍ତ ପ୍ରତିଫଳିତ କରିଥାନ୍ତି। ଏଗୁଡ଼ିକର ଔଜ୍ଜଲ୍ୟକୁ କମ୍ କରିବା ପାଇଁ ଯଥା ସମ୍ଭବ ଚେଷ୍ଟା କରାଗଲେ ମଧ୍ୟ ବୃହତ୍ ଆକାରର ସାଟେଲାଇଟ୍ ଗୁଡ଼ିକ ଆକାଶରେ ଗୋଟିଏ ଚଳମାନ ବିନ୍ଦୁ (Moving Point) ସଦୃଶ ଦେଖାଯାନ୍ତି। ୨୦୨୧ ରେ ଜ୍ୟୋତିର୍ବିଦ୍‌ମାନଙ୍କ ଏକ ସର୍ବେକ୍ଷଣରୁ ଜଣାପଡ଼ିଛି କି, ଆଗାମୀ ଦଶବର୍ଷରୁ କମ୍ ସମୟ ମଧ୍ୟରେ ନୈଶ ଆକାଶରେ ଦେଖାଯାଉଥିବା ପ୍ରତି ପନ୍ଦରଟି ଆଲୋକ ମଧ୍ୟରୁ ଗୋଟିଏ ହେବ ଏକ ଚଳମାନ ସାଟେଲାଇଟ୍। ବହୁ ସଂଖ୍ୟାରେ ସ୍ଥାପିତ ହେଲା ପରେ ସାଟେଲାଇଟ୍ ଗୁଡ଼ିକର ନୈଶ ଆକାଶ ଉପରେ ପଡୁଥିବା କୁପ୍ରଭାବକୁ ଆମେ ପରିବର୍ତ୍ତନ କରିପାରିବା ନାହିଁ। ଏହି ପ୍ରକ୍ରିୟା ଅବ୍ୟାହତ ରହିଲେ ପ୍ରତ୍ୟେକ ନୂତନପିଢ଼ି ନିଜର ପୂର୍ବବର୍ତ୍ତୀ ପିଢ଼ିଠାରୁ ଏକ କ୍ଷୟପ୍ରାପ୍ତ (Degraded) ନୈଶ ଆକାଶ ପାଇବେ। ଏହାକୁ କୁହାଯାଏ "ସିଫ୍ଟିଙ୍ଗ୍ ବେସ୍‌ଲାଇନ୍ ସିଣ୍ଡ୍ରୋମ୍" (Shifting Baseline Syndrome)। ଏହି ସିଣ୍ଡ୍ରୋମ୍ ଅନୁଯାୟୀ ପ୍ରତ୍ୟେକଟି ନୂତନ ପିଢ଼ି, ନିଜ ପୂର୍ବପିଢ଼ିଠାରୁ କ୍ଷତିଗ୍ରସ୍ତ ପରିବେଶମାନ ପ୍ରାପ୍ତ କରିଥାନ୍ତି।

ଅଧିକ ଉପଗ୍ରହର ଅର୍ଥ, ଅନ୍ତରୀକ୍ଷରେ ବେଶୀ ଟ୍ରାଫିକ୍, ଉପଗ୍ରହ ଗୁଡ଼ିକର ନିଜ ନିଜ ମଧ୍ୟରେ ଧକ୍କା ହେବାର ଆଶଙ୍କା ଓ ବର୍ଜ୍ୟବସ୍ତୁର ବୃଦ୍ଧି। ସବୁଠାରୁ ଚିନ୍ତାର ବିଷୟ ଏହା ଯେ ବିଭିନ୍ନ ଅକାମୀ ଉପଗ୍ରହର ବର୍ଜ୍ୟବସ୍ତୁଗୁଡ଼ିକ ପରସ୍ପର ସହିତ ପିଟି ହୋଇ ଏକ ଚେନ୍ ରିଆକ୍ସନ୍ (Chain Reaction) ମଧ୍ୟ ସୃଷ୍ଟି କରିପାରନ୍ତି, ଯାହାକୁ ରୋକିବା କଷ୍ଟକର ହୋଇପଡ଼ିବ। ଏହାକୁ "କେସଲର୍ ସିଣ୍ଡ୍ରୋମ୍" ବୋଲି କୁହାଯାଏ। ଏଥିରେ ପୃଥିବୀର ଚାରିପାଖରେ ବର୍ଜ୍ୟବସ୍ତୁର ବାଦଲ ସୃଷ୍ଟି ହେବ। ସାଙ୍ଗକୁ କକ୍ଷପଥଟି ମଧ୍ୟ ବିପର୍ଯ୍ୟସ୍ତ ହୋଇ ପଡ଼ିବ, ଯାହାଦ୍ୱାରା କୌଣସି ଉପଗ୍ରହ ବା ରକେଟ୍ ଉତ୍କ୍ଷେପଣ କରିବା ସମ୍ପୂର୍ଣ୍ଣ ଭାବରେ ଅସମ୍ଭବ ହେବ। ଏହାଠାରୁ କମ୍ ଚିନ୍ତାଜନକ ପରିସ୍ଥିତିରେ ପୁରୁଣା, ଅକାମୀ ହୋଇଯାଇଥିବା "ସାଟେଲାଇଟ୍" ନିୟନ୍ତ୍ରଣ ବିହୀନ ଭାବରେ ବାୟୁମଣ୍ଡଳକୁ ମଧ୍ୟ ଆସିପାରିବ। ତେଣୁ ଆଲୋଚ୍ୟ ବିଷୟବସ୍ତୁ ହେଉଛି କି, ଯଦି ଆମେ ସାଟେଲାଇଟ୍ ଗୁଡ଼ିକୁ ମରାମତି ନିମନ୍ତେ ଭୂପୃଷ୍ଠକୁ ଆଣିପାରିବା ନାହିଁ, ତେବେ ଭୂମିରୁ ଶହ ଶହ କି.ମି. ଉପରେ ଥିବା ହଜାର ହଜାର ସାଟେଲାଇଟ୍ ଗୁଡ଼ିକର ଉଚିତ୍ ତଦାରଖ ଓ ମରାମତି ହେବ କିପରି ?

ଏହି ବର୍ଷ ମାର୍ଚ୍ଚରେ ଏକ ଗମ୍ଭୀର ସମସ୍ୟା ସାମ୍ନାକୁ ଆସିଲା, ଯେତେବେଳେ ନାସାର ଏକ ବୃହତ୍ ଉପଗ୍ରହ ଅନିୟନ୍ତ୍ରିତ ଭାବରେ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କଲା। ସାଟେଲାଇଟ୍‌ର ନାମ ଥିଲା "ଭ୍ୟାନ୍ ଆଲେନ୍ ପ୍ରୋବ୍ ଏ"। ଓଜନ ୧୩୨୩ ପାଉଣ୍ଡ (୬୦୦ କି.ଗ୍ରା)। ୨୦୧୨ ମସିହାରେ ଏହାକୁ ମହାକାଶକୁ ପଠାଯାଇଥିଲା ଓ ପୃଥିବୀର ବିକିରଣ ବିଷୟରେ ତଥ୍ୟ ଦେବା ଥିଲା ଏହି ସାଟେଲାଇଟ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ୨୦୧୯ ରେ ଜାଳେଣୀ ସରିଯିବାରୁ ଏହା ଅକାମୀ ହୋଇ ପଡ଼ିଥିଲା। ଏହି ଘଟଣାଟି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ବିଶେଷଜ୍ଞମାନେ ଉପଗ୍ରହଟିର ତଳକୁ ଖସିବା ପ୍ରକ୍ରିୟା ଉପରେ ସମ୍ପୂର୍ଣ୍ଣ ଭାବରେ ନଜର ରଖିବା ସହିତ, ଏହା ମଧ୍ୟ ଆଶଙ୍କା ପ୍ରକାଶ କରିଥିଲେ କି, ଭବିଷ୍ୟତରେ କୌଣସି ବୃହତ୍ ଉପଗ୍ରହ ଅନିୟନ୍ତ୍ରିତ ଭାବରେ ଜନବହୁଳ ଅଞ୍ଚଳରେ ପଡ଼ିଲେ ବ୍ୟାପକ କ୍ଷୟକ୍ଷତି ହୋଇପାରେ। ଉପରୋକ୍ତ ଘଟଣାଟି ଇଙ୍ଗିତ କରୁଛି କି, ଉପଗ୍ରହ ସର୍ବଦା କାର୍ଯ୍ୟକ୍ଷମ ନଥାଏ ଓ କୌଣସି ମେସିନ୍ ପରି ଏହା ପୁରୁଣା ମଧ୍ୟ ହୁଏ। ଏଥିରେ ଥିବା ବ୍ୟାଟେରୀ ପର୍ଯ୍ୟାୟକ୍ରମେ ଖରାପ ହୋଇଥାଏ। ମହାକାଶର କଠୋର ପରିବେଶ ଉପଗ୍ରହଟି ଉପରେ ଧୀରେଧୀରେ ପ୍ରଭାବ ପକାଏ। ଉଡ଼ାଜାହାଜ, କାର୍‌ର ବିପରୀତରେ ଆମେ ଉପଗ୍ରହକୁ ସଜାଡ଼ିବା ପାଇଁ ୱାର୍କସପ୍‌କୁ ଆଣିପାରିବା ନାହିଁ। ଥରେ ମହାକାଶକୁ ଉତ୍‌କ୍ଷେପଣ କରାଗଲେ ସାଟେଲାଇଟ୍ ଗୁଡ଼ିକ ତୀବ୍ର ବିକିରଣ, ଉଚ୍ଚ ତାପମାତ୍ରା, ବର୍ଦ୍ଧିଷ୍ଣୁ ଯାନ୍ତ୍ରିକ ଚାପର ପରିବେଶ ମଧ୍ୟରେ କାର୍ଯ୍ୟ କରିଥାନ୍ତି। ଉପଗ୍ରହଟିର ସ୍ୱାସ୍ଥ୍ୟ ନିରୀକ୍ଷଣ ମୁଖ୍ୟତଃ ଭୂପୃଷ୍ଠରୁ ହୋଇଥାଏ। ଏଥିରେ ବୈଜ୍ଞାନିକ ଓ ଇଞ୍ଜିନିୟରମାନଙ୍କୁ ସହାୟତା କରିଥାଏ "ଟେଲିମେଟ୍ରି" ଜନିତ ତଥ୍ୟ। ଟେଲିମେଟ୍ରି ପ୍ରକ୍ରିୟାରୁ ସାଟେଲାଇଟ୍‌ର ବ୍ୟାଟେରୀର ପ୍ରଦର୍ଶନ, ତାପମାତ୍ରା, ବିଦ୍ୟୁତଶକ୍ତିର ବିନିଯୋଗ ପରିମାଣ ଆଦି ବିଷୟରେ ସବିଶେଷ ତଥ୍ୟ ମିଳିଥାଏ। ବୈଜ୍ଞାନିକମାନେ ଏହି ସୂଚନାର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି ସମ୍ଭାବ୍ୟ ଦୁର୍ଘଟଣାକୁ ପ୍ରତିରୋଧ କରିଥାନ୍ତି। ଦଶକ ଦଶକ ଧରି ଏହି ଟେଲିମେଟ୍ରି ପ୍ରକ୍ରିୟାଟି ସୁନ୍ଦର ଭାବରେ କାର୍ଯ୍ୟ କରି ଆସୁଛି। ଏବେ କିନ୍ତୁ ସାଟେଲାଇଟ୍‌ର ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଇବା ସାଙ୍ଗକୁ ଏହି ପ୍ରକ୍ରିୟାଟିକୁ ପରିଚାଳନା କରିବା କଷ୍ଟକର ହୋଇପଡ଼ିବ। ଏହାର କାରଣ ହେଉଛି ଯେକୌଣସି ମନୁଷ୍ୟକୃତ ବ୍ୟବସ୍ଥା ଗୋଟିଏ ଥରରେ ସୀମିତ ପରିମାଣର ତଥ୍ୟକୁ ହିଁ ବିଶ୍ଳେଷଣ କରିପାରେ। ବର୍ତ୍ତମାନ କୃତ୍ରିମ ବୃଦ୍ଧିମତାର ଯେଉଁ ପ୍ରଭୂତ ଉନ୍ନତି ସାଧିତ ହୋଇଛି, ଏହାକୁ ମଧ୍ୟ ଉପଗ୍ରହର ରକ୍ଷଣାବେକ୍ଷଣରେ ବ୍ୟବହାର କରାଯାଇପାରିବ। ଗବେଷକମାନେ ଉଦ୍ୟମ କରୁଛନ୍ତି ଯେ, ଏ.ଆଇ ଦ୍ୱାରା ସାଟେଲାଇଟ୍‌ର କୌଣସି ସମସ୍ୟାର ପ୍ରାରମ୍ଭିକ ସଙ୍କେତକୁ କିପରି ଚିହ୍ନଟ କରାଯାଇପାରିବ ଓ ତୁରନ୍ତ ଏହାର ସମାଧାନ କରି ମହାକାଶ ମିଶନଟିକୁ ବଞ୍ଚାଯାଇପାରିବ।

ସାଟେଲାଇଟ୍ ଗୁଡ଼ିକ ପରସ୍ପର ସାଙ୍ଗରେ ଧକ୍କା ନ ହେବା ପାଇଁ ଏଥିରେ ଧକ୍କା ନିରୋଧୀ ବ୍ୟବସ୍ଥା (Collision Avoidance Manoeuvre)ର ପ୍ରୟୋଗ କରାଯାଇଥାଏ। କିନ୍ତୁ ମାତ୍ରାଧିକ ଉପଗ୍ରହ ଯୋଗୁଁ ଯଦି ଏହି ବ୍ୟବସ୍ଥାଟି କାର୍ଯ୍ୟକାରୀ ନ ହୋଇପାରିଲା ତେବେ ପ୍ରତି ୩.୮ ଦିନରେ ଗୋଟିଏ ବୃହତ୍ ଧକ୍କା ଜନିତ ଦୁର୍ଘଟଣାର ସମ୍ଭାବନା ଅଛି, ଯାହାକି ବାଟ କଢ଼ାଇ ନେବ କେସ୍‌ଲର ସିଣ୍ଡ୍ରୋମ୍‌କୁ। ଉଡ଼ାଜାହାଜ ଚଳାଚଳରେ ଥିବା ଏଭିଏସନ୍ ଟ୍ରାଫିକ୍ ପରି ମହାକାଶରେ କୌଣସି ବ୍ୟବସ୍ଥା ନାହିଁ। ଉପଗ୍ରହ ଜନିତ ଆଲୋକ ପ୍ରଦୂଷଣଦ୍ୱାରା ନୈଶ ଆକାଶର ପାରମ୍ପରିକ ବ୍ୟବହାର ମଧ୍ୟ ଭବିଷ୍ୟତରେ ବାଧାପ୍ରାପ୍ତ ହେବ। ଏଥିରେ ଧାର୍ମିକ ବ୍ୟବହାର ମଧ୍ୟ ଅନ୍ତର୍ଭୁକ୍ତ।

ମାତ୍ରାଧିକ ସାଟେଲାଇଟ୍‌ର ଉତ୍‌କ୍ଷେପଣରେ ବିପୁଳ ପରିମାଣରେ ଜୀବାଶ୍ମ ଇନ୍ଧନର ବ୍ୟବହାର ହୋଇଥାଏ। ଏହା ଯୋଗୁଁ ଓଜୋନ୍ ସ୍ତର କ୍ଷତିଗ୍ରସ୍ତ ହୁଏ। ଉପଗ୍ରହ ଗୁଡ଼ିକ ନିଜର କାର୍ଯ୍ୟ ସମାପନ କରିସାରିଲା ପରେ ସେଗୁଡ଼ିକୁ ବାୟୁମଣ୍ଡଳରେ ଜଳାଇ ଧ୍ୱଂସ କରିବାର ବ୍ୟବସ୍ଥା ମଧ୍ୟ ଥାଏ। ଏହା ଦ୍ୱାରା ବିପୁଳ ପରିମାଣରେ ଧାତବ ଗୁଣ୍ଡ ଷ୍ଟ୍ରାଟୋସ୍ପିଅର୍‌ରେ ଜମା ହୋଇ ପରିବେଶ ପ୍ରଦୂଷଣ କରିବା ସାଙ୍ଗକୁ ଓଜୋନ୍ ସ୍ତରକୁ ମଧ୍ୟ କ୍ଷତି ପହଞ୍ଚାଇଥାଏ।

ଏବେ ଆସିବା ନ୍ୟାୟିକ ଦିଗକୁ। ଆନ୍ତର୍ଜାତିକ ମହାକାଶ ନିୟମ (Internation Space Law) ଅନୁଯାୟୀ, ଉପଗ୍ରହ ପ୍ରସଙ୍ଗରେ କେବଳ ଦେଶକୁ ଦାୟୀ କରାଯାଇପାରିବ, କୌଣସି କମ୍ପାନୀକୁ ନୁହେଁ। ଏହି ସକାଶେ ମହାକାଶ ବିଶେଷଜ୍ଞମାନେ ଦାବି କରୁଛନ୍ତି କି, ଭବିଷ୍ୟତରେ କୌଣସି ଉପଗ୍ରହ ହେତୁ ଯଦି ପରିବେଶ ପ୍ରଦୂଷଣ, ବିପର୍ଯ୍ୟୟ ଆଦି ହେଲା, ସେଥିରେ ସଂପୃକ୍ତ କମ୍ପାନୀ ଉତ୍ତରଦାୟୀ ହେବା ପାଇଁ ବ୍ୟବସ୍ଥା ରହୁ। ଲେଖକର ମତରେ ଏକ ମିଲିଅନ୍ ସାଟେଲାଇଟ୍ ଉତ୍‌କ୍ଷେପଣ କରିବା ଅପେକ୍ଷା, ଉପଗ୍ରହ ଗୁଡ଼ିକୁ ଅଧିକ ଦକ୍ଷ ଓ କାର୍ଯ୍ୟକ୍ଷମ କରାଯିବାର ଆବଶ୍ୟକତା ଅଧିକ ଗୁରୁତ୍ୱପୂର୍ଣ୍ଣ।

ଉପଗ୍ରହଗୁଡ଼ିକ ଯେପରି ନିଜ ଅବସ୍ଥା ଉପରେ ନଜର ରଖିପାରିବେ, କୌଣସି ସମସ୍ୟାକୁ ପ୍ରାଥମିକ ଅବସ୍ଥାରେ ଚିହ୍ନଟ କରିପାରିବେ ଓ ସେମାନଙ୍କ ଯୋଗୁଁ ମଣିଷ ସମାଜକୁ ମିଳୁଥିବା ସେବା ନିରନ୍ତରତାର ସହ କିପରି ଜାରି ରହିବ, ବୈଜ୍ଞାନିକମାନେ ସେଥିରେ ମନୋନିବେଶ କରନ୍ତୁ।


ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭


# ଜ୍ଞାନ ହିଁ ଶକ୍ତି, ଶିକ୍ଷା ହିଁ ସମାଜର ସତ୍ୟ ସ୍ୱାଧୀନତା

**ସୌଭାଗ୍ୟ ରଞ୍ଜନ ମହାନ୍ତି**

ବିଶ୍ୱ ସାକ୍ଷରତା ଦିବସ କେବଳ ଏକ ଦିନର ସ୍ମରଣୀୟ ଅବସର ନୁହେଁ, ଏହା ମାନବ ସମାଜକୁ ଏକ ଗଭୀର ପ୍ରଶ୍ନ ପଚାରିବାର ଦିନ। ଆମେ କେତେ ଲୋକଙ୍କୁ ଅକ୍ଷର ଚିହ୍ନାଇଛୁ ତାହାଠାରୁ ବଡ଼ ପ୍ରଶ୍ନ ହେଉଛି, ଆମେ କେତେ ଲୋକଙ୍କୁ ନିଜ ଜୀବନ ବିଷୟରେ ସଚେତନ ନିଷ୍ପତ୍ତି ନେବାର ଶକ୍ତି ଦେଇପାରିଛୁ ? ସାକ୍ଷରତା ଅର୍ଥ କେବଳ ନିଜ ନାମ ଲେଖିବା, ଏକ ବାକ୍ୟ ପଢ଼ିବା କିମ୍ବା ସଂଖ୍ୟା ଗଣିବା ନୁହେଁ; ସାକ୍ଷରତା ହେଉଛି ଅଧିକାର ବୁଝିବା, କର୍ତ୍ତବ୍ୟ ଚିହ୍ନିବା, ଠିକ୍ ଓ ଭୁଲ ମଧ୍ୟରେ ପାର୍ଥକ୍ୟ କରିବା, ସୂଚନାକୁ ପରୀକ୍ଷା କରିବା, ଠକେଇରୁ ନିଜକୁ ସୁରକ୍ଷିତ ରଖିବା ଏବଂ ନିଜ ପରିବାର ଓ ସମାଜ ପାଇଁ ସଚେତନ ନିଷ୍ପତ୍ତି ନେବାର କ୍ଷମତା। ସେଥିପାଇଁ ସାକ୍ଷରତା ହେଉଛି ଗଣତନ୍ତ୍ରର ଭିତ୍ତି, ଅର୍ଥନୈତିକ ଉନ୍ନତିର ଚାବି ଓ ସାମାଜିକ ନ୍ୟାୟର ଦ୍ୱାର। ଆଜିର ଦୁନିଆରେ ଯେଉଁଠି ସୂଚନାର ବନ୍ୟା, ସେଠାରେ ପଢ଼ିବାର କ୍ଷମତା ସହିତ ବୁଝିବାର କ୍ଷମତା ମଧ୍ୟ ଅତ୍ୟନ୍ତ ଆବଶ୍ୟକ। ଏହି ପରିପ୍ରେକ୍ଷିତରେ ଓଡ଼ିଶାର ଭୂମିକା ବିଶେଷ ଗୁରୁତ୍ୱ ରଖେ। ଓଡ଼ିଶାର ଶିକ୍ଷା ଯାତ୍ରା କେବଳ ବିଦ୍ୟାଳୟର ଦ୍ୱାର ଖୋଲିବାର ଇତିହାସ ନୁହେଁ, ଏହା ସମାଜର ଅନ୍ଧକାର ମଧ୍ୟରେ ଜ୍ଞାନର ଦୀପ ଜଳାଇବାର ଦୀର୍ଘ ସଂଗ୍ରାମ। ଫକୀରମୋହନ ସେନାପତି, ଗୌରୀଶଙ୍କର ରାୟ, ରାଧାନାଥ ରାୟଙ୍କ ଭଳି ଅନେକ ମହାନ ବ୍ୟକ୍ତିତ୍ୱ ଓଡ଼ିଆ ଭାଷା, ଜ୍ଞାନ ଓ ଶିକ୍ଷାର ବିକାଶ ପାଇଁ ଅମୂଲ୍ୟ ଅବଦାନ ରଖିଛନ୍ତି। ମଧୁସୂଦନ ଦାସଙ୍କ ଭଳି ମହାନ ଚିନ୍ତକମାନେ ମଧ୍ୟ ଶିକ୍ଷିତ ଓ ସଚେତନ ସମାଜ ବିନା ଏକ ସୁଦୃଢ଼ ଓଡ଼ିଶା ଗଢ଼ିବା ଅସମ୍ଭବ ବୋଲି ବୁଝିଥିଲେ। ଆଜି ସେହି ଐତିହ୍ୟକୁ ଆଧୁନିକ ଆବଶ୍ୟକତା ସହ ଯୋଡ଼ିବାର ସମୟ। ରାଜ୍ୟର ଗ୍ରାମାଞ୍ଚଳ, ପାହାଡ଼ିଆ ଅଞ୍ଚଳ, ଜନଜାତି ଅଞ୍ଚଳ ଓ ଦୂରଦୂରାନ୍ତର ଗାଁଗୁଡ଼ିକରେ ଶିକ୍ଷାର ପ୍ରସାର ଏକ ବଡ଼ ପରିବର୍ତ୍ତନ ଆଣିଛି। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଭର୍ତ୍ତି ବଢ଼ିଛି, ଝିଅମାନଙ୍କ ଶିକ୍ଷା ପ୍ରତି ପରିବାରର ଆଗ୍ରହ ବଢ଼ିଛି, ଉଚ୍ଚଶିକ୍ଷାର ସୁଯୋଗ ବିସ୍ତାରିତ ହୋଇଛି ଏବଂ ଶିକ୍ଷାକୁ ଜୀବନ ପରିବର୍ତ୍ତନର ମାଧ୍ୟମ ଭାବେ ଗ୍ରହଣ କରିବାର ମନୋଭାବ ଦୃଢ଼ ହୋଇଛି। ତଥାପି ଆମର ଆତ୍ମସନ୍ତୋଷର ସ୍ଥାନ ନାହିଁ। ବିଦ୍ୟାଳୟରେ ଉପସ୍ଥିତି ଓ ପ୍ରକୃତ ଶିକ୍ଷାଲାଭ ଏକ କଥା ନୁହେଁ। ଶିଶୁ ପୁସ୍ତକ ପଢୁଛି କି ନାହିଁ, ପଢ଼ିଥିବା କଥା ବୁଝୁଛି କି ନାହିଁ, ସରଳ ଗଣିତ କରିପାରୁଛି କି ନାହିଁ, ନିଜ ଚିନ୍ତାକୁ ସ୍ପଷ୍ଟ ଭାବେ କହିପାରୁଛି କି ନାହିଁ। ଏହି ପ୍ରଶ୍ନଗୁଡ଼ିକ ଆମ ଶିକ୍ଷା ବ୍ୟବସ୍ଥାର ମୂଳ ପରୀକ୍ଷା। ଆଜିର ଛାତ୍ର ଆସନ୍ତାକାଲିର ନାଗରିକ। ତେଣୁ କେବଳ ପରୀକ୍ଷାରେ ଅଧିକ ଅଙ୍କ ନୁହେଁ, ତାଙ୍କ ମନରେ ପ୍ରଶ୍ନ କରିବାର ସାହସ, ତର୍କ କରିବାର କ୍ଷମତା, ନୂଆ କଥା ଶିଖିବାର ଆଗ୍ରହ ଓ ସତ୍ୟ ଖୋଜିବାର ଅଭ୍ୟାସ ଗଢ଼ିବା ଆବଶ୍ୟକ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପଢୁଥିବା ଯୁବପିଢ଼ି ପାଇଁ ଏହି ସନ୍ଦେଶ ଆହୁରି ଗୁରୁତ୍ୱପୂର୍ଣ୍ଣ। ଜ୍ଞାନକୁ କେବଳ ଚାକିରି ପାଇବାର ଉପକରଣ ଭାବେ ଦେଖିଲେ ଶିକ୍ଷାର ମହତ୍ତ୍ୱ ସୀମିତ ହୋଇଯାଏ। ଜ୍ଞାନ ହେଉଛି ନିଜକୁ ଗଢ଼ିବାର ଅସ୍ତ୍ର, ସମାଜକୁ ବୁଝିବାର ଦୃଷ୍ଟି ଓ ଦେଶକୁ ଆଗକୁ ନେବାର ଶକ୍ତି। ଜଣେ ପ୍ରଶାସନିକ ଅଧିକାରୀ ଯଦି ଆଇନ ପଢ଼ିଥାନ୍ତି କିନ୍ତୁ ଲୋକଙ୍କ ଦୁଃଖ ବୁଝିପାରନ୍ତି ନାହିଁ, ତେବେ ତାଙ୍କ ଶିକ୍ଷା ଅସମ୍ପୂର୍ଣ୍ଣ; ଜଣେ ଶିକ୍ଷକ ଯଦି ପାଠ ପଢ଼ାନ୍ତି କିନ୍ତୁ ଶିଶୁର ଜିଜ୍ଞାସା ଜାଗ୍ରତ କରିପାରନ୍ତି ନାହିଁ, ତେବେ ଶିକ୍ଷା ତାହାର ଲକ୍ଷ୍ୟ ହରାଇଥାଏ। ଓଡ଼ିଶା ପାଇଁ ଆଜିର ଚ୍ୟାଲେଞ୍ଜ ହେଉଛି ସାକ୍ଷରତାକୁ ଜୀବନମୁଖୀ କରିବା। ବୟସ୍କମାନଙ୍କ ମଧ୍ୟରେ ଯେଉଁମାନେ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ପଢ଼ିବା, ଲେଖିବା ସହିତ ଦୈନନ୍ଦିନ ଜୀବନର ଆବଶ୍ୟକ ଜ୍ଞାନ ଦେବାକୁ ହେବ। ବ୍ୟାଙ୍କ, ଚିକିତ୍ସା, କୃଷି, ଆଇନ, ସରକାରୀ ଯୋଜନା, ଅର୍ଥ ପରିଚାଳନା ଓ ନିଜ ଅଧିକାର ସମ୍ପର୍କରେ ମୌଳିକ ବୁଝାମଣା ସୃଷ୍ଟି କରିବା ଆବଶ୍ୟକ। ଏହା ସହିତ ଡିଜିଟାଲ ଯୁଗରେ ନୂଆ ପ୍ରକାରର ସାକ୍ଷରତା ଦରକାର। ମୋବାଇଲ ଚଳାଇ ପାରିବା ମାତ୍ର ଡିଜିଟାଲ ସାକ୍ଷରତା ନୁହେଁ; ଭୁଲ ସୂଚନା ଚିହ୍ନଟ କରିବା, ଠକେଇରୁ ସାବଧାନ ରହିବା, ନିଜସ୍ୱ ତଥ୍ୟ ସୁରକ୍ଷିତ ରଖିବା ଓ ଦାୟିତ୍ୱଶୀଳ ଭାବେ ପ୍ରଯୁକ୍ତି ବ୍ୟବହାର କରିବା ମଧ୍ୟ ଏହାର ଅଂଶ। ଓଡ଼ିଶାର ଗାଁର ଜଣେ ମାଆ ଯଦି ନିଜ ସନ୍ତାନର ପାଠପଢ଼ା ବୁଝିପାରନ୍ତି, ଜଣେ କୃଷକ ଯଦି ନିଜ ଉତ୍ପାଦନର ମୂଲ୍ୟ ଓ ସରକାରୀ ସୁଯୋଗ ବିଷୟରେ ସୂଚନା ନେଇପାରନ୍ତି, ଜଣେ ଶ୍ରମିକ ଯଦି ନିଜ ଅଧିକାର ବୁଝିପାରନ୍ତି ଏବଂ ଜଣେ ଯୁବକ ଯଦି ନିଜ ସ୍ୱପ୍ନ ପାଇଁ ସଠିକ୍ ? ଜ୍ଞାନ ଅର୍ଜନ କରିପାରନ୍ତି, ତେବେ ସାକ୍ଷରତାର ପ୍ରକୃତ ଅର୍ଥ ସାର୍ଥକ ହେବ। ଏଠାରେ ପରିବାରର ଭୂମିକା ମଧ୍ୟ ବଡ଼। ଶିଶୁକୁ ବିଦ୍ୟାଳୟକୁ ପଠାଇଦେଇ ଦାୟିତ୍ୱ ସମାପ୍ତ ହୁଏ ନାହିଁ। ଘରେ ପଢ଼ିବାର ପରିବେଶ, ପୁସ୍ତକ ପ୍ରତି ଆଗ୍ରହ, ଆଲୋଚନାର ସୁଯୋଗ ଓ ପ୍ରଶ୍ନ କରିବାର ସ୍ୱାଧୀନତା ଦେବାକୁ ହେବ। ଶିକ୍ଷକମାନେ ହେଉଛନ୍ତି ଏହି ଅଭିଯାନର ସବୁଠାରୁ ଶକ୍ତିଶାଳୀ ସୈନିକ। ତେଣୁ ସେମାନଙ୍କୁ ଆବଶ୍ୟକ ସମ୍ମାନ, ପ୍ରଶିକ୍ଷଣ, ସମ୍ବଳ ଓ ଶିକ୍ଷାଦାନର ସ୍ୱାଧୀନତା ଦେବା ଦରକାର। ସରକାରଙ୍କ ଦାୟିତ୍ୱ ହେଉଛି ଭିତ୍ତିଭୂମି, ଶିକ୍ଷକ, ପୁସ୍ତକ, ପ୍ରଯୁକ୍ତି ଓ ସମାନ ସୁଯୋଗ ସୁନିଶ୍ଚିତ କରିବା; ସମାଜର ଦାୟିତ୍ୱ ହେଉଛି ଶିକ୍ଷାକୁ ଆନ୍ଦୋଳନରେ ପରିଣତ କରିବା। ଓଡ଼ିଶାର ପ୍ରତ୍ୟେକ ଗାଁରେ ପାଠାଗାର, ପ୍ରତ୍ୟେକ ବିଦ୍ୟାଳୟରେ ପଢ଼ା ଅଭ୍ୟାସ, ପ୍ରତ୍ୟେକ ଘରେ ପୁସ୍ତକ ପାଇଁ ସ୍ଥାନ ଓ ପ୍ରତ୍ୟେକ ଯୁବକଙ୍କ ମନରେ ଜ୍ଞାନ ପାଇଁ ତୃଷ୍ଣା ସୃଷ୍ଟି କରିପାରିଲେ ଏହି ରାଜ୍ୟର ଭବିଷ୍ୟତ ଆହୁରି ଉଜ୍ଜ୍ୱଳ ହେବ। ସାକ୍ଷରତା ହେଉଛି ଦାରିଦ୍ର୍ୟ ବିରୋଧରେ ଦୀର୍ଘମିଆଦୀ ଅସ୍ତ୍ର, ଅନ୍ଧବିଶ୍ୱାସ ବିରୋଧରେ ଯୁକ୍ତିର ଆଲୋକ, ବେକାରି ବିରୋଧରେ କୌଶଳର ଦ୍ୱାର ଓ ଅସମାନତା ବିରୋଧରେ ସୁଯୋଗର ସେତୁ। ତେଣୁ ବିଶ୍ୱ ସାକ୍ଷରତା ଦିବସରେ ଓଡ଼ିଶା ଏକ ନୂଆ ସଂକଳ୍ପ ନେଉ। କୌଣସି ଶିଶୁ ଶିକ୍ଷାରୁ ବଞ୍ଚିତ ହେବ ନାହିଁ, କୌଣସି ବୟସ୍କ ଅଜ୍ଞତାର ଅନ୍ଧକାରରେ ରହିବେ ନାହିଁ, କୌଣସି ଯୁବକ ଭୁଲ ସୂଚନାର ଶିକାର ହେବେ ନାହିଁ ଏବଂ କୌଣସି ପରିବାର ଶିକ୍ଷାକୁ ଭାର ଭାବିବ ନାହିଁ। ଆମେ ମନେରଖିବା ଦରକାର। ସାକ୍ଷର ଓଡ଼ିଶା କେବଳ ଅଧିକ ଲୋକ ପଢ଼ିପାରୁଥିବା ଓଡ଼ିଶା ନୁହେଁ; ସାକ୍ଷର ଓଡ଼ିଶା ହେଉଛି ଏମିତି ଏକ ଓଡ଼ିଶା, ଯେଉଁଠି ନାଗରିକ ନିଜ ଅଧିକାର ଜାଣନ୍ତି, ନିଜ କର୍ତ୍ତବ୍ୟ ପାଳନ କରନ୍ତି, ତଥ୍ୟକୁ ପ୍ରଶ୍ନ କରନ୍ତି, ଜ୍ଞାନକୁ ସମ୍ମାନ କରନ୍ତି ଓ ନିଜ ପରବର୍ତ୍ତୀ ପିଢ଼ି ପାଇଁ ଆହୁରି ଭଲ ସମାଜ ଗଢ଼ନ୍ତି। ଆଜି ଜଣେ ଶିଶୁର ହାତରେ ପୁସ୍ତକ ଦେବା ଅର୍ଥ ଆସନ୍ତାକାଲି ତାହାର ହାତରେ ସୁଯୋଗ ଦେବା। ଜଣେ ଯୁବକଙ୍କ ମନରେ ଜ୍ଞାନର ଦୀପ ଜଳାଇବା ଅର୍ଥ ରାଜ୍ୟର ଭବିଷ୍ୟତକୁ ଆଲୋକିତ କରିବା। ତେଣୁ ଆସନ୍ତୁ, ସାକ୍ଷରତାକୁ ଉତ୍ସବରେ ସୀମିତ ନରଖି ଜୀବନର ଅଭ୍ୟାସ କରିବା; ପ୍ରତ୍ୟେକ ଘରକୁ ଜ୍ଞାନର ଘର, ପ୍ରତ୍ୟେକ ବିଦ୍ୟାଳୟକୁ ସ୍ୱପ୍ନର କାରଖାନା ଓ ପ୍ରତ୍ୟେକ ଯୁବକଙ୍କୁ ପରିବର୍ତ୍ତନର ଦୂତ କରିବା। କାରଣ ଯେଉଁ ସମାଜରେ ଜ୍ଞାନର ଆଲୋକ ଅଛି, ସେଠାରେ ଅନ୍ଧକାରର ଶାସନ ଦୀର୍ଘ ହୋଇପାରେ ନାହିଁ; ଏବଂ ଯେଉଁ ଓଡ଼ିଶାର ପ୍ରତ୍ୟେକ ମଣିଷ ଶିକ୍ଷିତ, ସଚେତନ ଓ ଜ୍ଞାନମୁଖୀ, ସେହି ଓଡ଼ିଶା ହିଁ ଭବିଷ୍ୟତ ଭାରତର ଶକ୍ତିଶାଳୀ ଭିତ୍ତି ହେବ।


ମୋବାଇଲ୍: ୯୪୩୭୯୯୪୩୭୯


# ବୁଲଡଜର ନ୍ୟାୟ: କେତେ ଯୁକ୍ତିଯୁକ୍ତ

**ଅଧ୍ୟାପକ ଗୋପବନ୍ଧୁ**

ଦେଶରେ ତଥା ରାଜ୍ୟରେ ଜବରଦଖଲକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ପରିଲକ୍ଷିତ ହେଉଛି। ଯେଉଁମାନେ ସରକାରୀ ଜମିକୁ ମାଡ଼ିବସି ଘର କରିଛନ୍ତି ଅଥବା ବ୍ୟବସାୟ ପ୍ରତିଷ୍ଠାନ କରିଛନ୍ତି, ସେମାନଙ୍କୁ ଉଚ୍ଛେଦ କରାଯାଉଛି। ଏମାନଙ୍କ ଭିତରେ ଅଛନ୍ତି ଯେଉଁମାନେ ସମ୍ପୂର୍ଣ୍ଣରୂପେ ସରକାରୀ ଜମିକୁ ମାଡ଼ି ବସିଛନ୍ତି, ଯେଉଁମାନେ ଅତିକ୍ରମଣ କରିଛନ୍ତି ଅଥବା କେତେକ ସ୍ଥଳରେ ଯେଉଁମାନେ ସହରମାନଙ୍କରେ ଗୃହ ନକ୍ସା ପାଶ୍ ନକରାଇ ଘର କରିଛନ୍ତି କିମ୍ବା ନକ୍ସା ମୁତାବକ ଘର କରିନାହାଁନ୍ତି। ସ୍ୱଳ୍ପକାଳୀନ ନୋଟିସରେ ଏହିପ୍ରକାର ଘର ବା ପ୍ରତିଷ୍ଠାନ ଗୁଡିକୁ ବୁଲଡଜର ଲଗାଇ ପ୍ରଶାସନ ଜରିଆରେ ଭଙ୍ଗା ଯାଉଛି। ଉଚ୍ଚ ନ୍ୟାୟାଳୟ ମଧ୍ୟ ଏହା ଉପରେ ମୋହର ଲଗାଇଛନ୍ତି। ଜନସାଧାରଣଙ୍କ ମଧ୍ୟରେ ଏହାକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। କେତେକ ଏହା ଏକ ଉଚିତ ପଦକ୍ଷେପ ବୋଲି କହୁଥିବା ବେଳେ ଅନେକେ ଭାରତ ପରି ଏକ ବିକାଶଶୀଳ ରାଷ୍ଟ୍ରରେ ଏହା ଅନୁଚିତ କର୍ଯ୍ୟବୋଲି ଅବିହିତ କରୁଛନ୍ତି। ଉଭୟ ମତର ଯାଥାର୍ଥ୍ୟତା ରହିଛି। ତେବେ ଉଚ୍ଛେଦ ପଦକ୍ଷେପ କେତେ ବାସ୍ତବମୁଖୀ ତାହାର ଅନୁଶୀଳନ ଜରୁରୀ।

ଦେଶରେ ତଥା ରାଜ୍ୟରେ ଅର୍ଦ୍ଧେକରୁ ଅଧିକ ଘର ଜବରଦଖଲ ଜାଗାରେ କିମ୍ବା ଅତିକ୍ରମଣଭାବେ ଅଥବା ଗୃହ ନକ୍ସା ପାଶ୍ ବିନା ତିଆରି ହୋଇଛି। ଏ ସମସ୍ତ ଘରକୁ ଭାଙ୍ଗିଦେଲେ ଭରତବର୍ଷର ଚିତ୍ର ଯୁଦ୍ଧବିଧ୍ୱସ୍ତ ରାଷ୍ଟ୍ରପରି ଦେଖାଯିବ। ଏହିପ୍ରକାର ନିର୍ମାଣ ପାଇଁ କେବଳ ଅଧିବାସୀଙ୍କ ଘରଭାଙ୍ଗି ଦଣ୍ଡିତ କରିବା ସମ୍ପୂର୍ଣ୍ଣ ନ୍ୟାୟ ନୂହେଁ। ସେ ସମୟରେ ସହରାଞ୍ଚଳର ଭାରପ୍ରାପ୍ତ ଅଧିକାରୀମାନେ ମଧ୍ୟ ଦଣ୍ଡିତ ହେବା ଉଚିତ୍, ଯେଉଁମାନଙ୍କ କୋହଳ ମନୋଭାବ ଯୋଗୁଁ ଏପରି ନିର୍ମାଣ କାର୍ଯ୍ୟ ପରିବ୍ୟାପ୍ତ ହୋଇଛି। ପ୍ରଶାସନର ନୀରବତା ସାଧାରଣ ଲୋକଙ୍କୁ ପ୍ରତ୍ସ୍ୟାହିତ କରିଛି ଅବୈଧ ନିର୍ମାଣ କରିବା ପାଇଁ। ଏଥିରେ ସରକାରଙ୍କ ଦୋଷ ଅଧିକ ରହିଛି ସାଧାରଣ ଜନତାଙ୍କ ଅପେକ୍ଷା। ପୂର୍ବ ସରକାର ଓ ପ୍ରଶାସନିକ ଅଧିକାରୀ ଏଦିଗରେ ଆଖିବୁଜି ଦେଇଥିଲେ କାହିଁକି ? ପ୍ରାରମ୍ଭରୁ ରୋକିଥିଲେ ଆଜିର ଏ ଅବସ୍ଥା ସୃଷ୍ଟି ହୋଇ ନଥାନ୍ତା। ଏବେର ସରକାର ଓ ପ୍ରଶାସନ ପ୍ରତିଶୋଧ ପରାୟଣ ନହୋଇ ଉପାଦେୟ ଓ ଯୁକ୍ତି ସଙ୍ଗତ ଢଙ୍ଗରେ ଜବରଦଖଲ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବା ଉଚିତ୍। ଗୋଟିଏ ଘର ନିର୍ମାଣ ପାଇଁ ଗୋଟିଏ ପରିବାରର ଜୀବନ ସାରାର ଆୟ ବିନିଯୋଗ ହୋଇଥାଏ। ଏହାକୁ ବୁଲଡଜର ଲଗାଇ ଅଳ୍ପ ସମୟରେ ଭାଙ୍ଗି ଦିଆଯାଏ। ଯେଉଁ ଘର ସହିତ ଗୋଟିଏ ପରିବାରର ମାୟାମମତା ଜଡିତ ହୋଇ ରହିଥାଏ। ଏହା ଏକ ସ୍ପର୍ଶକାତର ବିଷୟ।

ଏ ସମ୍ବନ୍ଧରେ ସାଧାରଣ ଲୋକମାନେ ଦେଉଥିବା ମତାମତ ନିମ୍ନମତେ ବିଚାରଯୋଗ୍ୟ। ପ୍ରଥମରେ ଯେଉଁମାନେ ନିଜ ଘର ପରିମିତ ଜାଗା ପରିବର୍ତ୍ତେ ଅଧିକ ସରକାରୀ ଜାଗା ମାଡି ବସିଛନ୍ତି ଉଭୟ ସହର ଓ ଗ୍ରାମାଞ୍ଚଳରେ ସେହି ଜମିକୁ ଜବରଦଖଲ ମୁକ୍ତ କରାଯାଉ। କିଛି ଜମି ମାଫିଆ ବିଭିନ୍ନ ସହରରେ ମାଡିବାର ଦେଖାଯାଇଛି। ଏମାନେ ଏକର ଏକର ସରକାରୀ ଜାଗାକୁ ନିଜ କବଜାକୁ ନେଇ ପ୍ଲଟକରି ବିକିଛନ୍ତି। କିଛି ପ୍ରଭାବଶାଳୀ ବ୍ୟକ୍ତି ଏପରି ଅନେକ ଜାଗା ନିଜ କବଜାରେ ଏବେବି ରଖିଛନ୍ତି। ଏହା ସ୍ଥାନୀୟ ଅଧିକାରୀଙ୍କ ଅଜାଣତରେ ହେଉଛି ବୋଲି କହିହେବ ନାହିଁ। ଏପରି ଅନେକ ଅଛନ୍ତି ଯେଉଁମାନେ ସରକାରୀ ଜମିରେ ଘରକରି ଭଡାରେ ଲଗାଇଛନ୍ତି। ଏହି ପ୍ରକାର ଜବରଦଖଲ ଉଚ୍ଛେଦ ହେଉ। ଦ୍ୱିତୀୟରେ ଆଉ କେତେକ ଅଛନ୍ତି ଯେଉଁମାନେ ଡାକ୍ତରଖାନା, ସ୍କୁଲ, କଲେଜ, ସରକାରୀ ଅନୁଷ୍ଠାନ, ଜାତୀୟ ରାଜପଥ ଓ ରେଳବାଇ ଇତ୍ୟାଦି ଜାଗାରେ ଘର କରି ରହିଛନ୍ତି ତାଙ୍କୁ ମଧ୍ୟ ପ୍ରଶାସନ ତରଫରୁ ରୋକାଯାଇ ନାହିଁ। ଆବଶ୍ୟକ ସ୍ଥଳେ ଏମାନଙ୍କୁ ଉଚ୍ଛେଦ କରାଯାଉ, କିନ୍ତୁ ଗରୀବ ଓ ଭୂମିହୀନଙ୍କୁ ବିକଳ୍ପ ଜାଗାଦେଇ ଥଇଥାନ କରାଯାଉ।



ତୃତୀୟରେ ଯେଉଁମାନେ ନିଜ ପଟ୍ଟା ଜାଗାରେ ଘର କରିଛନ୍ତି, କିନ୍ତୁ ରାସ୍ତା ଉପରକୁ କିମ୍ବା ସରକାରୀ ଅନୁଷ୍ଠାନର ଜାଗାକୁ ଅତିକ୍ରମ କରିଛନ୍ତି ତାଙ୍କୁ ଅତିକ୍ରମିତ ଜାଗାରୁ ଉଚ୍ଛେଦ କରାଯାଉ। ରାସ୍ତାର ପ୍ରଶସ୍ତୀକରଣ ଅତ୍ୟାବଶ୍ୟକ ବିଷୟ ଅଟେ। ଚତୁର୍ଥରେ ଗୁରୁତ୍ୱପୂର୍ଣ୍ଣ ହେଉଛି ସରକାର ଏକ ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରଣ କରି ସର୍ବକ୍ଷମା ନୀତି ପ୍ରଣୟନ କରନ୍ତୁ। ଯେଉଁମାନେ ଉକ୍ତ ତାରିଖ ପୂର୍ବରୁ ଗୃହନକ୍ସା ପାଶ ନକରାଇ ଘର କରିଛନ୍ତି ତାଙ୍କୁ କ୍ଷମା ଦେବା ଓ ଯେଉଁମାନେ ନିର୍ବିବାଦୀୟ ସରକାରୀ ଜମିରେ ଘରକରି ଅଛନ୍ତି ତାଙ୍କୁ ମଧ କ୍ଷମା ଦେବା ଏହାର ଅନ୍ତର୍ଗତ ହେଉ। ଏମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ସୀମା ଉପରେ ଅଧିକ ପରିମାଣ ଜମି ପାଇଁ ରିହାତି ହାରରେ ଦେୟ ଦେବାର କିମ୍ବା ଜମି ବଦଳରେ ଜମି ଦେବାର ବ୍ୟବସ୍ଥା କରାଯାଉ। ଏହାର ଏକ ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କରାଯାଇ ସେଟେଲମେଣ୍ଟ କରାଯାଉ। ଅତିକ୍ରମଣ ଜାଗା ଉପରେ ସ୍ଥାୟୀ ନିର୍ମାଣ ଥିଲେ ତା ଉପରେ ମଧ୍ୟ ଦେୟ କିମ୍ବା ବଦଳ ଜାଗା ଦେବାର ବ୍ୟବସ୍ଥା ହେଉ। ଏହାଦ୍ୱାରା ବହୁ ମୂଲ୍ୟବାନ କୋଠା ଓ ପ୍ରତିଷ୍ଠାନକୁ ରକ୍ଷା କରାଯାଇ ପାରିବ। ଏ ସମସ୍ତ ରାଷ୍ଟ୍ରୀୟ ବିକାଶର ଗୋଟିଏ ଗୋଟିଏ କଡି।

ଓଡିଶାରେ ୨୦୧୭ ମସିହାରେ ବସ୍ତିବାସିନ୍ଦାଙ୍କ ଥଇଥାନ ନିମିତ୍ତ ଏକ ଆଇନ୍ ପ୍ରଣୟନ କରାଯାଇଛି। ଯାହା ଓଡ଼ିଶା ଲେଣ୍ଡ ରାଇଟ୍ସ ଟୁ ସ୍ଲମ୍ ଡୁଏଲାର୍ସ ଏକ୍ଟ- ୨୦୧୭ ବା ବସ୍ତି ବାସିନ୍ଦା ଆଇନ୍- ୨୦୧୭ ଭାବେ ପରିଚିତ। ଏହି ନିୟମ ଅନୁଯାୟୀ ରାଜ୍ୟର ବିଭିନ୍ନ ସହରର ବସ୍ତିରେ ୨୦୧୭ ମସିହା ପୂର୍ବରୁ ବସବାସ କରୁଥିବା ପଟ୍ଟାବିହୀନ ବାସିନ୍ଦାଙ୍କୁ ସେମାନେ ବସବାସ କରୁଥିବା ଜାଗାର ମାଲିକାନା ସତ୍ତ୍ୱ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏହାରି ଆଧାରରେ ବସ୍ତିବାସିନ୍ଦାମାନେ ବାସସ୍ଥାନ ପ୍ରମାଣ ପତ୍ର ସହିତ ସମସ୍ତ ପ୍ରକାରର ସରକାରୀ ସୁବିଧା ସୁଯୋଗ ପାଇପାରିବେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମୁତାବକ ସେମାନେ ପକ୍କାଘର ତିଆରି ପାଇଁ ଅର୍ଥ ପାଇବାକୁ ମଧ୍ୟ ଯୋଗ୍ୟ ହୋଇଯିବେ। ତେବେ ଏକାର୍ଯ୍ୟ ପୂର୍ବ ସରକାର ସମୟରେ ଅଧାପନ୍ତରିଆ ହୋଇ ରହିଗଲା। ସମସ୍ତ ପଟ୍ଟାବିହୀନଙ୍କ ସର୍ଭେ ହୋଇ ପାରିଲା ନାହିଁ କି ଜମି ଅଧିକାର ପ୍ରମାଣ ପତ୍ର ଦିଆଯାଇ ପାରିଲା ନାହିଁ। ବର୍ତ୍ତମାନର ସରକାର ଏହି ଆଇନ ଉପରେ ଗୁରୁତ୍ୱ ଦେବାପରି ମନେ ହେଉନାହିଁ। ଏହି ନିୟମ ମୁତାବକ ଥଇଥାନ କାର୍ଯ୍ୟକ୍ରମ ତ୍ୱରାନିତ ହେବା ଜରୁରୀ।

ସହରାଞ୍ଚଳରେ ପଟ୍ଟାବିହୀନଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି। ଗାଁ ଗହଳିରେ କର୍ମ ନିଯୁକ୍ତିର ଘୋର ଅଭାବ ରହିଛି। ଜନସଂଖ୍ୟା ବଢୁଛି। ଅନେକ କୁଶଳୀ, ଅର୍ଦ୍ଧକୁଶଳୀ, ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ବେକାର ସହରକୁ ପଳାଇ ଆସିଛନ୍ତି କର୍ମସଂସ୍ଥାନ ପାଇବା ଆଶାରେ। ଏମାନେ ସହରକୁ ଆସି ପ୍ରଥମେ ବେସରକାରୀ ସଂସ୍ଥାରେ ଛୋଟମୋଟ ଚାକିରି କରନ୍ତି ଓ କେତେକେ ଛୋଟକାଟିଆ ବ୍ୟବସାୟ ଆରମ୍ଭ କରନ୍ତି। ଏମାନେ କେଉଁ ନାଳ କଡରେ, କେନାଲ କଡରେ, ନଦୀ ପଠାରେ, ରାସ୍ତା କଡରେ, ଟ୍ରେନ ଲାଇନ କଡରେ ଅଥବା ସହର ତଳି ଲଟାଝଟା ସ୍ଥାନରେ ଝୁପୁଡି ଘରଟିଏ କରିରହନ୍ତି। ସମୟକ୍ରମେ ଏହି ଝୁପୁଡି ଘର ଆଜବେଷ୍ଟସ ଘରକୁ ଓ ପରେ ଛୋଟ ପକ୍କା ଘରକୁ ରୂପାନ୍ତରିତ ହୁଏ। କେତେକ ଗଡ଼ଜାତିଆ ସହରରେ ବହୁ ପୁରାତନ ପଟ୍ଟାବିହୀନ ବାସିନ୍ଦାଙ୍କୁ ଦେଖିବାକୁ ମିଳେ। ଏମାନଙ୍କ ଭିତରୁ କିଛି ଅଛନ୍ତି ଯେଉଁମାନେ ସ୍ୱାଧୀନତା ପୂର୍ବରୁ ସରକାରୀ ଜମିରେ ଘରକରି ରହିଛନ୍ତି। ଚାଲାକମାନେ କଳେବଳେ କୌଶଳେ ନିଜ ନାମରେ ପଟ୍ଟା କରି ନେଇଛନ୍ତି। ସରଳ ଓ ନିରୀହମାନେ ସେହିପରି ପଡି ରହିଛନ୍ତି। କୌଣସି ଲୋକକୁ ବାସହୀନ କରିବା ମାନବିକତା ବିରୋଧି କାର୍ଯ୍ୟ। ପଟ୍ଟାବିହୀନଙ୍କ ସପକ୍ଷରେ ବଳିଷ୍ଠ ଯୁକ୍ତି ହେଉଛି ଯେ ସରକାର ଶିଳ୍ପାୟନ ନାମରେ ଘରୋଇ କମ୍ପାନୀମାନଙ୍କୁ ହଜାର ହଜାର ଏକର ଜମି ଦେଉଥିବା ବେଳେ ପ୍ରଗତିର ମୂଳଦୁଆ ସାଜିଥିବା ଏହି ଲୋକମାନଙ୍କୁ ଦୁଇଚାରି ଡେସିମିଲ୍ ଜମି ଦେଇ ଥଇଥାନ କରି ପାରିବେ ନାହିଁ କାହିଁକି ?

ବସ୍ତିବାସିନ୍ଦା ନିୟମ-୨୦୧୭ ଅନୁଯାୟୀ ପ୍ରତ୍ୟେକ ପଟ୍ଟାବୀହିନ ବାସିନ୍ଦା ପୌରାଞ୍ଚଳରେ ୪୫ ବର୍ଗମିଟର ଓ ଏନଏସିରେ ୬୦ ବର୍ଗମିଟର ଜାଗା ପାଇବେ। ଏହାଠାରୁ କମ୍ ଥିଲେ ଯେତିକି ଥିବ ସେତିକି ପାଇବେ। ଅଧିକ ଥିଲେ ବଳକା ଜମିକୁ ସରକାରଙ୍କୁ ହସ୍ତାନ୍ତର କରିବେ। ଯେଉଁ ଜମି ମାଲିକାନା ଦିଆଯାଉଛି ତାହାକୁ ପ୍ରଥମେ ଜମିଅଧିକାର ପ୍ରମାଣ ପତ୍ର ବା ଏଲ୍.ଆର୍.ସି. ବୋଲି କୁହାଯାଉଛି। ପରେ ଏହାକୁ ବଦଳାଇ ପଟ୍ଟା ପ୍ରଦାନ କରାଯାଉଛି। ଏହାରି ଆଧାରରେ ଅନେକ ଲୋକ ପଟ୍ଟା ପାଇ ସାରିଲେଣି। ଆହୁରି ଅନେକେ ପାଇବା ଅପେକ୍ଷାରେ ଅଛନ୍ତି। ପ୍ରଥମ ପର୍ଯ୍ୟାୟରେ ଅନେକଙ୍କ ସର୍ଭେ ହୋଇପାରି ନଥିଲା। ତେଣୁ ଦ୍ୱିତୀୟ ପର୍ଯ୍ୟାୟ ସର୍ଭେ ହେବ ବୋଲି ଶୁଣାଯାଉଛି। କେତେକ ସହରରେ ସମସ୍ୟା ହେଉଛି ଜଙ୍ଗଲ ଜମି କିସମକୁ ନେଇ। ଅନେକ ବସ୍ତି ଜଙ୍ଗଲ ଜମି ଉପରେ ଗଢିଉଠିଛି। କିସମ ବଦଳାଇବା ପାଇଁ କେନ୍ଦ୍ରର ଅନୁମତି ଲୋଡ଼ା। ତେଣୁ ଏମାନଙ୍କୁ ଏଲ୍.ଆର୍.ସି. ଦିଆଯାଇ ପାରୁନାହିଁ। ରାଜ୍ୟ ସରକାର ତାଙ୍କୁ ଜମି ଯୋଗ୍ୟତା ପ୍ରମାଣ ପତ୍ର ବା ଏଲ୍.ଇ.ସି. ପ୍ରଦାନ କରିଛନ୍ତି। ଆବଶ୍ୟକ ସ୍ଥଳେ ଏମାନଙ୍କୁ ଆଉ କୋଉ ଯାଗାରେ ଜମି ଦିଆଯାଇ ପରିବ। ଏବେ ସହର ମଧ୍ୟରେ ଆଉ ଜଙ୍ଗଲ ନାହିଁ। ତେଣୁ ଜମି କିସମ ବଦଳିବା ଜରୁରୀ। ଜମି କିସମ ପରିବର୍ତ୍ତନ ହୋଇ ପାରିଲେ, ଏମାନେ ମଧ୍ୟ ଏଲ୍.ଆର.ସି. ପାଇପାରିବେ ଓ ପଟ୍ଟା ମଧ୍ୟ ପାଇବେ।

ନିୟମ ମୁତାବକ ଦେୟମୁକ୍ତ ଜାଗା ବାଦେ ୪ ?୫ ଡେସିମିଲ ପର୍ଯ୍ୟନ୍ତ ଅଥବା ଯେତିକି ଜାଗା ଉପରେ ଘର କରିଛନ୍ତି ସେତିକିକୁ ଦେୟଯୁକ୍ତ ଭାବେ ପ୍ରଦାନ ପାଇଁ ଯୋଜନାର ଅନ୍ତର୍ଭୁକ୍ତ କଲେ ଏହା ଅଧିକ ଫଳପ୍ରଦ ହୁଅନ୍ତା। ଦେୟଯୁକ୍ତ ଯୋଜନା ମାଧ୍ୟମରେ ଏପରି ପଟ୍ଟାବିହୀନଙ୍କ ଥଇଥାନ ଉପଯୋଗୀ ପରି ମନେହୁଏ। ଏହାଦ୍ୱାରା ଜବରଦଖଲରେ ଥିବ ସରକାରୀ ଜମିର ସୁବନ୍ଦୋବସ୍ତ ହେବା ସହିତ ରାଜ୍ୟ ରାଜକୋଷ ପାଇଁ ଭଲ ପରିମାଣର ଅର୍ଥ ସଂଗ୍ରହ କରାଯାଇ ପାରିବ। ଯେଉଁ ଅର୍ଥ ରାଜ୍ୟର ଅନ୍ୟ କୌଣସି ବିକାଶ କାର୍ଯ୍ୟରେ ଲାଗିପାରିବ। ଭାରତବର୍ଷ ପରି ଗୋଟିଏ ଜନମଙ୍ଗଳ ରାଷ୍ଟ୍ରରେ ବୁଲଡଜର ନ୍ୟାୟ ନୂହେଁ ମାନବିକତା ଆଧାରରେ ନ୍ୟାୟ ଜରୁରୀ।


ବାରିପଦା, ମୟୂରଭଞ୍ଜ,
ମୋ. ୯୪୩୮୨୪୮୮୫୪

# ରାଧାକୃଷ୍ଣ ଶ୍ରୀଜଗନ୍ନାଥ ମନ୍ଦିର



*ମହାନଦୀ କୂଳରେ ଥିବା ମାଆ ବୃହଦମ୍ବା ବା ମାଆ ଭଟ୍ଟାରିକାଙ୍କ ପୀଠ, ମହାନଦୀ ଗର୍ଭରେ ଥିବା ପ୍ରସିଦ୍ଧ ସିଂହନାଥ ମନ୍ଦିର, ନଦୀ ଆରପଟେ ଥିବା ବୈଦେଶ୍ୱର ଗ୍ରାମର ବୈଦ୍ୟନାଥ ଓ ପାହାଡ଼ ଉପରେ ଥିବା ରାମନାଥ ମନ୍ଦିର ଏବଂ ପାହାଡ଼ ପାଦଦେଶରେ ଥିବା ଖାଖରା ଶୈଳୀର ପ୍ରାଚୀନ ଦୁର୍ଗା ମନ୍ଦିର ପୁଣି ନରସିଂହପୁର ଯିବା ବାଟରେ ପଡୁଥିବା ପ୍ରାଚୀନ ଚମ୍ପାନାଥ ମହାଦେବ ମନ୍ଦିର, ପଦାମାଳ ଗ୍ରାମର ବାଣେଶ୍ୱରନାସି ପାହାଡ଼ ଉପରେ ଥିବା ପ୍ରାଚୀନ ବାଣେଶ୍ୱର ମନ୍ଦିର, ଦେଓଝର, ଡାବରଖୋଲ ଜଳପ୍ରପାତ ଏପରିକି କଣ୍ଟିଲୋର ନୀଳମାଧବ, ଖଣ୍ଡପଡ଼ା ରାଜବାଟୀ ଓ ଜଗନ୍ନାଥ ମନ୍ଦିର ଏବଂ ରାଜଗିରି ଜଳପ୍ରପାତ ଆଦି ବୁଲି ଦେଖିବାର ସୁଯୋଗ ମିଳିଥିଲା ।*






ଅନନ୍ତ ଓ ଅସୁମାରୀ କୀର୍ତ୍ତିରାଜିରେ ଭରା ଆମ ଏ ଓଡ଼ିଶା ଭୂଖଣ୍ଡ । କୋଣାନୁକୋଣରେ ତା'ର କେତେ ଯେ ଦେଉଳ, କେତେ ମଠ ଓ ମନ୍ଦିର । ଧର୍ମ, ସାହିତ୍ୟ, ସଂସ୍କୃତି, ନୃତ୍ୟ ଓ ସଂଗୀତ କେତେ ଯେ ଉତ୍କୃଷ୍ଟ କଳା ରେ ଭରା ଏଇ ଉତ୍କଳ ପ୍ରଦେଶ । ଗୌରବମୟ ଆମ ଅତୀତ ଓ ଇତିହାସ ।

ଇତି ମଧ୍ୟରେ ବଡ଼ମ୍ବାରୁ ବଦଳିହୋଇ ଜଗତସିଂହପୁର ଆସିବା ପ୍ରାୟ ଏକ ବର୍ଷ ହେବାକୁ ହେବ । ହେଲେ ସେଠାରେ ରହଣି କାଳର କିଛି ସ୍ମୃତି ଏବେବି ସତେଜ ହୋଇ ରହିଛି । ବଡ଼ମ୍ବାରେ କେତୋଟି ମାସ ରହଣି କାଳରେ ସେଇ ଆଖ ପାଖ ଅଞ୍ଚଳରେ ଥିବା ଅନେକ ଗୁଡ଼ିଏ ଐତିହ୍ୟ ସ୍ଥଳୀ ଓ ପ୍ରାଚୀନ ମନ୍ଦିର ବୁଲି ଦେଖିବାର ସୁଯୋଗ ଜୁଟିଥିଲା ।

ମହାନଦୀ କୂଳରେ ଥିବା ମାଆ ବୃହଦମ୍ବା ବା ମାଆ ଭଟ୍ଟାରିକାଙ୍କ ପୀଠ, ମହାନଦୀ ଗର୍ଭରେ ଥିବା ପ୍ରସିଦ୍ଧ ସିଂହନାଥ ମନ୍ଦିର, ନଦୀ ଆରପଟେ ଥିବା ବୈଦେଶ୍ୱର ଗ୍ରାମର ବୈଦ୍ୟନାଥ ଓ ପାହାଡ଼ ଉପରେ ଥିବା ରାମନାଥ ମନ୍ଦିର ଏବଂ ପାହାଡ଼ ପାଦଦେଶରେ ଥିବା ଖାଖରା ଶୈଳୀର ପ୍ରାଚୀନ ଦୁର୍ଗା ମନ୍ଦିର ପୁଣି ନରସିଂହପୁର ଯିବା ବାଟରେ ପଡୁଥିବା ପ୍ରାଚୀନ ଚମ୍ପାନାଥ ମହାଦେବ ମନ୍ଦିର, ପଦାମାଳ ଗ୍ରାମର ବାଣେଶ୍ୱରନାସି ପାହାଡ଼ ଉପରେ ଥିବା ପ୍ରାଚୀନ ବାଣେଶ୍ୱର ମନ୍ଦିର, ଦେଓଝର, ଡାବରଖୋଲ ଜଳପ୍ରପାତ ଏପରିକି କଣ୍ଟିଲୋର ନୀଳମାଧବ, ଖଣ୍ଡପଡ଼ା ରାଜବାଟୀ ଓ ଜଗନ୍ନାଥ ମନ୍ଦିର ଏବଂ ରାଜଗିରି ଜଳପ୍ରପାତ ଆଦି ବୁଲି ଦେଖିବାର ସୁଯୋଗ ମିଳିଥିଲା ।

ଖାଲି ସେତିକି ନୁହେଁ, ବଡ଼ମ୍ବା ରହଣି ସମୟରେ ବାଙ୍କୀର ଆରାଧ୍ୟ ଦେବୀ ଚର୍ଚ୍ଚିକା, ରଗଡ଼ିର ମହିମାମଣି ଓ ପାଟପୁର ଗ୍ରାମରେ ଥିବା ପ୍ରାଚୀନ ସିଂହନାଥ ମନ୍ଦିର ବୁଲା ବି ହୋଇଥିଲା । ସେହିପରି ବଡ଼ମ୍ବା ରାଜବାଟୀ ପରିସରରେ ଥିବା ପୁରାତନ ରାଧାକୃଷ୍ଣ ମନ୍ଦିର ଓ ଜଗନ୍ନାଥ ମନ୍ଦିର ଦର୍ଶନର ସୁଯୋଗ ବି ଜୁଟିଥିଲା ।

କୁହାଯାଏ କେଶରୀ ନରସିଂହ ଦେବଙ୍କ ଠାରୁ ଶଙ୍ଖ ମହୁରୀ ନାମରେ ଦୁଇଗୋଟି ଗ୍ରାମ ଉପହାର ସ୍ୱରୂପ ପ୍ରାପ୍ତ କରିଥିଲେ ଯୋଦ୍ଧା ହଟକେଶ୍ୱର ରାଓ୍ୱତ୍ । ପ୍ରାୟ ତେରଶହ ଖ୍ରୀଷ୍ଟାବ୍ଦରେ ସ୍ଥାନୀୟ ଅଧିଷ୍ଠାତ୍ରୀ ଦେବୀ ମାଆ ବୃହଦମ୍ବାଙ୍କ ନାମାନୁସାରେ ଏଇ ଶଙ୍ଖ ମହୁରୀ ଗ୍ରାମକୁ ନେଇ ବଡ଼ମ୍ବା ରାଜ୍ୟ ସ୍ଥାପନ କରି ଶାସନ କଲେ । ଶଙ୍ଖ ମହୁରୀ ଗ୍ରାମ ଦୁଇଟି ଏବେ ସ୍ଥାନୀୟ ଅଞ୍ଚଳରେ ଶଙ୍ଖାମେରୀ ନାଁରେ ପରିଚିତ । ପରବର୍ତ୍ତୀ କାଳରେ ଏଇ ବଡ଼ମ୍ବା ରାଜ୍ୟ, ଏକ ସୁ ସମୃଦ୍ଧ ରାଜ୍ୟ ରୂପେ ପରିଚୟ ପାଇ ବ୍ରିଟିଶ ଶାସନ ସମୟରେ ଏକ ଗଡ଼ଜାତ ରାଜ୍ୟ ରୂପେ ମାନ୍ୟତା ପାଇଥିଲା ।

ବଡ଼ମ୍ବାର ସେଇ ପୁରୁଣା ରାଜବାଟୀ ଏବେବି ସଗର୍ବେ ଦଣ୍ଡାୟମାନ ହୋଇ ରହିଛି । ରାଜବାଟୀ ପରିସର ବାହାରେ ଥିବା ପୁରୁଣା ଦରବାର ହଲ୍ ବା ଅତିଥିଶାଳଟି ଏବେ ଭଗ୍ନ ଓ ଜରାଜୀର୍ଣ୍ଣ ଭାବେ ନିଜ ଅସ୍ତିତ୍ୱ ଜାହିର କରୁଛି । ରାଜବାଟୀରେ ସେ କାଳର ଚହଲ ପହଲ ଆଉ ନାହିଁ । ରାଜପରିବାର ଏବେ ବି ସେଇ ରାଜବାଟୀରେ ରହୁଥିବାରୁ ସେଠାରେ ସାଧାରଣ ଲୋକଙ୍କ ପ୍ରବେଶାଧିକାର ନାହିଁ; ମାତ୍ର ପରିସରରେ ଥିବା ରାଧାକୃଷ୍ଣ ମନ୍ଦିର ଓ ଜଗନ୍ନାଥ ମନ୍ଦିରକୁ ସର୍ବସାଧାରଣଙ୍କ ପ୍ରବେଶାନୁମତି ରହିଛି ।

ବଡ଼ମ୍ବା ରାଜବାଟୀ ପରିସରରେ ଥିବା ରାଧାକୃଷ୍ଣ ମନ୍ଦିରଟି ଅତି ପ୍ରାଚୀନ ନ ହେଲେବି କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମିତ ରେଖ ଶୈଳୀର ବିମାନ ଓ ପୀଢ଼ ଶୈଳୀର ଜଗମୋହନ ଥାଇ ଏକ ସୁନ୍ଦର ମନ୍ଦିର । ରକ୍ଷଣାବେକ୍ଷଣ





*ବଡ଼ମ୍ବାର ସେଇ ପୁରୁଣା ରାଜବାଟୀ ଏବେବି ସଗର୍ବେ ଦଣ୍ଡାୟମାନ ହୋଇ ରହିଛି । ରାଜବାଟୀ ପରିସର ବାହାରେ ଥିବା ପୁରୁଣା ଦରବାର ହଲ୍ ବା ଅତିଥିଶାଳଟି ଏବେ ଭଗ୍ନ ଓ ଜରାଜୀର୍ଣ୍ଣ ଭାବେ ନିଜ ଅସ୍ତିତ୍ୱ ଜାହିର କରୁଛି । ବଡ଼ମ୍ବା ରାଜବାଟୀ ପରିସରରେ ଥିବା ରାଧାକୃଷ୍ଣ ମନ୍ଦିରଟି ଅତି ପ୍ରାଚୀନ ନ ହେଲେବି କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମିତ ରେଖ ଶୈଳୀର ବିମାନ ଓ ପୀଢ଼ ଶୈଳୀର ଜଗମୋହନ ଥାଇ ଏକ ସୁନ୍ଦର ମନ୍ଦିର । ରକ୍ଷଣାବେକ୍ଷଣ ଅଭାବରୁ ଟିକେ ମଳିନ ଦିଶୁଛି ଯାହା । ମନ୍ଦିର ଜଗମୋହନରେ ସୁନ୍ଦର କାରୁକାର୍ଯ୍ୟ ଦେଖିବାକୁ ମିଳେ । ଏହି ମନ୍ଦିର ସମ୍ମୁଖରେ ସମତଳ ଛାତ ବିଶିଷ୍ଟ ଏକ ଆୟତାକାର ମଣ୍ଡପ ମଧ୍ୟ ରହିଛି । ଯାହାକି ମନ୍ଦିରର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରେ ।*

ଅଭାବରୁ ଟିକେ ମଳିନ ଦିଶୁଛି ଯାହା । ମନ୍ଦିର ଜଗମୋହନରେ ସୁନ୍ଦର କାରୁକାର୍ଯ୍ୟ ଦେଖିବାକୁ ମିଳେ । ଏହି ମନ୍ଦିର ସମ୍ମୁଖରେ ସମତଳ ଛାତ ବିଶିଷ୍ଟ ଏକ ଆୟତାକାର ମଣ୍ଡପ ମଧ୍ୟ ରହିଛି । ଯାହାକି ମନ୍ଦିରର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରେ ।

ଦୋଳ, ଝୁଲଣ ଓ ଜନ୍ମାଷ୍ଟମୀ ଆଦି ପର୍ବ ଏଠାରେ ମୁଖ୍ୟ ପର୍ବ ରୂପେ ପାଳନ କରାଯାଏ । ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ରାଧାକୃଷ୍ଣଙ୍କ ପ୍ରତି ଅପାର ଭକ୍ତି ଓ ଶ୍ରଦ୍ଧା ଭାବ ଥିବା ଜଣାଯାଏ । ରାଧାକୃଷ୍ଣ ମନ୍ଦିର ପରିସରରେ ଜଗନ୍ନାଥ ମନ୍ଦିର ଏବଂ ଏକ ଶିବ ମନ୍ଦିର ବି ରହିଛି ।

*ତ୍ରିଲୋଚନ ସାଇଁ*
*ଜଗନ୍ନାଥପୁର, ଅନନ୍ତପୁର, ବାଲିକୁଦା*
*ଜିଲ୍ଲା: ଜଗତସିଂହପୁର*
*ଫୋନ ୭୦୦୮୩୪୧୦୬୯*

## ପରିବର୍ତ୍ତିତ ଐତିହ୍ୟ

# ନାରାୟଣୀ ମନ୍ଦିର୍ ଏକ ବୌଦ୍ଧ ଓ ହିନ୍ଦୁ ଧର୍ମ ର୍ ସମନ୍ୱୟର୍ ସ୍ଥଳି


ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ରଘୁନାଥପୁର ବ୍ଲକର ତାରପୁରରେ, ମହାନଦୀ କୂଳରେ ଅବସ୍ଥିତ ପ୍ରସିଦ୍ଧ ନାରାୟଣୀ ମନ୍ଦିର କେବଳ ଏକ ହିନ୍ଦୁ ଦେବୀ ପୀଠ ନୁହେଁ, ବରଂ ଏହା ଓଡ଼ିଶାର ଏକ ମହାନ ସାଂସ୍କୃତିକ ସମନ୍ୱୟ ତଥା ଧର୍ମୀୟ ରୂପାନ୍ତରଣର ଜୀବନ୍ତ କାହାଣୀ ବହନ କରେ। ଏହି ମନ୍ଦିରରେ ପୂଜା ପାଉଥିବା ପ୍ରାଚୀନ ଦେବଦେବୀ ମୂର୍ତ୍ତିସବୁ ପ୍ରକୃତରେ ଖ୍ରୀଷ୍ଟୀୟ ୯ମ ଶତାବ୍ଦୀର ବୌଦ୍ଧ ଧର୍ମର କିନ୍ତୁ ଲୋକଙ୍କ ନିଷ୍ଠା ଓ ବିଶ୍ୱାସ ବଳରେ ଏକ ପ୍ରାଚୀନ ବୌଦ୍ଧ କେନ୍ଦ୍ର କିପରି ଆଜି ଶକ୍ତିପୀଠରେ ପରିଣତ ହୋଇଛି, ତାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ।

**ମୁଖ୍ୟ ଦେବୀ ନାରାୟଣୀ ବା ପ୍ରଜ୍ଞାପାରମିତା:-** ମନ୍ଦିରର ମୁଖ୍ୟ ଆରାଧ୍ୟା ଦେବୀ ମା' ନାରାୟଣୀ। ପ୍ରନ୍ତତାତ୍ତ୍ୱିକ ଦୃଷ୍ଟିରୁ ଏହି ମୂର୍ତ୍ତିଟି ବୌଦ୍ଧ ଦେବୀ ପ୍ରଜ୍ଞାପାରମିତାଙ୍କର ବୋଲି ବିଶ୍ୱାସ କରାଯାଏ।

**ପ୍ରଜ୍ଞାପାରମିତା:** ବୌଦ୍ଧ ଧର୍ମରେ ପ୍ରଜ୍ଞାପାରମିତା ହେଉଛନ୍ତି ମହାଯାନ ଓ ବଜ୍ରଯାନ ଶାଖାର ମୂଳ 'ଉତ୍କୃଷ୍ଟ ପ୍ରଜ୍ଞା'ର ଦେବୀ । ତାଙ୍କୁ ସମସ୍ତ ବୁଦ୍ଧଙ୍କ ମାତା ଭାବରେ ପୂଜା କରାଯାଏ।

**ମୂର୍ତ୍ତିତତ୍ତ୍ୱ:** ତାଙ୍କୁ ପ୍ରାୟତଃ ଶାନ୍ତ, ସୁନ୍ଦର ରୂପରେ ଦର୍ଶାଯାଏ ଏବଂ ସେ ହାତରେ ଏକ ପୋଥି ବା 'ପ୍ରଜ୍ଞାପାରମିତା ସୂତ୍ର' ଧରିଥା'ନ୍ତି, ଯାହା ମହାଜ୍ଞାନର ପ୍ରତୀକ।



**ତ୍ରିମୁଖୀ ମାରୀଚୀ, ଅବଲୋକିତେଶ୍ୱର ଓ ଧ୍ୟାନୀ ବୁଦ୍ଧଙ୍କ ଉପାସନା:-** ମା' ନାରାୟଣୀଙ୍କ ଗର୍ଭଗୃହ ମଧ୍ୟରେ ଅନ୍ୟ କେତେକ ବୌଦ୍ଧ ଦେବଦେବୀଙ୍କ ପ୍ରାଚୀନ ମୂର୍ତ୍ତି ମଧ୍ୟ ପୂଜା ପାଉଛନ୍ତି।

**ମନ୍ଦିରର ପୂଜକଙ୍କ କହିବାନୁଯାୟୀ, ପ୍ରାୟ ୫୦ ବର୍ଷ ପୂର୍ବରୁ ଏହି ପ୍ରାଚୀନ ମୂର୍ତ୍ତିଗୁଡ଼ିକ ଏକ ବରଗଛ ମୂଳରେ ପୂଜା ପାଉଥିଲେ। ତେବେ ସ୍ଥାନୀୟ ଲୋକଙ୍କ ଦାନ ଓ ସହଯୋଗରେ ଏକ ସୁନ୍ଦର ମନ୍ଦିର ନିର୍ମାଣ କରାଯାଇଛି, ଯେଉଁଠାରେ ବୌଦ୍ଧ ଦେବଦେବୀମାନେ ବର୍ତ୍ତମାନ ହିନ୍ଦୁ ଦେବୀଦେବତା ରୂପେ ପୂଜା ପାଉଛନ୍ତି। ଏହି ଧାର୍ମିକ ରୂପାନ୍ତରଣ ଲୋକଙ୍କ ଅତୁଟ ବିଶ୍ୱାସକୁ ଦର୍ଶାଏ।**

ମାରୀଚୀ: ଏଠାରେ ତିନି ମୁଣ୍ଡ ଓ ଆଠ ହାତ ବିଶିଷ୍ଟ ଏକ ମୂର୍ତ୍ତି ଅଛି, ଯାହା ବୌଦ୍ଧ ଦେବୀ ମାରୀଚୀଙ୍କର ବୋଲି ଅନୁମାନ କରାଯାଏ। ମାରୀଚୀ ହେଉଛନ୍ତି ପ୍ରକାଶର ଦେବୀ, ଯିଏ ଭକ୍ତଙ୍କୁ ଅନ୍ଧକାର ଓ ବିପଦରୁ ରକ୍ଷା କରନ୍ତି। ତାଙ୍କୁ ପ୍ରାୟତଃ ଶୂକର ବା ଘୁଷୁରି ଉପରେ ଠିଆ ହୋଇଥିବାର ଦେଖାଯାଏ, ଯାହା କ୍ରୋଧ ଏବଂ ଅଜ୍ଞାନତା ଉପରେ ବିଜୟର ପ୍ରତୀକ।

**ଅବଲୋକିତେଶ୍ୱର:** ଏକ ଅବଲୋକିତେଶ୍ୱର ମୂର୍ତ୍ତି ମଧ୍ୟ ଏଠାରେ ପୂଜା ପାଉଛନ୍ତି। ଅବଲୋକିତେଶ୍ୱର ହେଉଛନ୍ତି କରୁଣାର ବୋଧିସତ୍ତ୍ୱ ଏବଂ ବୌଦ୍ଧ ଧର୍ମରେ ସର୍ବାଧିକ ପୂଜିତ ଦେବତାମାନଙ୍କ ମଧ୍ୟରୁ ଅନ୍ୟତମ। ତାଙ୍କୁ ଅନେକ ରୂପରେ ଚିତ୍ରିତ କରାଯାଏ, ହେଲେ ସେ ପ୍ରାୟତଃ ହାତରେ ପଦ୍ମ ଓ ଜପାମାଳି ଧରିଥାନ୍ତି, ଯାହା ନିର୍ମଳତା ଓ ଶୁଦ୍ଧତାର ପ୍ରତୀକ।

**ଧ୍ୟାନୀ ବୁଦ୍ଧ:** ମା' ନାରାୟଣୀଙ୍କ ବାମ ପାର୍ଶ୍ୱରେ ଏକ ଧ୍ୟାନୀ ବୁଦ୍ଧଙ୍କ ପ୍ରତିମା ମଧ୍ୟ ଦୃଶ୍ୟମାନ। ଧ୍ୟାନୀ ବୁଦ୍ଧମାନେ ବଜ୍ରଯାନ ବୌଦ୍ଧ ଧର୍ମର ପାଞ୍ଚ ମହାନ୍ ବୁଦ୍ଧଙ୍କୁ ବୁଝାଏ, ଯାହା ବିଭିନ୍ନ ପ୍ରଜ୍ଞା ଓ ମହାଭୂତକୁ ପ୍ରତିନିଧିତ୍ୱ କରେ। ସେମାନଙ୍କର ବିଭିନ୍ନ ହସ୍ତ ମୁଦ୍ରା ଏବଂ ସେମାନଙ୍କ ସହିତ ଜଡ଼ିତ ଚିହ୍ନ ଦ୍ୱାରା ଚିହ୍ନଟ କରାଯାଏ । ଏହା ସହ ଖୁବ୍ ଛୋଟ ଛୋଟ ଦୁଇଟି ଧ୍ୟାନି ବୁଦ୍ଧଙ୍କ ପ୍ରତିମା ମଧ୍ୟ ଗର୍ଭଗୃହ ରେ ପୂଜା କରାଯାଏ।

ଏହା ବ୍ୟତୀତ ମୁଖ୍ୟ ମନ୍ଦିର ନିକଟରେ ଥିବା ଏକ ଛୋଟ ପଥର ଘରେ ଅନ୍ୟ ଏକ ଧ୍ୟାନୀ ବୁଦ୍ଧ ପ୍ରତିମା ପୂଜା ପାଉଥିବାର ଦେଖାଯାଏ।

**ତାରପୁର: ତାରାଙ୍କ ନାମରୁ ସ୍ଥାନ ନାମ:-**

ଏହି ଅଞ୍ଚଳର ନାମ ତାରପୁର ହୋଇଥିବାରୁ ଏହା ସମ୍ଭାବନା ସୃଷ୍ଟି କରୁଛି ଯେ ଏହି ନାମ ବୌଦ୍ଧ ଦେବୀ ତାରାଙ୍କ ନାମରୁ ଆସିଛି।

**ତାରା:** ତାରା ହେଉଛନ୍ତି ଜଣେ ପ୍ରମୁଖ ବୌଦ୍ଧ ବୋଧିସତ୍ତ୍ୱ ଦେବୀ, ଯିଏ କରୁଣାର ପ୍ରତୀକ। ସେ ଦୁଃଖରୁ ମୁକ୍ତି ଦେବା ଏବଂ ସମସ୍ତଙ୍କୁ ସାହାଯ୍ୟ କରିବା ପାଇଁ ଜଣାଶୁଣା। ତାଙ୍କର ସବୁଜ ତାରା ଓ ଶ୍ୱେତ ତାରା ଭଳି ଅନେକ ରୂପ ରହିଛି।

ଏସବୁ ପ୍ରମାଣରୁ ଅନୁମାନ କରାଯାଏ ଯେ ଖ୍ରୀଷ୍ଟୀୟ ୯ମ ଶତାବ୍ଦୀରେ ତାରାପୁର ଏକ ବୌଦ୍ଧ ଧର୍ମର ମହତ୍ତ୍ୱପୂର୍ଣ୍ଣ କେନ୍ଦ୍ର ଥିଲା।

**ଲୋକଙ୍କ ବିଶ୍ୱାସ ଓ ମନ୍ଦିର ନିର୍ମାଣ:-**


ମନ୍ଦିରର ପୂଜକଙ୍କ କହିବାନୁଯାୟୀ, ପ୍ରାୟ ୫୦ ବର୍ଷ ପୂର୍ବରୁ ଏହି ପ୍ରାଚୀନ ମୂର୍ତ୍ତିଗୁଡ଼ିକ ଏକ ବରଗଛ ମୂଳରେ ପୂଜା ପାଉଥିଲେ। ତେବେ ସ୍ଥାନୀୟ ଲୋକଙ୍କ ଦାନ ଓ ସହଯୋଗରେ ଏକ ସୁନ୍ଦର ମନ୍ଦିର ନିର୍ମାଣ କରାଯାଇଛି, ଯେଉଁଠାରେ ବୌଦ୍ଧ ଦେବଦେବୀମାନେ ବର୍ତ୍ତମାନ ହିନ୍ଦୁ ଦେବୀଦେବତା ରୂପେ ପୂଜା ପାଉଛନ୍ତି। ଏହି ଧାର୍ମିକ ରୂପାନ୍ତରଣ ଲୋକଙ୍କ ଅତୁଟ ବିଶ୍ୱାସକୁ ଦର୍ଶାଏ। ବୌଦ୍ଧ ଦେବୀଦେବତାମାନେ ହିନ୍ଦୁ ଦେବୀଦେବତା ହୋଇ ପୂଜା ପାଉଥିବାରୁ ମନ୍ଦିରର ମୁଖ୍ୟ ପର୍ବଗୁଡ଼ିକ ହେଉଛି ଅକ୍ଷୟ ତୃତୀୟା ଏବଂ ଦଶହରା।

**ବାନାମ୍ବର ମହାଦେବ ମନ୍ଦିରର ଦୃଶ୍ୟ:-**

ନାରାୟଣୀ ମନ୍ଦିର ନିକଟସ୍ଥ ବାନାମ୍ବର ମହାଦେବ ମନ୍ଦିରରେ ମଧ୍ୟ ଏହି ସମନ୍ୱୟର ଅନ୍ୟ ଏକ ଉଦାହରଣ ଦେଖିବାକୁ ମିଳେ। ସେଠାରେ ୯ମ ଶତାବ୍ଦୀର ଦୁଇଟି ବୌଦ୍ଧ ଦେବତା ଜମ୍ଭାଳଙ୍କ ଭଗ୍ନ ମୂର୍ତ୍ତି ଥିଲା। ଏହି ବିରାଟ ବିରାଟ ଭଗ୍ନ ଜମ୍ଭାଳ ମୂର୍ତ୍ତିଗୁଡ଼ିକୁ ସ୍ଥାନୀୟ ଲୋକେ ସିମେଣ୍ଟର ସାହାଯ୍ୟ ନେଇ ହନୁମାନ ଏବଂ ଦେବୀ ପ୍ରତିମା ଭାବରେ ପରିବର୍ତ୍ତିତ କରି ପୂଜା କରୁଛନ୍ତି।

**ଜମ୍ଭାଳ:** ଜମ୍ଭାଳ ହେଉଛନ୍ତି ବୌଦ୍ଧ ଧର୍ମରେ ଧନ ଓ ସମୃଦ୍ଧିର ଦେବତା। ସେ ହିନ୍ଦୁ ଦେବତା କୁବେରଙ୍କ ସହିତ ସମାନ ବୋଲି ବିଶ୍ୱାସ କରାଯାଏ।

**ଶାନ୍ତି ଓ ଐତିହ୍ୟର ସ୍ଥଳ:-**

ମହାନଦୀର ଶାନ୍ତ ପରିବେଶରେ ଅବସ୍ଥିତ ତାରପୁର ନାରାୟଣୀ ମନ୍ଦିର ଏକ ଶାନ୍ତିପୂର୍ଣ୍ଣ ସ୍ଥାନ। ଏହା ଓଡ଼ିଶାର ଇତିହାସ, ବୌଦ୍ଧ ଓ ହିନ୍ଦୁ ଧର୍ମର ଅପୂର୍ବ ସମନ୍ୱୟ ଏବଂ ଲୋକଙ୍କ ଅତୁଟ ବିଶ୍ୱାସର ଏକ ସୁନ୍ଦର ଉଦାହରଣ। ଏହି ପ୍ରାଚୀନ ଓ ଐତିହ୍ୟପୂର୍ଣ୍ଣ ସ୍ଥାନକୁ ଥରେ ନିଶ୍ଚୟ ପରିଦର୍ଶନ କରିବା ଉଚିତ୍।

*ସମ୍ବିତ ସିଂହ , ଜଗତସିଂହପୁର, ଜଇପୁର,*
*ପିନ୍:- ୭୫୪୧୩୩, ୯୭୭୮୫୮୨୯୭୩*

# ଶିକ୍ଷକ ନିଯୁକ୍ତି ଦାବିରେ ଆଶ୍ରମ ସ୍କୁଲରେ ତାଲା

## ଗଛ ମୂଳେ ପାଠ ପଢ଼ିଲେ ୨ ଶହରୁ ଅଧିକ ଛାତ୍ରଛାତ୍ରୀ

**ଭୋଗରାଇ:** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍‌ର ରଣସିଂହପୁର ଗାଁରେ ଆଶ୍ରମ ସ୍କୁଲରେ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲ ଗେଟ୍‌ରେ

**ଧାରଣାରୁ ହଟିବେନି ବୋଲି ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଚେତାବନୀ**

ତାଲା ପକାଇ ଧାରଣାରେ ବସିଛନ୍ତି ଛାତ୍ରଛାତ୍ରୀ । ପିଲାମାନେଗଛ ମୂଳେ ବସି ପାଠ ପଢୁଥିବା ଦେଖିବାକୁ ମିଳିଛି । ଏଭଳି କିଛି ପ୍ରତିବାଦ କରିଛନ୍ତି ରଣସିଂହପୁର ଗାଁରେ। ଆଶ୍ରମ ସ୍କୁଲର ଛାତ୍ରଛାତ୍ରୀ ।



ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ପିଲାମାନେ ଏଭଳି ପାଠ ପଢୁଥିବା ଦୃଶ୍ୟ ସାମ୍ନାକୁ ଆସିଛି ।

ରଣସିଂହପୁର ଗାଁରେ ଆଶ୍ରମ ସ୍କୁଲରେ ଆବଶ୍ୟକ ଶିକ୍ଷକ ନଥିବା ବେଳେ ଶିକ୍ଷକ ନିଯୁକ୍ତି ପାଇଁ ବାରମ୍ବାର ଦାବି ହୋଇ ଆସୁଛି । ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨ ଶହରୁ ଅଧିକ ଛାତ୍ରଛାତ୍ରୀପଢୁଛନ୍ତି । ଏଥିପାଇଁ ୭ ଜଣ ଶିକ୍ଷକ ଆବଶ୍ୟକ ଥିବା ବେଳେ ଜଣେ ମାତ୍ର ଶିକ୍ଷକ ଅଛନ୍ତି । ଯେଉଁଥିପାଇଁ ପିଲାଙ୍କ ପାଠପଢ଼ାରେ ବହୁ ସମସ୍ୟା ଉପୁଜୁଛି । ଏ ନେଇ ଅଭିଭାବକ ମାନେ ବାରମ୍ବାର ଶିକ୍ଷା ବିଭାଗ ନିକଟରେ ଅଭିଯୋଗ କରିବା ପରେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ ।

ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲ୍ ଗେଟ୍‌ରେ ତାଲା ପକାଇ ବରଗଛ ମୂଳରେ ବସିଲେ ଛାତ୍ରଛାତ୍ରୀ । ମାତ୍ର ଏବେ ଯାଏଁ ଶିକ୍ଷକ ନିଯୁକ୍ତି ହୋଇନାହିଁ, ଯାହାକୁ ନେଇ ଆଜି ଛାତ୍ରଛାତ୍ରୀ ଓ ଅବିଭାବକମାନେ ଧାରଣା ଦେଇଛନ୍ତି । ଶିକ୍ଷକ ନିଯୁକ୍ତି ନ ହେଲେ ଧାରଣାରୁ ହଟିବେନି ବୋଲି ଛାତ୍ରଛାତ୍ରୀ ଓ ଅଭିଭାବକ ଚେତାବନୀ ଦେଇଛନ୍ତି ।

# ଭତ୍ତା ଅପେକ୍ଷାରେ ୨୫୦୦ରୁ ଅଧିକ ହିତାଧିକାରୀ, ଅନଲାଇନ୍ ତ୍ରୁଟିରେ ବଢୁଛି ଦୁର୍ଦ୍ଦଶା

**ଝାରସୁଗୁଡ଼ା:** ଅନଲାଇନ୍ ବ୍ୟବସ୍ଥାରେ ତ୍ରୁଟି ଯୋଗୁଁ ଝାରସୁଗୁଡ଼ା ଜିଲ୍ଲାରେ ବୃଦ୍ଧ, ଦିବ୍ୟାଙ୍ଗ ଓ ବିଧବା ଭତ୍ତା ପ୍ରଦାନରେ ବିଭ୍ରାଟ ଦେଖାଦେଇଛି। ଦୀର୍ଘ ମାସ ଧରି ଭତ୍ତା ଟଙ୍କା ନମିଳିବାରୁ ଜିଲ୍ଲାର ପ୍ରାୟ ୨,୫୦୩ ଜଣ ହିତାଧିକାରୀ ଅସୁବିଧାରେ ପଡ଼ିଛନ୍ତି। ନିୟମିତ ଭତ୍ତା ହିଁ ଯେଉଁମାନଙ୍କ ଜୀବନର ପ୍ରମୁଖ ଆଶ୍ରୟ, ସେମାନଙ୍କ ମଧ୍ୟରୁ ଅନେକେ ଔଷଧ ଓ ଅତ୍ୟାବଶ୍ୟକ ସାମଗ୍ରୀ କିଣିବାରେ ମଧ୍ୟ ଅସମର୍ଥ ହୋଇପଡ଼ିଛନ୍ତି। ଲଖନପୁର ବ୍ଲକ ନେଗୀପାଲି ଗ୍ରାମର ୭୮ ବର୍ଷୀୟା ନିସ୍ତୁଲି ସୁନାନୀ ଗୁରୁତର ଅସୁସ୍ଥତା ଯୋଗୁଁ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଅଛନ୍ତି। ତାଙ୍କ ପୁଅ ଦିନମଜୁରିଆ ହୋଇଥିବାରୁ ମା'ଙ୍କ ଔଷଧ ଓ ଚିକିତ୍ସା ଖର୍ଚ୍ଚ ପାଇଁ ଭତ୍ତା ଟଙ୍କା ଏକମାତ୍ର ପ୍ରମୁଖ ସାହାରା ଥିଲା। ମାତ୍ର ଗତ ୬ ମାସ ଧରି ଭତ୍ତା ମିଳୁନଥିବାରୁ ପରିବାର ଲୋକେ ପଂଚାୟତଠାରୁ ବ୍ୟାଙ୍କ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନିରାଶ ହୋଇଛନ୍ତି। ସେହିପରି ବେଲପାହାଡ଼ ପୌରପରିଷଦ ଅଂଚଳର ୧୮ ବର୍ଷୀୟା ଦିବ୍ୟାଙ୍ଗ ରଶ୍ମିତା କିସାନ ମଧ୍ୟ ଭତ୍ତା ନମିଳିବାରୁ ଅସୁବିଧାରେ ପଡ଼ିଛନ୍ତି। ଅନଲାଇନ୍ ସମସ୍ୟା କାରଣରୁ ଗତ ୩ ମାସ ଧରି ତାଙ୍କୁ ମାସିକ ୩,୫୦୦ ଟଙ୍କାର ଭତ୍ତା ମିଳିନାହିଁ। ତାଙ୍କ ବାପା କିଡ୍ନୀ ରୋଗରେ ପୀଡ଼ିତ ହୋଇ କାମ କରିବାକୁ ଅକ୍ଷମ ଥିବା ବେଳେ ମା'ଙ୍କ ଉପରେ ପରିବାରର ସମସ୍ତ ଦାୟିତ୍ୱ ରହିଛି। ଭତ୍ତା ବନ୍ଦ ହୋଇଯିବାରୁ ରଶ୍ମିତାଙ୍କ ଚିକିତ୍ସା ଓ ଯତ୍ନରେ ମଧ୍ୟ ବାଧା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ ନାୟକଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ୍ ଗ୍ରହଣ କରିନଥିଲେ।

## ଡିସେମ୍ବର ୬ରେ ପଞ୍ଚମ ସୋର ମାରାଥନ

**ବାଲେଶ୍ୱର(ମାନିସ):** ସୋର ପ୍ରାଥମିକ ଶିକ୍ଷକ ଭବନ ପରିସରରେ ସୋର ମାରାଥନ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ତଥା ସାମ୍ବାଦିକ ସମ୍ମିଳନୀ ଆଜି ଅପରାହ୍ନ ରେ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ସଞ୍ଜୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଡିସେମ୍ବର ୬ ତାରିଖ ରବିବାର ଦିନ ପଞ୍ଚମ ସୋର ମାରାଥନ ଆୟୋଜନ କରିବା ପାଇଁ ଦିନଧାର୍ଯ୍ୟ ହୋଇଛି ସୂଚନା ଦେଇଥିଲେ। ସମାଜରେ ନିଶା ନିବାରଣ ଏବଂ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ଏହି ମାରାଥନର ମୁଖ୍ୟ ଉଦ୍ଦେଶ୍ୟ। ଚଳିତ ବର୍ଷ 'ନିଶା ଛାଡ଼ନ୍ତୁ ସୁସ୍ଥ ରୁହନ୍ତୁ' ବାର୍ତ୍ତାକୁ ଆଧାର କରି ଏହି ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି, ଯାହାକି ସ୍ଥାନୀୟ ଯୁବପିଢ଼ି ଓ ଜନସାଧାରଣଙ୍କୁ ଏକ ସୁସ୍ଥ ଜୀବନଶୈଳୀ ଆପଣାଇବା ପାଇଁ ପ୍ରେରଣା ଯୋଗାଇବ ବୋଲି କହିଥିଲେ।ଦୌଡ଼ର ପଥ ଓ ପ୍ରତିଯୋଗିତା ବିଭାଗ ୧୦ କି.ମି. ଦୌଡ଼ ପୁରୁଷ ଓ ମହିଳା ଉଭୟ ବିଭାଗ ପାଇଁ ଉଦ୍ଦିଷ୍ଟ। ଶ୍ରେଷ୍ଠ ୫ ଜଣ ପୁରୁଷ ଏବଂ ୫ ଜଣ ମହିଳା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ୫ କି.ମି. ଦୌଡ଼ ଏହି ବିଭାଗର ସମସ୍ତ ଅଂଶଗ୍ରହଣକାରୀ ପ୍ରତିଯୋଗୀଙ୍କୁ ମେଡାଲ ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ସୋର ଟାଉନ୍ ହଲ୍‌ରୁ ଦୌଡ଼ ଆରମ୍ଭ ହୋଇ ବାମ୍ଫି ଛକ ଦେଇ ପୁନଶ୍ଚ ଟାଉନ୍ ହଲ୍‌ରେ ଶେଷ ହେବ।

## ଫାଟିଥିବା ପାଇପରୁ ଡ୍ରେନକୁ ବୋହୁଛି ପିଇବା ପାଣି

**ଝାରସୁଗୁଡ଼ା:** ଝାରସୁଗୁଡ଼ା ଜିଲ୍ଲାର ପ୍ରାୟ ୪ ଲକ୍ଷ ୯୬ ହଜାର ୮୩୮ ଜଣ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି। ମାତ୍ର ପ୍ରଶାସନିକ ଅବହେଳା ଓ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ଅଂଚଳରେ ଲୋକଙ୍କ ଘରେ ପାନୀୟ ଜଳ ପହଂଚୁନଥିବା ବେଳେ ଫାଟିଥିବା ପାଇପ୍ରୁ ବିଶୁଦ୍ଧ ଜଳ ଡ୍ରେନକୁ ବୋହି ନଷ୍ଟ ହେଉଛି।

୨୦୧୮ ଜୁଲାଇ ୨୭ରେ ବ୍ରଜରାଜନଗରଠାରେ ୩୨୪ କୋଟି ଟଙ୍କା ବ୍ୟୟରେ ଏହି ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶୁଭାରମ୍ଭ ହୋଇଥିଲା। ହୀରାକୁଦ ଜଳଭଣ୍ଡାରରୁ ଜଳ ଆଣି ବନହରପାଲିଠାରେ ବିଶୋଧନ କରାଯାଇ ପ୍ରତିଦିନ ୧୦୦ ଲକ୍ଷ ଲିଟର ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ଏଥିରୁ ଝାରସୁଗୁଡ଼ା, ବ୍ରଜରାଜନଗର ଓ ବେଲପାହାଡ଼ ପୌରାଂଚଳକୁ ୫୦ ଲକ୍ଷ ଲିଟର ଏବଂ ଗ୍ରାମାଂଚଳକୁ ୫୦ ଲକ୍ଷ ଲିଟର ପାଣି ଯୋଗାଣର ଲକ୍ଷ୍ୟ ରହିଛି। ୱାଟକୋ ପକ୍ଷରୁ ଝାରସୁଗୁଡ଼ା ପୌର ପରିଷଦକୁ ୨୫ ଲକ୍ଷ, ବ୍ରଜରାଜନଗରକୁ ୧୩ ଲକ୍ଷ ଓ ବେଲପାହାଡ଼କୁ ୧୨ ଲକ୍ଷ ଲିଟର ପାଣି ଯୋଗାଇବାର ବ୍ୟବସ୍ଥା ହୋଇଛି।

ତେବେ ପ୍ରକଳ୍ପ କାର୍ଯ୍ୟକାରୀ ହେବାର ବର୍ଷ ବିତିଯାଇଥିଲେ ମଧ୍ୟ ଅନେକ ଅଂଚଳରେ ନିୟମିତ ପାନୀୟ ଜଳ ଯୋଗାଣ ହୋଇପାରୁନାହିଁ। ଅନେକ ସ୍ଥାନରେ ପାଇପ୍ ବିଛାଇ ପ୍ରଶାସନ ଦାୟିତ୍ୱ ସାରିଦେଇଥିବା ଅଭିଯୋଗ ହୋଇଛି। ପାଇପ୍ରେ ତ୍ରୁଟି ଓ ଫାଟ ଯୋଗୁଁ ଜଳ ଯୋଗାଣ ବାଧାପ୍ରାପ୍ତ ହେବା ସହ ବହୁ ପରିମାଣର ବିଶୁଦ୍ଧ ଜଳ ଅଯଥାରେ ନଷ୍ଟ ହେଉଛି।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ୧୧ ନମ୍ବର ୱାର୍ଡର ବେହେରମାଲ ନୂଆପଡ଼ା ଅଂଚଳ ଏହାର ଏକ ଉଦାହରଣ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗତ ପ୍ରାୟ ଦୁଇ ବର୍ଷ ଧରି ଏଠାରେ ପାନୀୟ ଜଳ ଯୋଗାଣ ଠିକ୍ ଭାବେ ହେଉନଥିଲା। ଦୀର୍ଘ ଦିନ ପରେ ପାଣି ଆସିଥିଲେ ମଧ୍ୟ ଏବେ

**ଦୁଇ ବର୍ଷ ଧରି ଜଳ ସଙ୍କଟ, ପ୍ରଶାସନର ନିରବତାକୁ ନେଇ ଅସନ୍ତୋଷ**

ପାଇପ୍ ଫାଟିଯିବାରୁ ଜଳ ଘରକୁ ଯିବା ପରିବର୍ତ୍ତେ ସିଧାସଳଖ ଡ୍ରେନକୁ ବୋହିଯାଉଛି।

ପାଇପ୍ ମରାମତି ପାଇଁ ସ୍ଥାନୀୟ ବାସିନ୍ଦା ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନଥିବା ସେମାନେ କହିଛନ୍ତି। ଫଳରେ ଗୋଟିଏ ପଟେ ଲୋକେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଥିବା ବେଳେ ଅନ୍ୟପଟେ ମୂଲ୍ୟବାନ ବିଶୁଦ୍ଧ ଜଳ ଡ୍ରେନ୍ରେ ପଡ଼ି ନଷ୍ଟ ହେଉଛି।

ଝାରସୁଗୁଡ଼ା, ବ୍ରଜରାଜନଗର ଓ ବେଲପାହାଡ଼ ପୌର ପରିଷଦର ବିଭିନ୍ନ ୱାର୍ଡ ଓ ଗଳିକନ୍ଦିରେ ହୋଇଥିବା ପାଇପ୍ ସଂଯୋଗଗୁଡ଼ିକର ତୁରନ୍ତ ଯାଂଚ କରାଯାଇ ତ୍ରୁଟି ଚିହ୍ନଟ କରିବାକୁ ଦାବି ହୋଇଛି।

## ଗଣେଶ ପୂଜା ପାଇଁ ସୋର ଥାନାରେ ଶାନ୍ତି କମିଟି ବୈଠକ

**ବାଲେଶ୍ୱର(ମାନିସ):** ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳା ଏବଂ ଭାଇଚାରା ମଧ୍ୟରେ ପାଳନ କରିବା ପାଇଁ ଆଜି ଅପରାହ୍ନ ରେ ସୋର ଥାନା ପରିସରରେ ଏକ ପ୍ରସ୍ତୁତି ଓ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।

ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ଏହି ବୈଠକରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି,ପୂଜା କମିଟିର କର୍ମକର୍ତ୍ତା ଏବଂ ସାମାଜିକ କର୍ମୀମାନେ ଯୋଗଦେଇଥିଲେ। ବୈଠକରେ ମୁଖ୍ୟ ଅତିଥି ଭାବେ ଡିଏସପି ତପସ୍ୱିନୀ କହଁର ଯୋଗଦେଇ ପୂଜା ସମୟରେ ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଶୋଭାଯାତ୍ରା ଏବଂ ମୂର୍ତ୍ତି ବିସର୍ଜନ ସମୟରେ ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ଶାନ୍ତିବଜାୟ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେହିପରି ତହସିଲଦାର କୃଷ୍ଣ ମୋହନ ସିଂହ, ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱରଂଜନ ପ୍ରଧାନ ଏବଂ ସୋର ଥାନାଧିକାରୀ ଅନୁରାଗ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପୂଜା ପାଳନ ସମୟରେ ସରକାରୀ ନିୟମାବଳୀ, ପରିବେଶ ସୁରକ୍ଷା ଏବଂ ସାମ୍ପ୍ରଦାୟିକ ସଦଭାବ ବଜାୟ ରଖିବା ପାଇଁ ଆହ୍ୱାନ କରିଥିଲେ। ପୂଜା ମଣ୍ଡପ ଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଏବଂ ସଚେତନତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଥିଲା। ପ୍ରଶାସନର ଏହି ପଦକ୍ଷେପ ସୋର ଅଞ୍ଚଳରେ ଏକ ଶାନ୍ତିପୂର୍ଣ୍ଣ ଏବଂ ଆନନ୍ଦଦାୟକ ପରିବେଶରେ ଗଣେଶ ପୂଜା ସମ୍ପନ୍ନ ହେବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

## ନକଲି ସାର ବୋଝେଇ ଅଟୋ ଧରି ପୋଲିସ ଜିମା ଦେଲେ ବିଜେପି କୃଷକ ମୋର୍ଚ୍ଚା ସଭାପତି

**ବାଲେଶ୍ୱର(ମାନିସ):** ବାଲେଶ୍ୱର ସଦର ଖାନନଗର ଅଞ୍ଚଳରେ ନକଲି ସାର କାରବାରକୁ ପର୍ଦ୍ଦାଫାଶ କରିଛି ବାଲେଶ୍ୱର ଜିଲ୍ଲା କୃଷକ ମୋର୍ଚ୍ଚା। ଚାଷୀଙ୍କ ହିତରେ ସରକାର, ଚାଷୀଙ୍କ ସାଙ୍ଗରେ ସରକାର। ହେଲେ କିଛି ଦଲାଲ ଓ ଅସାଧୁ ବ୍ୟକ୍ତି ନକଲି ସାର କାରବାର କରି ସରକାରଙ୍କୁ ବଦନାମ କରିବାର ଯେଉଁ ଅପଚେଷ୍ଟା କରୁଛନ୍ତି, କୃଷକ ମୋର୍ଚ୍ଚା ତାହାକୁ କେବେବି ପ୍ରଶ୍ରୟ ଦେବ ନାହିଁ।ନକଲି ସାର ବୋଝେଇ ଅଟୋ ଚାଲାଣ ବେଳେ ଖବର ପାଇ ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସଭାପତି ତାପସ କୁମାର ମହାନ୍ତି ଆଜି ଖାନନଗର ଠାରେ ଅଟୋକୁ ଧରି ସଦର ଥାନାରେ ଜିମା ଦେଇଛନ୍ତି। ଏହାସହ ବିଭାଗୀୟ ଅଧିକାରୀମାନଙ୍କୁ ଡାକି ସାରର ନମୁନା ସଂଗ୍ରହ କରାଇ ପରୀକ୍ଷା ପାଇଁ ଲାବରେଟୋରୀକୁ ପଠାଇବାର ବ୍ୟବସ୍ଥା କରିଥିଲେ।

# ଘର କବାଟ ଭାଙ୍ଗି ୮୫ ହଜାର ନଗଦ ସହ ୭୪ ଗ୍ରାମ ସୁନା ଲୁଟ୍

**କାମାକ୍ଷାନଗର:** କାମାକ୍ଷାନଗର ସହରରେ ଚୋରି ଓ ଲୁଟ୍ ଘଟଣାକୁ ନେଇ ପୁଣି ଚିନ୍ତା ବଢ଼ିଛି। କଲେଜ ନିକଟରେ ଥିବା ଏକ ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତ କବାଟ ଭାଙ୍ଗି ଘର ଭିତରେ ପଶିବା ସହ ଆଲମିରା ଓ

**ଅପରାଧ ନିୟନ୍ତ୍ରଣ ବ୍ୟବସ୍ଥାକୁ ନେଇ ପୁଣି ପ୍ରଶ୍ନ**

ଗଡ଼ରେଜ୍ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟିନେଇଥିବା ଅଭିଯୋଗ ହୋଇଛି। ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ କାମାକ୍ଷାନଗର ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।କଲେଜ ନିକଟରେ ଘର କରି ରହୁଥିବା ଶିବରାମ ମହାକୁଡଙ୍କ ପତ୍ନୀ ଭାନୁପ୍ରିୟା ମହାକୁଡ ଅସୁସ୍ଥ ଥିବାରୁ ଗତକାଲି ଶିବରାମ ତାଙ୍କୁ ନେଇ ଭୁବନେଶ୍ୱର ମେଡିକାଲ ଯାଇଥିଲେ। ଏହି



ସମୟରେ ଘରେ କେହି ନଥିଲେ।

ଘର ଖାଲି ଥିବାର ସୁଯୋଗ ନେଇ ଲୁଟେରାମାନେ ଘରର କବାଟ ଭାଙ୍ଗି ଭିତରକୁ ପଶିଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଘର ଭିତରେ ଥିବା ଆଲମିରା ଓ ଗଡ଼ରେଜ୍ ମଧ୍ୟ ଭାଙ୍ଗିଥିବା ଜଣାପଡ଼ିଛି। ପରିବାର ପକ୍ଷରୁ ଦିଆଯାଇଥିବା ଅଭିଯୋଗଅନୁଯାୟୀ, ଘରୁ ୮୫ ହଜାର ଟଙ୍କା ନଗଦ ସହ ପ୍ରାୟ ୭୪ ଗ୍ରାମ ସୁନା ଲୁଟ୍ ହୋଇଛି। ଲୁଟ୍ ହୋଇଥିବା ଅଳଙ୍କାର ମଧ୍ୟରେ ସୁନା ହାର, ରାଣୀହାର, ବ୍ରେସଲେଟ୍, ଦୁଇଟି ମୁଦି ଓ ଦୁଇଟି ଚୁଡ଼ି ରହିଥିବା ଅଭିଯୋଗରେ ଦର୍ଶାଯାଇଛି।ମେଡିକାଲରୁ ଫେରି ଶିବରାମ ଓ ତାଙ୍କ ପତ୍ନୀ ରାତି ପ୍ରାୟ ୮ଟା ୩୫ରେ ଘରେ ପହଞ୍ଚିବା ପରେ ଲୁଟ୍ ଘଟଣା ସାମ୍ନାକୁ ଆସିଥିଲା। ଘରର କବାଟ ଭଙ୍ଗା ଦେଖି ସନ୍ଦେହ ହେବା ପରେ ଘର ଭିତରକୁ ଯାଇ ଆଲମିରା ଓ ଗଡ଼ରେଜ୍ ଭଙ୍ଗା ଥିବା ଦେଖିଥିଲେ। ପରେ ଘରେ ରଖାଯାଇଥିବା ଟଙ୍କା ଓ ସୁନା ଅଳଙ୍କାର ନଥିବା ଜଣାପଡ଼ିଥିଲା।ଖବର ପାଇ କାମାକ୍ଷାନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘର ଯାଞ୍ଚ କରିବା ସହ ତଦନ୍ତ ଚଳାଇଛି। ଲୁଟେରାମାନେ କେଉଁ ପଥରେ ଆସିଥିଲେ ଏବଂ ଘଟଣା ପରେ କେଉଁ ଦିଗକୁ ଯାଇଛନ୍ତି, ସେନେଇ ତଦନ୍ତ କରାଯାଉଛି। ଆଖପାଖ ଅଞ୍ଚଳରେ ସିସିଟିଭି ଥିଲେ ତାହାର ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତଙ୍କ ସମ୍ପର୍କରେ ସୁରାକ ପାଇବାକୁ ପୁଲିସ ଉଦ୍ୟମ କରୁଥିବା ଜଣାପଡ଼ିଛି।

# ଅବସରପ୍ରାପ୍ତ ସାମ୍ବାଦିକଙ୍କ ପାଇଁ ଶୀଘ୍ର ପେନସନ୍ ଯୋଜନା ଦାବି

**ବ୍ରହ୍ମପୁର(ମାନିସ):** ରାଜ୍ୟର ଅବସରପ୍ରାପ୍ତ ଓ ଅବସର ନେବାକୁ ଥିବା ସାମ୍ବାଦିକମାନଙ୍କ ପାଇଁ ତୁରନ୍ତ ପେନସନ୍ ଯୋଜନା ଲାଗୁ କରିବାକୁ ସିନିୟର ଜର୍ନାଲିଷ୍ଟସ୍ ଆସୋସିଏସନ୍ ଅଫ୍ ଓଡ଼ିଶା ପୁଣିଥରେ ଦାବି କରିଛି। ଏଥିସହ ଓଡ଼ିଶା ହାଇକୋର୍ଟଙ୍କ ଅନୁକୂଳ ନିର୍ଦ୍ଦେଶ ଅନୁଯାୟୀ ଆଉ ବିଳମ୍ବ ନକରି ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ସଂଘ ଅନୁରୋଧ କରିଛି।




ଦେଶର ପ୍ରାୟ ୧୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଅବସରପ୍ରାପ୍ତ ଗଣମାଧ୍ୟମ କର୍ମୀଙ୍କ ପାଇଁ ପେନସନ୍ ଯୋଜନା କିମ୍ବା ଅନୁରୂପ ଆର୍ଥିକ ସହାୟତା ପ୍ରଚଳିତ ରହିଛି। ଦୀର୍ଘ ବର୍ଷ ଧରି ସେବା ପ୍ରଦାନ କରିଥିବା ସାମ୍ବାଦିକମାନଙ୍କ ଅବସର ପରବର୍ତ୍ତୀ ସାମାଜିକ ସୁରକ୍ଷାର ଆବଶ୍ୟକତାକୁ ସ୍ୱୀକାର କରି ଏହି ବ୍ୟବସ୍ଥା କରାଯାଇଛି। ତେବେ ଓଡ଼ିଶାରେ ଏଯାବତ୍ ସାମ୍ବାଦିକମାନଙ୍କ ପାଇଁ ସ୍ୱତନ୍ତ୍ର ଅବସରକାଳୀନ ପେନସନ୍ ଯୋଜନା ଲାଗୁ ହୋଇନାହିଁ। SJAO ସଭାପତି କାହ୍ନୁ ଚରଣ ନନ୍ଦ କହିଛନ୍ତି ଯେ, ସାମ୍ବାଦିକମାନେ ନିଜ ଜୀବନର ଉତ୍ପାଦନଶୀଳ ସମୟକୁ ଜନସାଧାରଣଙ୍କୁ ସୂଚନା ପ୍ରଦାନ, ନାଗରିକ ସମସ୍ୟାକୁ ସାମ୍ନାକୁ ଆଣିବା ଏବଂ ଗଣତାନ୍ତ୍ରିକ ଅନୁଷ୍ଠାନକୁ ସୁଦୃଢ଼ କରିବାରେ ନିୟୋଜିତ କରିଥାନ୍ତି। ଅବସର ପରେ ସେମାନଙ୍କୁ ଆର୍ଥିକ ଅନିଶ୍ଚିତତା ମଧ୍ୟରେ ଛାଡ଼ି ଦିଆଯିବା ଉଚିତ ନୁହେଁ।

୨୦୨୨ ମସିହାରୁ ଏହି ଦାବି ନେଇ ସଂଘ ରାଜ୍ୟ ସରକାରଙ୍କ ସହ ଆଲୋଚନା ଓ ଯୋଗାଯୋଗ ଜାରି ରଖିଥିବା ବେଳେ ପରେ ବରିଷ୍ଠ ସାମ୍ବାଦିକମାନଙ୍କୁ ପେନସନ୍ ସୁବିଧା ପ୍ରଦାନ ପାଇଁ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଚଳିତ ବର୍ଷ ଜୁନ୍ ମାସରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ତିନି ମାସ ମଧ୍ୟରେ ଏ ସମ୍ପର୍କରେ ନୀତିଗତ ନିଷ୍ପତ୍ତି ନେବାକୁ କହିଥିଲେ। ୬୦ ବର୍ଷ ଓ ତଦୁର୍ଦ୍ଧ୍ୱ ବୟସର ସାମ୍ବାଦିକମାନଙ୍କୁ ମାସିକ ପେନସନ୍ ପ୍ରଦାନ ନେଇ ପ୍ରସ୍ତାବ ସରକାରଙ୍କ ସକ୍ରିୟ ବିଚାରାଧୀନ ଥିବା ହାଇକୋର୍ଟ ଦର୍ଶାଇଥିଲେ ବୋଲି କାହ୍ନୁ ଚରଣ ନନ୍ଦ କହିଛନ୍ତି।

ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ SJAO ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଆବଶ୍ୟକ ପ୍ରଶାସନିକ ପ୍ରକ୍ରିୟା ଆରମ୍ଭ କରିବା ସହ ଯୋଗ୍ୟ ଅବସରପ୍ରାପ୍ତ ସାମ୍ବାଦିକମାନଙ୍କୁ ଏହି ସୁବିଧା ପ୍ରଦାନ ପାଇଁ ଏକ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ଦାବି କରିଛି।

ଏହି ଦାବି କେବଳ ଆର୍ଥିକ ସହାୟତା ପାଇଁ ନୁହେଁ, ବରଂ ଜନସ୍ୱାର୍ଥ ଓ ଗଣତନ୍ତ୍ରର ସୁଚାରୁ କାର୍ଯ୍ୟକାରିତା ପାଇଁ ନିଜର କର୍ମଜୀବନ ଉତ୍ସର୍ଗ କରିଥିବା ସାମ୍ବାଦିକମାନଙ୍କ ପ୍ରତି ସମ୍ମାନ, ମର୍ଯ୍ୟାଦା ଓ ସାମାଜିକ ସୁରକ୍ଷାର ପ୍ରଶ୍ନ ବୋଲି ସଂଘ କହିଛି। ବ୍ରହ୍ମପୁର ଠାରେ ଆୟୋଜିତ ସଭାରେ ସୁନୀଲ ମୋହନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। କେନ୍ଦ୍ରୀୟ ନେତୃତ୍ୱ ମଧ୍ୟରେ ଉପସଭାପତି ପ୍ରଦୀପ୍ତ ଚୌଧୁରୀ, ଉପଦେଷ୍ଟା ଦେବେନ୍ଦ୍ର ସିଂହ, କାର୍ଯ୍ୟକାରୀ ସଦସ୍ୟା ଦୀପ୍ତିମୟୀ କର, ସାଧାରଣ ସମ୍ପାଦକ ଆଶୁତୋଷ ବେହେରା, ସଂଗଠନ ସମ୍ପାଦକ ବିପ୍ଳବ ମହାନ୍ତି, ଶରତ ବେହେରା, ଅଜିତ ପଣ୍ଡା, ରବି ନାରାୟଣ ମିଶ୍ର, ଜ୍ୟୋତିରଞ୍ଜନ ଦାସ, ଗରୁଡ଼ଧ୍ୱଜ ଚୌଧୁରୀ, ସ୍ୱରୂପ ଦାସ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପାଞ୍ଚଟି ଜିଲ୍ଲାରୁ ବରିଷ୍ଠ ସାମ୍ବାଦିକମାନେ ଏହି ବୈଠକରେ ଯୋଗ ଦେଇଥିଲେ।

ପ୍ରଶାନ୍ତ କୁମାର ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଭୟ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନୀଲ ପାଢ଼ୀ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଅବସରପ୍ରାପ୍ତ ସାମ୍ବାଦିକମାନଙ୍କ ପାଇଁ ପେନସନ୍ ଯୋଜନା ଶୀଘ୍ର ଲାଗୁ କରିବା ଦିଗରେ ରାଜ୍ୟ ସରକାର ସକାରାତ୍ମକ ପଦକ୍ଷେପ ନେବେ ବୋଲି SJAO ପ୍ରତିନିଧିମାନେ ଆଶା ପ୍ରକାଶ କରିଛନ୍ତି। ଓଡ଼ିଶାର ଅବସରପ୍ରାପ୍ତ ସାମ୍ବାଦିକମାନଙ୍କ ପାଇଁ ଏକ ପ୍ରଭାବୀ ସାମାଜିକ ସୁରକ୍ଷା ବ୍ୟବସ୍ଥା ପ୍ରତିଷ୍ଠା ନହେବା ପର୍ଯ୍ୟନ୍ତ ଏହି ଦାବି ଜାରି ରଖିବ ବୋଲି ସଂଘ ସ୍ପଷ୍ଟ କରିଛି।

## ସ୍କୁଲ ଭିତରେ ପଶି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଆକ୍ରମଣ ଘଟଣାରେ ଜିଲ୍ଲାପାଳଙ୍କୁ ଦାବିପତ୍ର

**କେନ୍ଦ୍ରାପଡ଼ା:** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ସାହସପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ଚାଲୁଥିବା ସମୟରେ କାଙ୍କଦିଆ ଗ୍ରାମର ରଂଜନ ମହାପାତ୍ର ନାମକ ଜଣେ ବ୍ୟକ୍ତି ବିଦ୍ୟାଳୟ ପରିସରକୁ ପ୍ରବେଶ କରି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର ସହ ତାଙ୍କୁ ଟଣାଓଟରା କରିଥିଲା । ଏନେଇ ବିଦ୍ୟାଳୟ ପରିସର ରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏ ବିଷୟରେ ସଦର ଥାନାରେ ଅଭିଯୋଗ ହେବାପରେ ଥାନା ଅଧିକାରୀ ଏକମାମଲା ରୁଜୁ କରିଛନ୍ତି । ସ୍କୁଲ ପରିସରରେ ଏଭଳି ପରିସ୍ଥିତି ସୃଷ୍ଟି ହେବା ଦ୍ୱାରା ସ୍କୁଲରେ ଶିକ୍ଷାଦାନ କରୁଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଭୟଭୀତ ଅବସ୍ଥାରେ ରହିଛନ୍ତି । ବିଦ୍ୟାଳୟ ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହିତ ସୋମବାର ୭ ତାରିଖ ଠାରୁ ବିଦ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବରେ ଧାରଣାରେ ବସିବେ ବୋଲି ଜିଲ୍ଲାପାଳଙ୍କୁ ଜଣାଇବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

## କାଟାମାଟି ଖଣିରେ ଲେବଲିଂକୁ ନେଇ ବିବାଦ

**ବଲାଣି(ମାନିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ଅଞ୍ଚଳ ଅଧୀନରେ ଥିବା ଟାଟା ଷ୍ଟିଲ୍‌ର କାଟାମାଟି ଖଣିରେ ଲେବଲିଂ କାର୍ଯ୍ୟକୁ ନେଇ ଏବେ ଦେଖାଦେଇଛି ବିବାଦ। ଅଞ୍ଚଳବାସୀଙ୍କ ଅଭିଯୋଗ, ଦୀର୍ଘ ବର୍ଷ ଧରି ବିଜେଡି ନେତା ବିଜେପି ନେତାଙ୍କୁ ସାଙ୍ଗରେ ନେଇ ଲେବଲିଂ କାର୍ଯ୍ୟ ବନ୍ଦ କରିବାକୁ ଚାପ ସୃଷ୍ଟି କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେବେ ପ୍ରଶ୍ନ ଉଠୁଛି ରାଜନୀତି ର ଲଢେଇ ରେ ଗରିବ ଆଦିବାସୀଙ୍କ



ଏହି କାମ କରି ଅନେକ ସ୍ଥାନୀୟ ଆଦିବାସୀ ପରିବାର ନିଜର ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି।

ଖଣିରେ ସିଧାସଳଖ ନିଯୁକ୍ତି ସୁଯୋଗ ସୀମିତ ଥିବାରୁ, ଲୋହାପଥର ବୋଝେଇ ଟ୍ରକ୍‌ରେ ଲେବଲିଂ କାର୍ଯ୍ୟ କରି ମିଳୁଥିବା ଅର୍ଥକୁ ମିଳିମିଶି ବାଣ୍ଟି ନେଇ ପରିବାର ଚଳାଉଥିବା କହିଛନ୍ତି ସ୍ଥାନୀୟ ଲୋକେ। କିନ୍ତୁ ଏବେ ଏହି ରୋଜଗାର ବନ୍ଦ କରିବାକୁ ଉଦ୍ୟମ ହେଉଥିବା ନେଇ ଅଭିଯୋଗ ଆସିଛି। ବିଲେଇପଦା ଅଞ୍ଚଳର କିଛି ରୋଜଗାର କାହିଁକି ବନ୍ଦ ପଡିବ ? ଲେବଲିଂ କାର୍ଯ୍ୟରେ ଯଦି କୌଣସି ନିୟମଗତ ସମସ୍ୟା ରହିଛି, ତେବେ ପ୍ରଶାସନ ଓ କମ୍ପାନୀ ପକ୍ଷରୁ ସ୍ପଷ୍ଟତା ଆସିବା ଆବଶ୍ୟକ। ନଚେତ ଦୀର୍ଘଦିନ ଧରି ଏହି କାମ ଉପରେ ନିର୍ଭର କରୁଥିବା ପରିବାରଙ୍କ ଜୀବିକା ସୁରକ୍ଷିତ କରିବା ଦାବି ଜୋର ଧରିବା ସ୍ୱାଭାବିକ। ଅଭିଯୋଗର ସତ୍ୟତା କେତେ ? କିଏ ଚାହୁଁଛି ଏହି ରୋଜଗାର ବନ୍ଦ ହେଉ ? ଏହାର ଉତ୍ତର ଏବେ ଅଞ୍ଚଳବାସୀ ଓ ପ୍ରଶାସନ ଅପେକ୍ଷା କରିଛନ୍ତି।

## କୁଡାଲୋଇ କୋଲବ୍ଲକକୁ ଗ୍ରାମବାସୀଙ୍କ ଦୃଢ଼ ବିରୋଧ

**ଝାରସୁଗୁଡା:** କୁଡାଲୋଇ କୋଲବ୍ଲକ ଅଂଚଳରେ କୋଇଲା ଖଣି କାର୍ଯ୍ୟକୁ ନେଇ ଗ୍ରାମବାସୀଙ୍କ ବିରୋଧ ତୀବ୍ର ହେବାରେ ଲାଗିଛି। ଗତ ଜୁଲାଇ ୨୫ ତାରିଖରେ କୁଡାଲୋଇ ଗ୍ରାମ୍ୟ ଜଙ୍ଗଲରୁ ଗଛ ଉପାଡ଼ିବା ପାଇଁ ବେଦାନ୍ତ କମ୍ପାନୀ ପକ୍ଷରୁ ପୁଲିସ ବାହିନୀ ସହ ଆସିଥିବା ଅଭିଯୋଗ କରି ଗ୍ରାମବାସୀ ଏହାକୁ ଦୃଢ଼ ବିରୋଧ କରିଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ସେମାନେ ଦେଇଥିବା ବିଭିନ୍ନ ଆପତ୍ତି ଓ ଅଭିଯୋଗକୁ ଅଣଦେଖା କରାଯାଇଛି। ଏପରିକି ଗ୍ରାମସଭା ବିବରଣୀରେ ହେରଫେର, ସାମାଜିକ ସମୀକ୍ଷା ସମୟରେ ଗ୍ରାମବାସୀଙ୍କ ମତାମତ ନନେଇ ଭୁଲ ଓ ବିଭ୍ରାନ୍ତିକର ତଥ୍ୟ ଆଧାରରେ ରିପୋର୍ଟ ପ୍ରସ୍ତୁତ କରାଯିବା ଏବଂ ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ତାହାକୁ ଗ୍ରହଣ କରାଯିବା ଭଳି ଅଭିଯୋଗ ରହିଛି। ଏହାସହ ଫର୍ଜରୀ ଗ୍ରାମସଭା ଆଧାରରେ ଜଙ୍ଗଲ ଜମି ଡାଇଭର୍ସନ ପାଇଁ ଅନୁମୋଦନ ଦିଆଯାଇଥିବା ନେଇ ମଧ୍ୟ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଉପରୋକ୍ତ ଅଭିଯୋଗ ଓ ସମସ୍ୟାଗୁଡ଼ିକୁ ଜିଲ୍ଲା ପ୍ରଶାସନ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ଗ୍ରାମବାସୀ ଲଖନପୁର ତହସିଲଦାରଙ୍କୁ ପ୍ରସ୍ତାବ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଶନିବାର ଅପରାହ୍ନ ୩ଟା ସମୟରେ ପରଧିଆ ଡେରା ଜଂଘା ବଡ଼ଦେଓ ମନ୍ଦିର ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଏବଂ ଲଖନପୁର ତହସିଲଦାର ପ୍ରସନ୍ନ କୁମାର ପଟେଲ ଉପସ୍ଥିତ ଥିଲେ। ଗ୍ରାମବାସୀ ଏହି ଅବସରରେ ନିଜର ବିଭିନ୍ନ ଅଭିଯୋଗ ଓ ଆପତ୍ତି ପ୍ରଶାସନିକ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ ଶୁଣିବା ପରେ ଉପଜିଲ୍ଲାପାଳ ଝାରସୁଗୁଡ଼ା ଜିଲ୍ଲାରେ ଥଇଥାନ ଓ ପୁନର୍ବାସ ସମ୍ପର୍କିତ କେଉଁ କେଉଁ ସୁବିଧା ଯୋଗାଇ ଦିଆଯାଇପାରିବ, ସେ ସମ୍ପର୍କରେ ଗ୍ରାମବାସୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ତେବେ ଗ୍ରାମବାସୀ ନିଜ ଦାବିରେ ଅଟଳ ରହିଥିବା ଜଣାପଡ଼ିଛି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପୂର୍ବରୁ ଦିଆଯାଇଥିବା ଅଭିଯୋଗଗୁଡ଼ିକର ସମାଧାନ ନକରି କୋଇଲା ଖଣି ପାଇଁ ଆଗକୁ ବଢ଼ିବାକୁ ସେମାନେ ସମ୍ମତ ନୁହନ୍ତି। ଜୟବୁଡ଼ିଆର ସମସ୍ତ ଗ୍ରାମବାସୀ ଏକସ୍ୱରରେ କୋଇଲା ଖଣିକୁ ବିରୋଧ କରିଥିବା ସେମାନେ ପ୍ରକାଶ କରିଛନ୍ତି।

# ଘରେ ଘରେ ଜର, ଜଣେ ଏଏନଏମଙ୍କ ଭରସାରେ ୧୨ ହଜାର ଲୋକ

**ଉମରକୋଟ:** ଦେହହାତ ଥରୁଛି । କେବେ କାଶ ତ ଆଉ କେବେ ବାନ୍ତି ବାନ୍ତି ଲାଗୁଛି । ମଝିରେ ମଝିରେ କମ୍ପୁଛି ଶରୀର । ଦୁର୍ବଳ ଲାଗୁଛି । ଚାଲିବାକୁ ବଳ ପାଉନି । ଗତ ୭/୮ ଦିନ ହେଲା ଦେହରେ ଜ୍ୱର ହେଲା ପରିଅନୁଭବ ହେଉଛି । ୩/୪ ଦିନ ହେଲା ଟିକେ ଅଧିକ ହେଉଛି । ଖଟରେ ପଡ଼ି ରହିଛି । ଏ ହେଉଛି ଜ୍ୱରରେ ପୀଡ଼ିତ ୭୦ ବର୍ଷର ବୃଦ୍ଧ ସଦାନନ୍ଦ ମାଝୀଙ୍କ ବେଦନାଭରା କଥା । ଉମରକୋଟ ବ୍ଲକ୍ ତୋହରା ପଞ୍ଚାୟତ ପଦମଝରେ ଗାଁରେ ଘର । ଜ୍ୱର ପାଇଁ ଔଷଧ ଖାଇନାହାନ୍ତି । ପୁଅ ବିଲବାଡ଼ି କାମରେ ଲାଗିଛି । ଫୁରସତ୍ ଟିକିଏ ମିଳିଲେ ଡାକ୍ତରଖାନା ଯାଇ ପୁଅ ଔଷଧ ଆଣିବ ବୋଲି ସଦାନନ୍ଦ କହିଛନ୍ତି ।

ସଦାନନ୍ଦଙ୍କ ପରି ତାଙ୍କ ଗାଁର ଚନ୍ଦ୍ରସିଂ ଗୌଡ଼ ଏବଂ ପାଖ ଗାଁ ଅର୍ଜୁନପାଣିର ଗୁରୁବାରୀ (୪୭)ଙ୍କ ସମେତ ଆହୁରି ୭/୮ ଜଣଙ୍କଠାରେ ଏମିତି ଲକ୍ଷଣମାନ ଦେଖାଦେଇଛି । ଏହି ଦୁଇ ଗାଁ ବାଦ୍ ଆଖପାଖର ଗାଁରେ ଅନେକ ଲୋକ ଅସୁସ୍ଥ ଥିବା ଜଣାପଡ଼ିଛି । ପ୍ରତି ଘରେ କେହି ନା କେହି ଜଣେ ଅସୁସ୍ଥ ଅଛନ୍ତି । ବିଡ଼ମ୍ବନା ହେଉଛି, ଦେହ ଅସୁସ୍ଥ ହେବା ସତ୍ତ୍ୱେ ଔଷଧ



ଟିକିଏ ମିଳୁନି । ଗାଁ ପାଖରେ ମେଡିକାଲ ନାହିଁ । ଗାଁକୁ ଚାରିଚକିଆ ଯା'ଆସ କରିପାରୁନି । ୧୫ କିଲୋମିଟର ଦୂର ଗଲେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୨୫ କିମି ଗଲେ ଉମରକୋଟ ଉପସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ହେଲେ ଗମନାଗମନ ପାଇଁ କଣ୍ଟା ସାଜିଛି ଦୁର୍ଗମ ପଥ । ଏପରିକି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସବୁ ସମୟରେ ରହୁନାହାନ୍ତି । ଏପରି ସ୍ଥିତିରେ ନା ସ୍ୱାସ୍ଥ୍ୟକର୍ମୀ ନା ମେଡିକାଲ ଟିମ୍ କେହି ଆସୁନାହାନ୍ତି । ଭାଗ୍ୟକୁ ଆଦରି ଜୀବନ ସହ ସଂଘର୍ଷ କରୁଛନ୍ତି ରୋଗୀ । ନଚେତ୍ କ୍ୱାକ୍‌ଙ୍କ ଦ୍ୱାରା ତୁଟୁକା ଚିକିତ୍ସାକୁ ଭରସା କରି ରହୁଛନ୍ତି । ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ତୋହରା ପଞ୍ଚାୟତରେ ସ୍ୱାସ୍ଥ୍ୟସେବାର ଏହି ବିକଳଚିତ୍ର ଅନୁସନ୍ଧାନ ପରେ ସାମ୍ନାକୁ ଆସିଛି ।

ଉମରକୋଟଠାରୁ ପ୍ରାୟ ୨୫ କିମି ଦୂରରେ ରହିଛି ତୋହରା ପଞ୍ଚାୟତ । ପଞ୍ଚାୟତରେ ୧୮ଖଣ୍ଡ ଗାଁର ୪୦ଟି ପଡ଼ା ଗାଁ ରହିଛି । ପଞ୍ଚାୟତରୁ ୧୫ କିମି ଦୂର ପଦମଝରି ଓ ଅର୍ଜୁନପାଣି ଗାଁ । ଉଭୟ ଗାଁରେ ୧୪ ଶହରୁ ଅଧିକ ଲୋକ ବସବାସ କରୁଛନ୍ତି । ଉଭୟ ଗାଁର ଚାରିପଟେ ଘଞ୍ଚ

**ଦୁର୍ଗମ୍ ଗାଁରେ ରୋଗୀଙ୍କ ଦୁର୍ଦ୍ଦଶା: ପଦମଝରି, ଅର୍ଜୁନପାଣିକୁ ସ୍ୱାସ୍ଥ୍ୟ ବିଭାଗର ନଜର ନାହିଁ**

ଜଙ୍ଗଲ ଓ ପାହାଡ଼ । ଗତ କିଛିଦିନ ହେଲା ଗାଁର ପ୍ରତ୍ୟେକ ଘରେ ଜ୍ୱର । ଡାକ୍ତର ନ ଥିବାରୁ କି ପ୍ରକାର ଜ୍ୱର ହେଉଛି ଲୋକେ ଜାଣିପାରୁ ନାହାନ୍ତି । ଅର୍ଜୁନପାଣିରେ ୭ ଜଣ ଶଯ୍ୟାଶାୟୀ ରୋଗୀ ଏବଂ ପଦମଝରିରେ ୨ ଜଣ ରୋଗୀଙ୍କୁ ଭେଟି ପଚାରିବାରୁ ସେମାନେ ଜ୍ୱର ହେଲେ ଥରୁଥିବା କହିଥିଲେ । ହୁଏତ ମ୍ୟାଲେରିଆ ହୋଇଥାଇପାରେ । ଏପର୍ଯ୍ୟନ୍ତ କୌଣସି ଡାକ୍ତରୀ ଟିମ୍ ଗାଁରେ ପହଞ୍ଚି ନାହିଁ । ୩ ସପ୍ତାହ ପର୍ଯ୍ୟନ୍ତ ଜ୍ୱର ଓ କାଶ ରହୁଥିବା ଗ୍ରାମବାସୀ କହିଛନ୍ତି । କେବଳ ପଦମଝରି ଓ ଅର୍ଜୁନପାଣି ନୁହେଁ । ପଞ୍ଚାୟତର ଦଲସର୍ଗି, ଧୁଙ୍ଗିଆପାଣି ଓ ବିରାଲାଠି ସହ ପ୍ରାୟ ୧୬ଟି ଦୁର୍ଗମଗାଁରେ ଏଭଳି ସ୍ଥିତି ରହିଛି । ପରିମଳ ସୁଧାରିବା ସହ ବ୍ଲିଚିଂ ବ୍ୟବସ୍ଥା ନ ଥିବାରୁ ରୋଗ ବ୍ୟାପିବା ଆଶଙ୍କା ରହିଛି । ସ୍ୱାସ୍ଥ୍ୟ ସଚେତନତାର ଅଭାବ ମଧ୍ୟ ସମସ୍ୟାକୁ ଆହୁରି ଜଟିଳ କରିଛି । ଗାଁଗୁଡ଼ିକରେ ଆଶା ଓ ଅଙ୍ଗନବାଡ଼ି କେନ୍ଦ୍ର ରହିଥିଲେ ମଧ୍ୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ୧୫ କିମି ଦୂରରେ ଥିବାରୁ ଜରୁରି ସମୟରେ ରୋଗୀଙ୍କୁ ଚିକିତ୍ସା ମିଳିବା କଷ୍ଟକର ହୋଇପଡୁଛି । ମାତ୍ର ଜଣେ ଏଏନ୍‌ଏମ୍ ଥିବାରୁ ଏହି ପଞ୍ଚାୟତରେ ସ୍ୱାସ୍ଥ୍ୟସେବା ଚିନ୍ତାଜନକ ସ୍ଥିତିରେ ରହିଛି ।

ଏ ସମ୍ପର୍କରେ ପୂଜାରୀଗୁଡ଼ା ମେଡିକାଲ ଇନ୍ ଚାର୍ଜ ଡାକ୍ତର ପତିତପାବନ ଦ୍ୱିବେଦୀ କହିଛନ୍ତି, ନିକଟରେ ପାଣିପାଗର ପରିବର୍ତ୍ତନ ହୋଇଥିବାରୁ ଜ୍ୱର ବ୍ୟାପୁଛି । ପଦମଝରି ଓ ଅର୍ଜୁନପାଣି ଗାଁରେ ଜ୍ୱର ବ୍ୟାପିବା ଖବର ତାଙ୍କ ପାଖରେ ନାହିଁ । ବହୁଶୀଘ୍ର ଏକ ମେଡିକାଲ ଟିମ୍ ପଠାଯାଇ ଲୋକଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯିବ । ସେହିପରି ଜନସଂଖ୍ୟା ଦୃଷ୍ଟିରୁ ଆଉ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ଦେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସେ କହିଛନ୍ତି ।

ମାତୃଭାଷା



# ଅନଲାଇନ୍ ନିର୍ଯାତନାର ଶିକାର ହେଲେ ପାୱାରଲିଫ୍ଟର କେୟା

**ନୂଆଦିଲ୍ଲୀ, ୭।୯:** ଆଇପିଏଫ୍ ବିଶ୍ୱ ଉପକନିଷ୍ଠ ଓ କନିଷ୍ଠ କ୍ଲାସିକ୍ ଶକ୍ତିଉତ୍ତୋଳନରେ ଚମକପ୍ରଦ ପ୍ରଦର୍ଶନ ପରେ ପାୱାରଲିଫ୍ଟର କେୟା କୁନାଲ ବାନାର୍ଜୀଙ୍କୁ ସାରା ଦେଶରେ ପ୍ରଶଂସା କରାଯାଉଥିବାବେଳେ ସେ ଏକ ବଡ଼ ଅଭିଯୋଗ ଆଣିଛନ୍ତି। ଏହି ପ୍ରତିଯୋଗିତାରେ ବିଜୟ ପରେ ସୋସିଆଲ ମିଡିଆରେ ତାଙ୍କୁ ଯେତିକି ପ୍ରଶଂସା ମିଳୁଛି ତାଠାରୁ ଅଧିକ ନିର୍ଯାତନା ଓ କଟାକ୍ଷ ମିଳୁଛି ବୋଲି ସେ ଅଭିଯୋଗ କରିଛନ୍ତି।



୨୧ ବର୍ଷୀୟା ବାନାର୍ଜୀ ଦକ୍ଷିଣ ଆଫ୍ରିକାର ସନ୍ ସିଟିରେ ଆୟୋଜିତ ଚାମ୍ପିଅନସିପ୍‌ର କନିଷ୍ଠ ମହିଳା ୪୭ କେଜି ବର୍ଗରେ ୧୪୦ କେଜି ଓଜନ ଉଠାଇଥିଲେ। ତାଙ୍କ ଡେଡ୍‌ଲିଫ୍ଟ ତାଙ୍କ ପ୍ରତିଯୋଗିତା ସମୟର ଓଜନ ୪୫.୭୦ କେଜିର ତିନିଗୁଣରୁ ମଧ୍ୟ ଅଧିକ ଥିଲା। ଏହି ପ୍ରଦର୍ଶନ ପାଇଁ ସେ ବ୍ୟକ୍ତିଗତ ଡେଡ୍‌ଲିଫ୍ଟ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ। କିନ୍ତୁ ଏହି ସଫଳତା ପରେ ସୋସିଆଲ୍ ମିଡିଆରେ ତାଙ୍କୁ ମିଳିଥିବା ଧ୍ୟାନ ଖୁବ୍‌ଶୀଘ୍ର ଅସ୍ୱସ୍ତିକର ରୂପ ନେଇଥିଲା। ବାନାର୍ଜୀଙ୍କ ନାମରେ ନକଲି ଆକାଉଣ୍ଟ ଖୋଲାଯିବା ସହ ତାଙ୍କ ଫଟୋର ଅପବ୍ୟବହାର କରାଯାଇଥିଲା। ଏପରିକି ତାଙ୍କ ଚେହେରା ଓ ପରିଚୟକୁ ବ୍ୟବହାର କରି ହଜାର ହଜାର ଅନଧିକୃତ ଏଆଇ-ନିର୍ମିତ ବିକୃତ ଛବି ମଧ୍ୟ ତିଆରି କରାଯାଇଥିଲା।

# ଦୁଲୀପ ଟ୍ରଫିରେ ଇଷାନଙ୍କ ଡବଲ୍ ସେଞ୍ଚୁରୀ

**ନୂଆଦିଲ୍ଲୀ, ୭।୯:** ଯେଉଁଠି ମେଣ୍ଟର ବଡ଼,ସେହିଠାରେ ମିଳିବେ ଇଶାନ କିଷନ । ଦୁଲୀପ ଟ୍ରଫିରେ ଇଶାନ ଧମାକା । ଚିପକ ଷ୍ଟାଡିୟମରେ ପୂର୍ବାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଦୁଲୀପ ଟ୍ରଫି ଫାଇନାଲ୍ ଫାଇଟ୍ ଜାରି ରହିଛି । ଏଥିରେ ପୂର୍ବାଞ୍ଚଳର ଦବଦବା ଦେଖିବାକୁ ମିଳିଛି । ଇଷ୍ଟଜୋନ୍ କ୍ୟାପଟେନ୍ ଇଷାନ କିଷନ ଡବଲ ସେଞ୍ଚୁରୀ ହାସଲ କରିଛନ୍ତି । ଇଶାନଙ୍କର ଏହି ଧମାକା ପରେ ସେ ରିଟାୟର୍ଡ ହର୍ଟ ହୋଇଛନ୍ତି । କିନ୍ତୁ ପୂର୍ବାଞ୍ଚଳର ରାଜୁତି ଦେଖିବାକୁ ମିଳିଛି । ୧୩ ବର୍ଷ ପରେ ଦୁଲୀପ ଟ୍ରଫି ଫାଇନାଲ ଖେଳୁଥିବା ଇଷ୍ଟଜୋନ୍ ସାଉଥ୍ ଜୋନ ଉପରେ ଭାରି ପଡିଛି ।

ଇଷ୍ଟଜୋନ୍ ଅଧିନାୟକ ଇଶାନ କିଷନ ପୁଣି ଥରେ ପ୍ରମାଣ କରିଛନ୍ତି ଯେ, ସେ ଜଣେ ବଡ଼ ମ୍ୟାଚ୍ ଖେଳାଳି । ଚେନ୍ନାଇର ଏମ୍ ଏ ଚିଦାମ୍ବରମ୍ ଷ୍ଟାଡିୟମରେ ଦକ୍ଷିଣ ଜୋନ୍ ବିପକ୍ଷରେ ଏହି ବାମହାତୀ ବ୍ୟାଟର ଚମତ୍କାର ଦ୍ୱିଶତକ ହାସଲ କରିଛନ୍ତି । ଇଶାନ କିଷନ ୩୦୧ ବଲରେ ୨୫୦ ରନର ଦମଦାର ଡବଲ ସେଞ୍ଚୁରୀ ହାସଲ କରିଛନ୍ତି । ତାଙ୍କ ବ୍ୟାଟରୁ ୨୭ ଚୌକା ଓ ୬ ଛକା ବାହାରିଛି ।

**କୁମାର କୁଶାଗ୍ରଙ୍କ ଶତକ**

**ଦୃଢ଼ ସ୍ଥିତିରେ ଇଷ୍ଟଜୋନ୍**

ତାଙ୍କ ଷ୍ଟ୍ରାଇକ୍ ରେଟ୍ ୮୩.୦୬ ଥିଲା । ଇଶାନ କିଷନଙ୍କ ଦ୍ୱିଶତକ ଏଥିପାଇଁ ସ୍ୱତନ୍ତ୍ର କାରଣ ସେ ୧୦ ବର୍ଷ ପରେ ପ୍ରଥମ ଶ୍ରେଣୀ କ୍ରିକେଟରେ ଏହି ଚମତ୍କାର କରିଛନ୍ତି । ଦ୍ୱିଶତକ ପରେ ଇଶାନ ରିଟାୟର୍ଡ ହର୍ଟ ହୋଇଥିଲେ । କିନ୍ତୁ ଫାଇନାଲରେ ପୂର୍ବାଞ୍ଚଳର ଦବଦବା ଦେଖିବାକୁ ମିଳିଛି । ରିପୋର୍ଟ ଲେଖାଯିବା ସୁଦ୍ଧା ଦଳୀୟ ସ୍କୋର ୬୨୬ରେ ପହଞ୍ଚିଛି । ଇଶାନଙ୍କ ସହ କୁମାର କାଶଗ୍ରେ ଶତକ ହାସଲ କରିଛନ୍ତି ।



ଇଶାନ କିଷନଙ୍କ ଐତିହାସିକ ଦ୍ୱିଶତକ- ୨୦୧୬ରେ ଇଶାନ କିଶନ ତାଙ୍କର ପ୍ରଥମ ଦ୍ୱିଶତକ ହାସଲ କରିଛନ୍ତି । ଏହା ମଧ୍ୟ ତାଙ୍କ ପ୍ରଥମ ଶ୍ରେଣୀ କ୍ୟାରିୟରର ପ୍ରଥମ ସଫଳତା । ଦିଲ୍ଲୀ ବିପକ୍ଷରେ ୨୭୩ ରନର ଇନିଂସ ଖେଳିଥିଲେ । ଇଶାନ କିଶନ ପ୍ରଥମ ଶ୍ରେଣୀ କ୍ରିକେଟରେ ଏପର୍ଯ୍ୟନ୍ତ ୧୦ଟି ଶତକ ହାସଲ କରିଛନ୍ତି । ଇଶାନ କିଷନଙ୍କ ଦ୍ୱିଶତକ ମଧ୍ୟ ସ୍ୱତନ୍ତ୍ର କାରଣ ପ୍ରଥମ ଥର ପାଇଁ ଦୁଲୀପ ଟ୍ରଫି ଫାଇନାଲରେ ଇଷ୍ଟଜୋନର ଜଣେ ବ୍ୟାଟର ଦ୍ୱିଶତକ ହାସଲ କରିଛନ୍ତି । ଦୁଲୀପ ଟ୍ରଫିରେ ପୂର୍ବ ଜୋନର କେବଳ ଦୁଇ ଜଣ ବ୍ୟାଟର ଦ୍ୱିଶତକ ହାସଲ କରିବାରେ ସକ୍ଷମ ହୋଇଛନ୍ତି । ୧୯୮୬ ରେ ଅରୁଣ ଲାଲ ଏବଂ ୧୯୯୫ ରେ ସବା କରିମ ଏହି ସଫଳତା ହାସଲ କରିଥିଲେ । ଅର୍ଥାତ୍ ୩୧ ବର୍ଷ ପରେ ଇଷ୍ଟଜୋନର ଜଣେ ବ୍ୟାଟର ଦୁଲୀପ ଟ୍ରଫିରେ ଦ୍ୱିଶତକ ହାସଲ କରିଛନ୍ତି ।

ବଡ଼ ମ୍ୟାଚରେ ଇଶାନଙ୍କ ବ୍ୟାଟିଂ ବିସ୍ଫୋରଣ- ଗତ ୨ ବର୍ଷ ମଧ୍ୟରେ ଇଶାନ କିଶନ ସବୁବେଳେ ବଡ଼ ମ୍ୟାଚରେ ନିଜକୁ ପ୍ରମାଣିତ କରିଛନ୍ତି । ଟି-୨୦ ବିଶ୍ୱକପର ଫାଇନାଲରେ ଚମତ୍କାର ଅର୍ଦ୍ଧଶତକ ହାସଲ କରିଥିଲେ । ସେ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିର ଫାଇନାଲରେ ଶତକ ହାସଲ କରି ଝାଡ଼ଖଣ୍ଡକୁ ଚାମ୍ପିୟନ କରିଥିଲେ । ବର୍ତ୍ତମାନ ସେ ଦୁଲୀପ ଟ୍ରଫିର ଫାଇନାଲରେ ଚମତ୍କାର ପ୍ରଦର୍ଶନ କରିଛନ୍ତି।

# ଗୋଟିଏ ଦିନରେ ୨ ମ୍ୟାଚ୍ ଖେଳିବ ଟିମ୍ ଇଣ୍ଡିଆ !

**ନୂଆଦିଲ୍ଲୀ, ୭।୯:** ଅକ୍ଟୋବର ୩ ଭାରତୀୟ କ୍ରିକେଟ୍ ପାଇଁ ଐତିହାସିକ ସାବ୍ୟସ୍ତ ହୋଇପାରେ । ଏହି ଦିନ ଭାରତର ଦୁଇଟି ପୁରୁଷ କ୍ରିକେଟ୍ ଦଳ ଏକ ସମୟରେ ଦୁଇଟି ଅଲଗା ଅଲଗା ଦେଶରେ ମଇଦାନକୁ ଓହ୍ଲାଇପାରନ୍ତି । ଗୋଟିଏ ଟିମ୍ ନ୍ୟୁ ଚଣ୍ଡୀଗଡ଼ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ଶେଷ ମ୍ୟାଚ୍ ଖେଳିବ । ଅନ୍ୟପଟେ ଦ୍ୱିତୀୟ ଦଳଟି ଜାପାନରେ ଏସୀୟ କ୍ରୀଡ଼ା ମେଡାଲ୍ ପାଇଁ ଲଢେଇ କରୁଥିବାର ଦେଖିବାକୁ ମିଳିପାରେ ।

ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଦିନିକିଆ ସିରିଜ୍ ?ର ତୃତୀୟ ତଥା ଶେଷ ମ୍ୟାଚ୍ ଅକ୍ଟୋବର ୩ ଅପରାହ୍ନ ୨ଟାରୁ ଖେଳାଯିବ । ସେହି ଦିନ ଜାପାନର ନିଶିନ୍ ସ୍ଥିତ କୋରୋଗୀ ସ୍ପୋର୍ଟସ ପାର୍କରେ ପୁରୁଷ କ୍ରିକେଟ୍ ପ୍ରତିଯୋଗିତାର ବ୍ରୋଞ୍ଜ ଏବଂ ଗୋଲ୍ଡ ମେଡାଲ୍ ମ୍ୟାଚ୍ ଖେଳାଯିବ । ଭାରତ ଯଦି ଫାଇନାଲ୍ ଟିକେଟ୍ ହାସଲ କରେ, ତେବେ ଅକ୍ଟୋବର ୩ରେ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିବା ପାଇଁ ପଡ଼ିଆକୁ ଓହ୍ଲାଇବ । ସେମିଫାଇନାଲରେ ହାରିବା ସ୍ଥିତିରେ ଦଳ ବ୍ରୋଞ୍ଜ ପଦକ ପାଇଁ ଖେଳିବ ।

ଭାରତୀୟ ପୁରୁଷ କ୍ରିକେଟ୍ ଦଳକୁ ଏସୀୟ କ୍ରୀଡ଼ାରେ ସିଧାସଳଖ କ୍ୱାଟରଫାଇନାଲ୍‌ରେ ସ୍ଥାନ ମିଳିଛି । ଦଳ ସେପ୍ଟେମ୍ବର ୨୮ରେ ଗ୍ରୁପ୍-ଏ'ର ଦ୍ୱିତୀୟ ସ୍ଥାନରେ ଥିବା ଦଳ ବିପକ୍ଷରେ ନିଜର ପ୍ରଥମ ମ୍ୟାଚ୍ ଖେଳିବ । ଏହି ଗ୍ରୁପରେ

**୨୮ ବର୍ଷ ପରେ ସୃଷ୍ଟି ହୋଇପାରେ ବିରଳ ସଂଯୋଗ**

ଆଫଗାନିସ୍ତାନ, ଜାପାନ ଏବଂ ନେପାଳ ସାମିଲ ଅଛନ୍ତି । କ୍ୱାଟରଫାଇନାଲ୍ ଜିତୁଥିବା ଦଳ ଅକ୍ଟୋବର ୧ରେ ସେମିଫାଇନାଲ୍ ଖେଳିବ । ଭାରତ ଏସୀୟ କ୍ରୀଡ଼ାରେ ବର୍ତ୍ତମାନର ଚାମ୍ପିଅନ୍ ଅଛି । ୨୦୨୩ ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ ଭାରତ ପୁରୁଷ କ୍ରିକେଟରେ ସ୍ୱର୍ଣ୍ଣ ପଦକ ଜିତିଥିଲା ।

ଏସୀୟ କ୍ରୀଡ଼ା ପାଇଁ ଚୟନ ହୋଇଥିବା ଭାରତୀୟ ଦଳକୁ କେବଳ ଯୁବ କିମ୍ବା ଦ୍ୱିତୀୟ ଶ୍ରେଣୀର ଦଳ କହିବା କଷ୍ଟକର । ଶ୍ରେୟସ ଆୟରଙ୍କୁ ଅଧିନାୟକ କରାଯାଇଥିବା ବେଳେ ଦଳରେ ଅଭିଷେକ ଶର୍ମା, ସଞ୍ଜୁ ସାମସନ୍, ଇଶାନ କିଷାନ, ତିଲକ ବର୍ମା, ଶିବମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ୍ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ଜସପ୍ରୀତ ବୁମରା, ହର୍ଷିତ ରାଣା, ଅର୍ଶଦୀପ ସିଂହ ଏବଂ ୱୈଭବ ସୂର୍ଯ୍ୟବଂଶୀଙ୍କ ଭଳି ଖେଳାଳି ସାମିଲ ଅଛନ୍ତି ।



ଭାରତ ପାଇଁ ଗୋଟିଏ ଦିନରେ ଦୁଇଟି ଅଲଗା ଅଲଗା ଦେଶରେ ଦୁଇଟି ପୁରୁଷ ଦଳ ଖେଳିବା ପରିସ୍ଥିତି ନୂଆ ନୁହେଁ । ଏହାପୂର୍ବରୁ ୧୯୯୮ ସେପ୍ଟେମ୍ବର ୧୨ରେ ଏପରି ଘଟିଥିଲା । କୁଆଲାଲମ୍ପୁରରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସମୟରେ ସଚିନ ତେନ୍ଦୁଲକର, ଅନିଲ କୁମ୍ବଲେ, ଅଜୟ ଜାଡେଜା ଏବଂ ଭି.ଭି.ଏସ୍. ଲକ୍ଷ୍ମଣଙ୍କ ଭଳି ତାରକା ଖେଳାଳିଙ୍କୁ ନେଇ ଗଠିତ ଭାରତୀୟ ଦଳ କାନାଡାକୁ ୧୧୨ ରନ୍ ?ରେ ପରାସ୍ତ କରିଥିଲା । ଭାରତ ୧୫୭/୯ ସ୍କୋର କରିଥିଲା ଏବଂ କୁମ୍ବଲେ ୪/୧୧ର ଚମତ୍କାର ବୋଲିଂ କରି କାନାଡାକୁ ମାତ୍ର ୪୫ ରନରେ ଅଲଆଉଟ୍ କରିଦେଇଥିଲେ ।

ସେହି ଦିନ ଟୋରଣ୍ଟୋରେ ଦ୍ୱିତୀୟ ଭାରତୀୟ ଦଳ 'ସାହାରା ଫ୍ରେଣ୍ଡସିପ୍ କପ୍'ରେ ପାକିସ୍ତାନର ସାମ୍ନା କରିଥିଲା । ମହମ୍ମଦ ଅଜହରୁଦ୍ଦୀନଙ୍କ ଅଧିନାୟକତ୍ୱରେ ଖେଳୁଥିବା ସେହି ଦଳରେ ସୌରଭ ଗାଙ୍ଗୁଲୀ, ରାହୁଲ ଦ୍ରାବିଡ, ନବଜୋତ ସିଂହ ସିଦ୍ଧୁ, ଜୱାଗଲ ଶ୍ରୀନାଥ ଏବଂ ଅଜିତ ଅଗରକରଙ୍କ ଭଳି ଖେଳାଳି ଥିଲେ । ଗାଙ୍ଗୁଲୀ ୫୪ ରନ୍ କରିବା ସହ ୩ଟି ୱିକେଟ୍ ମଧ୍ୟ ନେଇଥିଲେ, ଯାହା ବଳରେ ଭାରତ ପାକିସ୍ତାନକୁ ୬ ୱିକେଟ୍‌ରେ ପରାସ୍ତ କରିଥିଲା ।

୧୯୯୮ରେ ଦୁଇଟି ପୃଥକ ଦଳର ଆବଶ୍ୟକତା ଏକ ସମୟରେ ଆସିଥିଲା, କିନ୍ତୁ ୨୦୨୬ର ପରିସ୍ଥିତି ଭାରତୀୟ କ୍ରିକେଟ୍‌ର ବର୍ତ୍ତମାନର ଦକ୍ଷତା ଓ ଗଭୀରତାକୁ ଦର୍ଶାଉଛି । ଗୋଟିଏ ପଟେ ଦିନିକିଆ ଦଳରେ ରୋହିତ ଶର୍ମା, ବିରାଟ କୋହଲି, ଶୁଭମନ ଗିଲ, କେ.ଏଲ. ରାହୁଲ ଏବଂ କୁଲଦୀପ ଯାଦବଙ୍କ ଭଳି ଖେଳାଳି ରହିପାରନ୍ତି, ଅନ୍ୟପଟେ ଏସୀୟ କ୍ରୀଡ଼ା ଦଳ ମଧ୍ୟ ଅନ୍ତର୍ଜାତୀୟ ଅନୁଭବରେ ପରିପୂର୍ଣ୍ଣ ରହିବ ।

# ତ୍ରିରାଷ୍ଟ୍ରୀୟ ଟ୍ରଫି ଜିତିଲା ଦକ୍ଷିଣ ଆଫ୍ରିକା



**ନୂଆଦିଲ୍ଲୀ, ୭।୯:** ଜୋର୍ଡାନ ହର୍ମାନଙ୍କ ଧୂଆଁଧାର ୫୩ ରନ୍ ବଳରେ ଫାଇନାଲରେ ଜିମ୍ବାୱେକୁ ୪୮ ରନ୍‌ରେ ହରାଇ ତ୍ରିରାଷ୍ଟ୍ରୀୟ ଟ୍ରଫି ଜିତିଛି ଦକ୍ଷିଣ ଆଫ୍ରିକା। ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୫ ୱିକେଟ୍‌ରେ ୨୦୫ ରନ୍ କରିଥିଲା। ଜୋର୍ଡାନ୍ ହର୍ମାନ୍ ୨୯ ବଲ୍‌ରୁ ୫୩ ରନ୍ କରିଥିଲେ। ସେହିପରି କନର ଇଷ୍ଟରହୁଇଜେନ ଓ ଦେୱାଲ୍ଡ ବ୍ରେଭିସ୍ ୩୨ ରନ୍ ଲେଖାଏଁ କରିଥିଲେ। ଜିମ୍ବାୱେ ପକ୍ଷରୁ ବ୍ରାଡ୍ ଇଭାନ୍ସ ଓ ନ୍ୟୁମ୍ୟାନ ନ୍ୟାମୁରି ୨ ଲେଖାଏଁ ୱିକେଟ୍ ନେଇଥିଲେ। ଜବାବରେ ଜିମ୍ବାୱେ ୧୮ ଓଭରରେ ୧୫୭ ରନ୍‌ରେ ଅଲଆଉଟ୍ ହୋଇଥିଲା। ଦଳ ପକ୍ଷରୁ ବ୍ରାଡ୍ ଇଭାନ୍ସ ୩୧ ବଲ୍‌ରୁ ଅପରାଜିତ ୫୬ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ବିଜୋର୍ନ ଫର୍ଟୁଇନ୍ ଓ ଡୁଆନ୍ ଜାନସେନ୍ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଆୟୋଜକ ନାମିବିଆ ତୃତୀୟ ଦଳ ଭାବେ ଏହି ଶୃଙ୍ଖଳା ଖେଳିଥିଲେ ମଧ୍ୟ ଫାଇନାଲରେ ପହଞ୍ଚିପାରିନଥିଲା। ଜୋର୍ଡାନ ହର୍ମାନଙ୍କୁ ମ୍ୟାଚ୍‌ର ଏବଂ ଦେୱାଲ୍ଡ ବ୍ରେଭିସ୍‌ଙ୍କୁ ଶୃଙ୍ଖଳାରେ ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା।

# ମହିଳା ଏସିଆ କପରେ ପୁଣି ଟ୍ରଫି ବିବାଦ ଆଶଙ୍କା

**ନୂଆଦିଲ୍ଲୀ, ୭।୯:** ମହିଳା ଏସିଆ କପ୍ ଫାଇନାଲ୍‌ରେ ପୁଣି ଟ୍ରଫି ବିବାଦ ଦେଖାଦେବା ଆଶଙ୍କା ରହିଛି। କାରଣ ଏସିଆନ୍ କ୍ରିକେଟ୍ ପରିଷଦ (ଏସିସି) ଓ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଅଧ୍ୟକ୍ଷ ମୋହସିନ୍ ନକ୍‌ଭୀ ସେପ୍ଟେମ୍ବର ୧୩ରେ ହେବାକୁ ଥିବା ଫାଇନାଲ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ସମ୍ଭାବନା ରହିଛି। ଭାରତ ଯଦି ଚାମ୍ପିଅନ ହୁଏ ତେବେ ପୁଣି ପୁରୁଷ ଏସିଆ କପ୍ ପରି ବିବାଦ ଦେଖିବାକୁ ମିଳିପାରେ। ୨୦୨୫ ପୁରୁଷ ଏସିଆ କପ୍ ଫାଇନାଲ୍‌ରେ ନକ୍‌ଭୀଙ୍କ ହାତରୁ ସୂର୍ଯ୍ୟକୁମାର ଯାଦବ ନେତୃତ୍ୱାଧୀନ ଭାରତୀୟ ଦଳ ଟ୍ରଫି ନେଇନଥିଲା। ପରେ ନକ୍‌ଭୀ ଟ୍ରଫିକୁ ନିଜ ସହ ନେଇଯାଇଥିଲେ। ଏହି ଟ୍ରଫି ଏବେବି ଭାରତ ହାତକୁ ଆସିନାହିଁ। ଚଳିତ ଟୁର୍ଣ୍ଣାମେଣ୍ଟରେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତ ସେମିଫାଇନାଲ୍‌ରେ ପହଞ୍ଚିଛି ଏବଂ ଟାଇଟଲ୍ ଦାବିଦାର ରହିଛି। ଏପରି ସ୍ଥିତିରେ ଭାରତ ଫାଇନାଲ୍‌ରେ ଜିତିଲେ ନକଭିଙ୍କ ହାତରୁ ଟ୍ରଫି ଗ୍ରହଣ କରିବ କି ନାହିଁ, ଯଦି ଗ୍ରହଣ ନ କରେ ତେବେ ପୁଣି ଥରେ କ'ଣ ନକ୍‌ଭୀ ଟ୍ରଫି ନିଜ ସହ ନେଇଯିବେ ? ଏସବୁ ପ୍ରଶ୍ନକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଶନିବାର ହୋଇଥିବା ଭାରତ-ପାକିସ୍ତାନ ମ୍ୟାଚ୍‌ରେ ହରମନପ୍ରୀତ ଓ ପାକିସ୍ତାନ ଅଧିନାୟିକା ସାନା ମୀର ପରସ୍ପର ସହ ହାତ ମିଳାଇନଥିଲେ।



## ୟୁଏସ୍ ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ

# କ୍ୱାର୍ଟରରେ ଆଲକାରାଜ, ସାବାଲେଙ୍କା

**ନ୍ୟୁୟର୍କ, ୭।୯:** ଆହତ ହୋଇ ଦୀର୍ଘଦିନ ପରେ କୋର୍ଟକୁ ଫେରିଥିବା ଡିଫେଣ୍ଡିଂ ଚାମ୍ପିଅନ୍ କାର୍ଲୋସ୍ ଆଲକାରାଜ ୟୁଏସ୍ ଓପନ୍‌ରେ ଚମତ୍କାର ପ୍ରଦର୍ଶନ ଜାରି ରଖିଛନ୍ତି। ରବିବାର ସେ ଆମେରିକାର ଟମି ପଲ୍‌ଙ୍କୁ ସିଧାସଳଖ ୬-୪, ୬-୩, ୬-୪ ସେଟ୍‌ରେ ପରାସ୍ତ କରି କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ସିଡ୍ ଆଲକାରାଜ ଏପ୍ରିଲ୍‌ରେ ଡାହାଣ ହାତର ମଣିବନ୍ଧ ଆହତ ହେବା ପରେ ପ୍ରଥମ ଥର ପାଇଁ କୌଣସି ଟୁର୍ଣ୍ଣାମେଣ୍ଟରେ ଖେଳୁଛନ୍ତି। ୟୁଏସ୍ ଓପନ୍‌ରେ ଏହା ତାଙ୍କର ଏପର୍ଯ୍ୟନ୍ତ ସବୁଠାରୁ ପ୍ରଭାବଶାଳୀ ବିଜୟ।

୨୦ତମ ସିଡ୍ ଟମି ପଲ୍ ଏପର୍ଯ୍ୟନ୍ତ ଆଲକାରାଜଙ୍କୁ ସବୁଠାରୁ କଠିନ ଚ୍ୟାଲେଞ୍ଜ୍ ଦେଇଥିଲେ ମଧ୍ୟ ସ୍ପେନ୍‌ର ଏହି ତାରକା ତିନି ସେଟ୍‌ରେ ମ୍ୟାଚ୍ ଜିତି ନେଇଥିଲେ। କ୍ୱାର୍ଟର ଫାଇନାଲ୍‌ରେ ଆଲକାରାଜଙ୍କ ମୁକାବିଲା ଆମେରିକାର ବେନ୍ ସେଲ୍ଟନ୍‌ଙ୍କ ସହ ହେବ। ସେଲ୍ଟନ ୬-୨,୬-୩, ୬-୪ରେ ଷ୍ଟେଫାନୋଜ୍ ସିଟସିପାଜଙ୍କୁ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ସେହିପରି ଆମେରିକାର ଆଲେକ୍ସ ମାଇକେଲସେନ ଆର୍ଜେଣ୍ଟିନାର ଟି.ଏଚେଭେରିଙ୍କୁ ୭-୬,୬-୪,୬-୪ରେ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ୭ ନମ୍ବର ମାନ୍ୟତାପ୍ରାପ୍ତ ଡାନିଲ୍ ମେଦଭେଦେଭ୍ ଆମେରିକାର ଫ୍ରାନ୍ସିସ ଟିଆଫୋଏଙ୍କଠାରୁ ୬-୭,୪-୬,୬-୭ରେ ପରାସ୍ତ ହୋଇଛନ୍ତି।



ଅନ୍ୟପକ୍ଷରେ ମହିଳା ଏକକରେ ଡିଫେଣ୍ଡିଂ ଚାମ୍ପିଅନ୍ ଆରିନା ସାବାଲେଙ୍କା ମଧ୍ୟ ୟୁଏସ୍ ଓପନ୍‌ର ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ୍‌ରେ ପହଞ୍ଚିଛନ୍ତି। ଶେଷ ଆଠରେ ତାଙ୍କର ମୁକାବିଲା ୱିମ୍ବଲଡନ୍ ବିଜୟିନୀ ଲିଣ୍ଡା ନୋସ୍କୋଭାଙ୍କ ସହ ହେବ। ୩ ନମ୍ବର ମାନ୍ୟତାପ୍ରାପ୍ତ ଜେସିକା ପେଗୁଲା ରୋମାନିଆର ସୋରାନା ସିରଷ୍ଟିଆଙ୍କୁ ସିଧାସଳଖ ୬-୩,୬-୪ରେ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ସେହପରି ଆମେରିକାର ଏମା ନାଭାରୋ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ସେ ରୁଷିଆର ଆନ୍ନା କାଲିନ୍ସକାୟାଙ୍କୁ ସିଧାସଳଖ ୬-୪, ୬-୨ ସେଟ୍‌ରେ ପରାସ୍ତ କରିଥିଲେ।

# ହାଫ୍ ମାରାଥନ୍‌ରେ ଦୌଡୁଥିବା ବେଳେ ଅବସରପ୍ରାପ୍ତ ବୈଜ୍ଞାନିକଙ୍କ ମୃତ୍ୟୁ

**ମୁମ୍ବାଇ, ୭।୯:** ମହାରାଷ୍ଟ୍ରର ସାତାରା ଜିଲ୍ଲାରେ ହାଫ୍ ମାରାଥନ୍‌ରେ ଦୌଡୁଥିବା ବେଳେ ହୃଦ୍‌ଘାତରେ ୬୫ ବର୍ଷୀୟ ଅବସରପ୍ରାପ୍ତ ବୈଜ୍ଞାନିକଙ୍କ ମୃତ୍ୟୁ ଘଟିଛି। ମୃତକ ସଞ୍ଜୟ କଦମ ପୁଣେର ବାସିନ୍ଦା ଥିଲେ। ସେ ସେଣ୍ଟର ଫର୍ ଡେଭେଲପମେଣ୍ଟ ଅଫ୍ ଆଡଭାନ୍ସଡ୍ କମ୍ପ୍ୟୁଟିଂ (ସି-ଡାକ୍)ରେ କାର୍ଯ୍ୟ କରି ଅବସର ନେଇଥିଲେ। ରବିବାର ଆୟୋଜିତ ସାତାରା ହିଲ୍ ହାଫ୍ ମାରାଥନ୍‌କୁ ଦେଶର ଅନ୍ୟତମ କଠିନ ହାଫ୍ ମାରାଥନ୍ ଭାବେ ବିବେଚନା କରାଯାଏ। ପଶ୍ଚିମଘାଟର ଉଚ୍ଚ ଚଢ଼ାଇ ଓ ତୀବ୍ର ଢାଲୁ ରାସ୍ତା ଦେଇ ଏହି ୨୧.୧ କିଲୋମିଟର ଦୌଡ଼ ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୭,୭୦୦ ଜଣ ଧାବକ ଦୌଡ଼ ଶେଷ କରିଥିଲେ। ଆୟୋଜକଙ୍କ ସୂଚନା ଅନୁସାରେ, ପ୍ରଥମ ଥର ପାଇଁ ଏହି ଦୌଡ଼ରେ ଭାଗ ନେଇଥିବା କଦମ ରବିବାର ସକାଳ ପ୍ରାୟ ୯ଟା ୩୦ରୁ ୧୦ଟା ମଧ୍ୟରେ ପାୱାରହାଉସ୍ ଅଞ୍ଚଳ ନିକଟରେ ତଳକୁ ଦୌଡୁଥିବା ବେଳେ ଅସୁସ୍ଥ ଅନୁଭବ କରିଥିଲେ।

# ପାକିସ୍ତାନ ଅଧିନାୟକଙ୍କୁ ଦଣ୍ଡିତ କଲା ଆଇସିସି

*ଭାରତ ବିପକ୍ଷ ମ୍ୟାଚ୍‌ରେ ଆକ୍ରମଣାତ୍ମକ ଆଚରଣ ପ୍ରଦର୍ଶନ କରିବା ଫାତିମାଙ୍କୁ ମହଙ୍ଗା ପଡ଼ିଛି ।*

**ଦୁବାଇ, ୭।୯:** ଭାରତ ଠାରୁ ଲଜ୍ଜାଜନକ ଭାବେ ମହିଳା ଏସିଆ କପରେ ହାରିଥିବା ପାକିସ୍ତାନ ଅଧିନାୟକ ଫାତିମା ସାନାଙ୍କୁ ବଡ଼ ଝଟକା। ଭାରତ ବିପକ୍ଷ ମ୍ୟାଚ୍‌ରେ ଆକ୍ରମଣାତ୍ମକ ଆଚରଣ ପ୍ରଦର୍ଶନ କରିବା ଫାତିମାଙ୍କୁ ମହଙ୍ଗା ପଡ଼ିଛି।

ଆଇସିସି ବିଧିବଦ୍ଧ ଭାବେ ତାଙ୍କ ମ୍ୟାଚ୍‌କୁ ଫି'କୁ ୧୦% କାଟି ଦେଇଛି। ସେ ଆଇସିସି ଆଚରଣ ବିଧିର ଲେଭଲ ୧କୁ ଭାରତ ବିପକ୍ଷ ମ୍ୟାଚ୍‌ରେ ଉଲ୍ଲଙ୍ଘନ କରିଛନ୍ତି। ଏଥିପାଇଁ ତାଙ୍କୁ ଆଇସିସି ଦଣ୍ଡିତ କରିଛି।

ଆଇସିସି ପକ୍ଷରୁ କୁହାଯାଇଛି ଯେ ଫାତିମା ଆଇସିସି ଅରଚରଣ ବିଧିର ଧାରା ୨.୫ର ଉଲ୍ଲଙ୍ଘନ କରିଛନ୍ତି। ଏହି ଧାରା ଜଣେ ଖେଳାଳିଙ୍କ ଭାଷା, ଆଚରଣ ଓ ଇଙ୍ଗିତ ସହ ଜଡ଼ିତ। ଭାରତ ବିପକ୍ଷ ମ୍ୟାଚ୍ ବେଳେ ଫାତିମା ଏମିତି ଆଚରଣ ପ୍ରଦର୍ଶନ କରିଥିଲେ, ଯାହା ବ୍ୟାଟରଙ୍କୁ ଉସକାଇବା ଭଳି ରହିଥିଲା। ଏପରି ଆଚରଣ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଆଦୌ ଗ୍ରହଣୀୟ ନୁହେଁ।



ଏଥିପାଇଁ ଫାତିମାଙ୍କ ମ୍ୟାଚ୍ ଫି'କୁ ୧୦% କାଟ କରାଯିବା ସହ ତାଙ୍କ ଶୃଙ୍ଖଳଗତ ରେକର୍ଡରେ ଗୋଟିଏ ଡିମେରିଟ ପଏଣ୍ଟ ଯୋଡ଼ା ଯାଇଛି। ଏହା ୨୪ ମାସ ମଧ୍ୟରେ ତାଙ୍କର ଦ୍ୱିତୀୟ ଡି-ମେରିଟ ପଏଣ୍ଟ। ଏହାପୂର୍ବରୁ ଆୟର୍ଲ୍ୟାଣ୍ଡ ବିପକ୍ଷ ଟି-୨୦ ସିରିଜରେ ଫତିମାଙ୍କୁ ଗୋଟିଏ ଡିମେରିଟ ପଏଣ୍ଟ ମିଳିଥିଲା ବୋଲି ଆଇସିସି କହିଛି।

ଶନିବାର ଭାରତ ଓ ପାକିସ୍ତାନ ମହିଳା ଟିମ ମଧ୍ୟରେ ଗ୍ରୁପ ଏର ଗୋଟିଏ ମ୍ୟାଚ୍ ଖେଳା ଯାଇଥିଲା। ପାକିସ୍ତାନ ମାତ୍ର ୫୫ ରନ କରିଥିବା ବେଳେ ଭାରତ ୮.୪ ଓଭରରେ ୭ ୱିକେଟରେ ମ୍ୟାଚ୍ ଜିତି ନେଇଥିଲା।

ହେଲେ ଏହି ମ୍ୟାଚ୍‌ରେ ଫାତିମା ଭାରତର ଶେଫାଳି ବର୍ମାଙ୍କୁ ଆଉଟ କରିବା ପରେ ଅତ୍ୟନ୍ତ ଆକ୍ରମଣାତ୍ମକ ଢଙ୍ଗରେ ପ୍ୟାଭିଲିୟନ ଆଡ଼େ ଯିବାକୁ ଇଙ୍ଗିତ କରିଥିଲେ। ଏହା ଆଚରରଣ ବିଧିର ଉଲ୍ଲଙ୍ଘନ ବୋଲି ଆଇସିସି ବିବେଚିତ କରିଛି। ଏହାକୁ ଫାତିମା ଗ୍ରହଣ କରି ନେଇଛନ୍ତି। ତେଣୁ ଏହି ଘଟଣାର ଆଉ ବିଧିବଦ୍ଧ ଶୁଣାଣି ହେବାର ଆବଶ୍ୟକତା ନଥିବା ମଧ୍ୟ ଆଇସିସି ସ୍ପଷ୍ଟ କରିଛି।

# ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ଅଷ୍ଟ୍ରେଲିଆର ଟେଷ୍ଟ ଟିମ୍ ଘୋଷଣା

ମେଲବୋର୍ଣ୍ଣ, ୭।୯ ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ଟେଷ୍ଟ ଦଳ ଘୋଷଣା କରିଛି ଅଷ୍ଟ୍ରେଲିଆ । ଟେଷ୍ଟ ଦଳରେ ୧୬ ଜଣ ଖେଳାଳି ଅଛନ୍ତି । ଏହି ୧୬ ଜଣ ଖେଳାଳିଙ୍କ ମଧ୍ୟରୁ ଚୟନକର୍ତ୍ତାମାନେ ମଧ୍ୟ ତାଙ୍କ ଉପରେ

**• କନୋଲିଙ୍କ ସମେତ ୩ ଜଣଙ୍କର ଏଣ୍ଟ୍ରୀ**

**• ବଲ୍ ଟ୍ୟାମ୍ପରିଂ ପରେ ପ୍ରଥମଥର ଅଷ୍ଟ୍ରେଲିଆର ଦକ୍ଷିଣ ଆଫ୍ରିକା ଗସ୍ତ**

ଆତ୍ମବିଶ୍ୱାସ ପ୍ରକାଶ କରିଛନ୍ତି । ଏହି ଗସ୍ତ ପାଇଁ ଦଳରେ ମନୋନୀତ ହୋଇଥିବା ଖେଳାଳି ୬ ବର୍ଷ ତଳେ ସସପେଣ୍ଡ ହୋଇଥିଲେ । ସେମାନଙ୍କ ଉପରେ ପୁଣି ଭରସା କରିଛି କ୍ରିକେଟ୍ ଅଷ୍ଟ୍ରେଲିଆ । ବାଂଲାଦେଶ ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ୧-୧ ଡ୍ର ପରେ ଲାବୁସାନେଙ୍କ ଦଳରେ ସ୍ଥାନ ନେଇ ଦ୍ୱନ୍ଦ୍ୱ ଦେଖାଦେଇଥିଲା । କିନ୍ତୁ, ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ଦଳ ଘୋଷଣା ପରେ ଏହା ସ୍ପଷ୍ଟ ହୋଇଛି ଯେ, ସେମାନଙ୍କ ଉପରେ ଚୟନକର୍ତ୍ତାଙ୍କ ବିଶ୍ୱାସ ଏବେ ବି ଅକ୍ଷୁର୍ଣ୍ଣ ରହିଛି । ବିଶେଷ କରି ଦଳରେ ୩ ଜଣଙ୍କର ସେସ୍ୱାଲ୍ ଏଣ୍ଟ୍ରୀ ହୋଇଛି । କୁପର କନୋଲି, ମ୍ୟାଥ୍ୟୁ କୁନହେମ୍ୟାନ୍ ଏବଂ ମାଇକେଲ୍ ନେସେରଙ୍କୁ ସ୍ଥାନ ମିଳିଛି ।



ଟେଷ୍ଟ ସିରିଜ୍ ପାଇଁ ୨୦୧୮ ପରେ ଅଷ୍ଟ୍ରେଲିଆର ଏହା ପ୍ରଥମ ଦକ୍ଷିଣ ଆଫ୍ରିକା ଗସ୍ତ ହେବ । ୮ ବର୍ଷ ପୂର୍ବେ ଶେଷ ଗସ୍ତରେ ଘଟିଥିବା ବଲ୍ ଟ୍ୟାମ୍ପରିଂ ଘଟଣା ପରେ ବିଶ୍ୱ କ୍ରିକେଟରେ ହଲଚଲ ସୃଷ୍ଟି କରିଥିଲା। ଏହି ଘଟଣାରେ ୩ ଜଣ ଅଷ୍ଟ୍ରେଲୀୟ ଖେଳାଳି ଡେଭିଡ୍ ୱାର୍ଣ୍ଣର, ଷ୍ଟିଭ୍ ସ୍ମିଥ୍ ଏବଂ କ୍ୟାମେରନ୍ ବାନକ୍ରଫ୍ଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ସେମାନଙ୍କୁ ବ୍ୟାନ୍ କରାଯାଇଥିଲା । ବର୍ତ୍ତମାନର ଭ୍ରମଣ ଦଳର ସେହି ୩ ଖେଳାଳିଙ୍କ ମଧ୍ୟରୁ ଷ୍ଟିଭ୍ ସ୍ମିଥ୍ ହେଉଛନ୍ତି ଏକମାତ୍ର ଖେଳାଳି । କିନ୍ତୁ ସେହିବର୍ଷ ଟେଷ୍ଟ ଦଳରେ ଥିବା ଖେଳାଳି ୧୬ ଜଣିଆ ଦଳରେ ସ୍ଥାନ ପାଇଛନ୍ତି । ସେମାନେ ହେଲେ ଷ୍ଟିଭ୍ ସ୍ମିଥ୍, ପ୍ୟାଟ୍ କମିନ୍ସ, ଜୋସ୍ ହାଜେଲଉଡ୍, ନାଥନ୍ ଲିଅନ୍ ଏବଂ ମିଚେଲ ଷ୍ଟାର୍କ ।

ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ଅଷ୍ଟ୍ରେଲିଆର ଟେଷ୍ଟ ଦଳ- ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ଅଷ୍ଟ୍ରେଲିଆର ଟେଷ୍ଟ ଦଳରେ ପ୍ରାୟତଃ ସେହି ଖେଳାଳି ଅଛନ୍ତି ଯେଉଁମାନେ ବାଂଲାଦେଶ ବିପକ୍ଷ ମାକେ ଟେଷ୍ଟରେ ଦଳର ଅଂଶ ଥିଲେ । କୁପର କନୋଲି ମଧ୍ୟ ଦଳରେ ଏକ ସୁଯୋଗ ପାଇଛନ୍ତି . ଯାହା ପ୍ରମାଣ କରେ ଯେ, ଚୟନକର୍ତ୍ତାମାନେ ତାଙ୍କ ପାଇଁ ଏକ ଦୀର୍ଘକାଳୀନ ଯୋଜନା ବିଷୟରେ ଚିନ୍ତା କରୁଛନ୍ତି । ଚାଲନ୍ତୁ ନଜର ପକାଇବା ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ଅଷ୍ଟ୍ରେଲିଆର ଟେଷ୍ଟ ଦଳ ଉପରେ ।

**ଅଷ୍ଟ୍ରେଲିଆ ଦଳ: ପ୍ୟାଟ୍ କମିନ୍ସ (ଅଧିନାୟକ), ମିଚେଲ ଷ୍ଟାର୍କ, ଜୋସ୍ ହାଜେଲଉଡ୍, ଷ୍ଟିଭ୍ ସ୍ମିଥ୍, ଟ୍ରାଭିସ୍ ହେଡ୍, କୁପର କନୋଲି, ମାର୍ନସ୍ ଲାବୁସାନ୍, ସ୍କଟ୍ ବୋଲାଣ୍ଡ, ଜୋସ୍ ଇଙ୍ଗଲିସ୍, ମ୍ୟାଥ୍ୟୁ କୁନହେମ୍ୟାନ୍, କ୍ୟାମେରନ୍ ଗ୍ରୀନ୍, ଆଲେକ୍ସ କ୍ୟାରି, ନାଥନ୍ ଲାୟନ୍, ମାଇକେଲ୍ ନେସେର, ମ୍ୟାଥ୍ୟୁ ରେନଶା, ବିଉ ୱେବଷ୍ଟର ।**

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar